# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
20 APRIL 2026
ସୋମବାର
୨୦ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 332 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୩୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


୩ଡି ଗ୍ଲାସ୍ ସଲ୍ୟୁସନ୍‌ର ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ

# ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ଯୋଡ଼ିହେଲା ନୂଆ ଅଧ୍ୟାୟ

**ଭୁବନେଶ୍ୱର,୧୯।୪/ଏନ୍‌ଏନ୍‌ଏସ୍:**



ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଓ ଏସ୍‌ଆଇସିଏସ୍‌ଇଏମ୍ ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶାର ଶିଳ୍ପ ବିପ୍ଳବ ଯାତ୍ରାରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି।

ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ▶▶ ୬

# ଆଲୋଚନା ପାଇଁ ପ୍ରତିନିଧି ପଠାଇବନି ତେହରାନ୍

**ୱାଶିଂଟନ୍, ତେହରାନ୍, ୧୯।୪/ଏଜେନ୍ସି:**



ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ନେଇ ଇସଲାମାବାଦରେ ମଙ୍ଗଳବାର ଠାରୁ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। କିନ୍ତୁ ଏହା ପୂର୍ବରୁ ଇରାନ ରବିବାର ଦିନ ନିଜର ପ୍ରତିନିଧିମାନଙ୍କୁ ସେଠାକୁ ପଠାଇବାକୁ ସିଧାସଳଖ ମନା କରିଦେଇଛି। ଇରାନର ସରକାରୀ ନ୍ୟୁଜ୍ ଏଜେନ୍ସି 'ତସନିମ୍' ଅନୁସାରେ, ଯେପର୍ଯ୍ୟନ୍ତ ଇରାନ ଉପରେ ନୌସେନା ଅବରୋଧ ଜାରି ରହିବ, ସେପର୍ଯ୍ୟନ୍ତ ପାକିସ୍ତାନକୁ କୌଣସି ପ୍ରତିନିଧି ଦଳ ପଠାଯିବ ନାହିଁ କିମ୍ବା ଆମେରିକା ସହ କୌଣସି ଆଲୋଚନା କରାଯିବ ନାହିଁ।

ଅନ୍ୟପକ୍ଷେ ଇରାନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଧମକ ଦେଇ କହିଛନ୍ତି ଯେ ଇରାନ ପାଖରେ ଏହା ଶେଷ ସୁଯୋଗ।

**ଇରାନ୍ ପାଖରେ ଶେଷ ସୁଯୋଗ, ଚୁକ୍ତି ସ୍ୱାକ୍ଷର ନହେଲେ ଧୂଳିସାତ୍ କରିଦିଆଯିବ: ଟ୍ରମ୍ପ**

ଯଦି ଚୁକ୍ତି ନହୁଏ, ତେବେ ଇରାନର ଭିତ୍ତିଭୂମି ଉପରେ ବଡ଼ ଧରଣର ଆକ୍ରମଣ କରାଯିବ ଏବଂ ସମ୍ପୂର୍ଣ୍ଣ ଇରାନ୍‌କୁ ଧୂଳିସାତ୍ କରିଦିଆଯିବ। ▶▶ ୬

# ବାଣ କାରଖାନାରେ ବିସ୍ଫୋରଣ: ୨୩ ମୃତ

**ଚେନ୍ନାଇ,୧୯।୪/ଏଜେନ୍ସି:**

ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟନାରପଟ୍ଟୀ ଗାଁରେ ରବିବାର ଅପରାହ୍ନରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ▶▶ ୬


5001/21/2627

ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021



1001/16/2627

ପବିତ୍ର ଅକ୍ଷୟ ତୃତୀୟା ଅବସରରେ

ରାଜ୍ୟସ୍ତରୀୟ କୃଷକ ଦିବସ
ଏବଂ
ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ





ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଭର୍ତ୍ତୃହରି ମହତାବ
ସାଂସଦ, କଟକ

ଶ୍ରୀ ବୈଜୟନ୍ତ ପଣ୍ଡା
ସାଂସଦ, କେନ୍ଦ୍ରାପଡ଼ା

ଡ଼ଃ. ବିଭୁ ପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ବିଧାୟକ ବୃନ୍ଦ, କଟକ ଜିଲ୍ଲା

୨୦ ଅପ୍ରେଲ ୨୦୨୬ । ସକାଳ ୯ ଘଟିକା । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ବିଦ୍ୟାଧରପୁର, କଟକ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/1102/2/26-27/0001

## ୨ ବେଆଇନ୍ ଗୋ-ଚାଲାଣକାରୀ ଗିରଫ

**ବୁଗୁଡା,୧୯।୪/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ଛକରେ ଗତକାଲି ବିଳମ୍ବିତ ରାତିରେ ପେଟ୍ରୋଲିଂ ସମୟରେ ପୁଲିସ କବଜାରେ ଦୁଇ ଜଣ ବେଆଇନ ଗୋଚାଲାଣକାରୀ ପଡିଥିବା ବେଳେ ଦୁଇଟି ଗାଈ ସହ ଟାଟା-ଏସି ଗାଡି ଜବତ ହୋଇଥିବା ଜଣାଯାଇଛି। ଗିରଫ ହୋଇଥିବା ଦୁଇ ଗୋଚାଲାଣକାରୀ ହେଲେ ମକରାପଲ୍ଲୀ ଗ୍ରାମର ଭୀମସେନ ନାଇକ (୨୮)ଓ ବିଷ୍ଣୁ ନାଇକ (୨୭)। ଏନେଇ ପୁଲିସ ଏଏସଆଇ ରାଜକୁମାର ମହାପାତ୍ରଙ୍କ ଅଭିଯୋଗ କ୍ରମେ କେସ୍ ନଂ ୧୯୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ପ୍ରକାଶ ଯେ, ଶନିବାର



ବିଳମ୍ବିତ ରାତିରେ ମକରାପଲ୍ଲୀ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ବେଆଇନ ଗୋଚାଲାଣ ହେଉଥିଲା। ପେଟ୍ରୋଲିଂ ସମୟରେ ଗାଈ ବୋଝେଇ ଗାଡି(ନଂ - ଓଡି-୦୨-ଏଏର୍ - ୭୩୬୮)ଟି ବିରଞ୍ଚିପୁର ଛକରେ ପୋଲିସ କବଜାରେ ପଡିଥିଲା। ପୋଲିସ ଗାଡି ଓ ଗାଈ ଦୁଇଟିକୁ ଜବତ କରିବା ସହ ଗୋଚାଲାଣକାରୀ ଦୁହିଁଙ୍କୁ ଗିରଫ କରିଥିଲା। ପୋଲିସ ଜବତ ଗାଈ ଦୁଇଟିକୁ କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଇଥିବାବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି।

## ସମାଜସେବୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



**କୁକୁଡାଖଣ୍ଡି,୧୯।୪/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ବ୍ଲକ ଲୋଚାପଡାଠାରେ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କଲେ ସହରର ଯୁବ ସମାଜସେବୀ ସାପା ଅଜିତ ପାତ୍ର । ସେ ତାଙ୍କ ପେଟ୍ରୋଲ ପମ୍ପ ନିକଟରେ ରବିବାର ଦିନ ନିଜର ୩୯ତମ ଜନ୍ମଦିନ ଅବସରରେ ଏକ ମହତ୍ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଲୋଚାପଡା ନିକଟ ପେଟ୍ରୋଲ ପମ୍ପଠାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅପରାହ୍ନ ୫ଟାରୁ ସାଢେ ୮ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୁବକ, ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ଏସ୍. ଅଜିତ ପାତ୍ର କହିଥିଲେ ଯେ, 'ଜନ୍ମଦିନ କେବଳ କେକ୍ କାଟି ଘରେ ଆନନ୍ଦ ପାଳନ କରିବା ପରିବର୍ତ୍ତେ ବର୍ଷକୁ ଥରେ ସମସ୍ତଙ୍କ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ କରି ସମାଜରେ ରକ୍ତ ଅଭାବୀ ଲୋକଙ୍କୁ ସହଯୋଗ ହିଁ ପ୍ରକୃତ ସେବା। ରକ୍ତ ସଂଗ୍ରହରେ ବ୍ରହ୍ମପୁର ଏମକେସିଜି ମେଡିକାଲ ରକ୍ତ ଭଣ୍ଡାରର ଡାକ୍ତର ସହଯୋଗ କରିଥିଲେ। ଏହି ଅସରରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଓ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଉପସ୍ଥିତ ବ୍ୟକ୍ତି ନିୟମିତ ରକ୍ତଦାନ କରିବାକୁ ଶପଥ ନେଇଥିଲେ।

## ଦେଶୀ ବନ୍ଧୁକରେ ସାଙ୍ଗକୁ ହତ୍ୟା, ମୁଖ୍ୟ ଆସାମୀ ଫେରାର୍



**କନ୍ଧମାଳ, ୧୯।୪/ଏନ୍ଏନ୍ଏସ୍:** ଚକାପାଦ ବ୍ଲକ ଅନ୍ତର୍ଗତ କୁସୁମେଣ୍ଡି ଗ୍ରାମ ପଞ୍ଚାୟତସ୍ଥିତ ବୁଡ଼େଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସୂଚନା ପ୍ରକାରେ ଗ୍ରାମର ବିଭୁତି କହଁର ଗତ ଅଠର ତାରିଖ ରାତି ନଅଟା ବେଳେ ଖାଇସାରି ପରିବାର ସହିତ ଶୋଇବାକୁ ଗଲାବେଳେ ପ୍ରତାପ କହଁର ଏବଂ ସୁମନ ବିନ୍ଧାଣି ଦୁଇଟି ଦେଶୀ ବନ୍ଧୁକ ଧରି ବିଭୁତି କହଁର ଘରକୁ ଆସି ଗାଁ ନିକଟ କାମୁଟି ଜଙ୍ଗଲକୁ କୁଟୁରା ଶିକାର କରିବାକୁ ଯିବାପାଇଁ ବିଭୁତିଙ୍କୁ ଡାକିଥିଲେ। ବିଭୁତିଙ୍କୁ ରାତିରେ ବାହାରକୁ ଯିବା ପାଇଁ ତାଙ୍କ ବାପା ବାରଣ କରିଥିଲେ ମଧ୍ୟ ବିଭୁତି ସାଙ୍ଗ ମାନଙ୍କ କଥା କାଟି ନପାରି ସେମାନଙ୍କ ସହିତ ବାହାରି ଯାଇଥିଲେ। ହେଲେ ବିଭୁତିଙ୍କୁ ଜଣା ନଥିଲା ସେହି ରାତି ତାଙ୍କ ପାଇଁ ଶେଷ ରାତି ହେବ ବୋଲି। ତିନି ସାଙ୍ଗ ଯିବାର ମାତ୍ର ଅଧଘଣ୍ଟା ମଧ୍ୟରେ ଜଙ୍ଗଲରେ ଗୁଳି ଫୁଟିଥିବା ଶବ୍ଦ ଗାଁ ଲୋକଙ୍କ କାନରେ ପଡିଥିଲା। ଏହାର କିଛି ସମୟ ପରେ ଆସାମୀ ପ୍ରତାପ କହଁର ବିଭୁତିଙ୍କ ଘରକୁ ଆସି ବିଭୁତିଙ୍କ ବାପା ମାଧବ କହଁରଙ୍କୁ କହିଥିଲେ ମୋ ବନ୍ଧୁକରୁ ଗୁଳି ଫୁଟି ତମ ପୁଅ ମରିଗଲା। ଏକଥା ଶୁଣି ବିଭୁତିଙ୍କ ପରିବାର ସମେତ ଗାଁ ଲୋକ ଯାଇ ଜଙ୍ଗଲରେ ଦେଖନ୍ତିତ ବିଭୁତି କହଁରର ସେଠାରେ ରକ୍ତ ଜୁଡୁବୁଡୁ ହୋଇ ମରି ପଡ଼ିଛି। ଗାଁ ଲୋକ ଅସ୍ତ ବ୍ୟସ୍ତ ଥିବା ସମୟରେ ଘଟଣା ସ୍ଥଳରୁ ପ୍ରତାପ ଫେରାର ହୋଇ ଯାଇଥିବା ବେଳେ ଟିକାବାଲି ପୋଲିସ ସୁମନ ବିନ୍ଧାଣୀଙ୍କୁ ଗିରଫ କରିବା ସହିତ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଏହାର ଅଧିକ ତଦନ୍ତ ପାଇଁ ବୌଦ୍ଧରୁ ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରେ ବିଭିନ୍ନ ଦିଗ ଉପରେ ଯାଞ୍ଚ କରିବା ସହିତ ଗ୍ରାମବାସୀଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ଟିକାବାଲି ଥାନା ଅଧିକାରୀଙ୍କ ସମିର କୁମାର ବେହେରା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକସାଳୟକୁ ପଠେଇବା ସହିତ ଟିକାବାଲି ଥାନା କେଶ ନମ୍ବର ୮୬/୨୦୨୬ ରୁଜୁ କରି ଅଧିକ ତଦନ୍ତ ଚାଲିଥିବା କହିଛନ୍ତି।

### ଆଜି ଅକ୍ଷୟ ତୃତୀୟା

# ବଢ଼ିଚାଲିଛି ସୁନାଦର, ବଦଳୁଛି ଗ୍ରାହକଙ୍କ ରୁଚି

**ଆସିକା,୧୯।୪/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ୍ ୨୦ ତାରିଖରେ ଅକ୍ଷୟ ତୃତୀୟା ପାଳନ ହେବାକୁ ଥିବା ବେଳେ ସୁନା ଓ ରୁପା ଦର କ୍ଷିପ୍ର ବେଗରେ ବଢି ବଢିଚାଲିଛି । ଅକ୍ଷୟ ତୃତୀୟା ତିଥିରେ ସୁନା କିମ୍ବା ମୂଲ୍ୟବାନ ଧାତୁ କ୍ରୟ କଲେ ଘରକୁ ଲକ୍ଷ୍ମୀ ଆସିଥାନ୍ତି ଓ ସୁଖ ଏବଂ ସମୃଦ୍ଧି ଆସିଥାଏ ବୋଲି ବିଶ୍ୱାସ ରହିଥିବାରୁ ଏହି ଦିନରେ ସ୍ୱର୍ଣ୍ଣ ଅଳଙ୍କାର କ୍ରୟ କରିବା ପାଇଁ ବହୁ ବ୍ୟକ୍ତି ଅପେକ୍ଷା କରିବସିଥାନ୍ତି । ତେବେ ଅକ୍ଷୟ ତୃତୀୟା ତିଥି ପୂର୍ବରୁ ଯେଉଁଭଳି ଭାବେ ସୁନାଦର କ୍ଷିପ୍ର ବେଗରେ ବଢି ବଢି ଚାଲିଛି ତାହାକୁ ନେଇ ସ୍ୱପ୍ନ ହୋଇଯିବ କି ସୁନା କ୍ରୟ କରିବା ଚର୍ଚ୍ଚା ଜୋର୍ ଧରିଛି । ପବିତ୍ର ଅକ୍ଷୟ ତୃତୀୟ ତିଥି ପୂର୍ବରୁ ସୁନା ଓ ରୁପାର ଉପରମୁହାଁ ଦର ଦେଖି ବହୁ ଗ୍ରାହକ ଏବେଠୁ ଛାନିଆ ହୋଇପଡିଲେଣି । ଆଗକୁ ଏହି ସୁନାଦର ଆହୁରି ବଢିବ ବୋଲି ଆକଳନ ବି କରାଯାଉଛି । ସୁନା ଓ ରୁପାଦର



ମୂଲ୍ୟବୃଦ୍ଧିରେ ଲଗାମ୍ ଲାଗୁନି । ସୁନାଦର ଦିନକୁ ଦିନ ମହଙ୍ଗା ହେବାରେ ଲାଗୁଥିବାରୁ ସଂପ୍ରତିକ ପରିସ୍ଥିତିରେ ଅଳଙ୍କାର କ୍ରୟ କରିବା ସକାଶେ ସାଧାରଣ ଗ୍ରାହକଙ୍କ ପାଇଁ କଷ୍ଟକର ହୋଇପଡୁଛି । ଧନୀ ହେଉ କି ଗରିବ ପ୍ରାୟତଃ ସବୁ ବର୍ଗର ଲୋକଙ୍କ ସର୍ବାଧିକ ପସନ୍ଦ ହେଉଛି ସୁନା ଅଳଙ୍କାର । ଅତୀତରେ ପ୍ରାୟତଃ ଅଧିକାଂଶ ମହିଳା ଅତ୍ୟଧିକ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରୁଥିବା ବେଳେ ବହୁ ପୁରୁଷ ସୁନାମୁଦି ପିନ୍ଧୁଥିଲେ । ଆଧୁନିକତାର ଛାପରେ ସଂପ୍ରତିକ ପରିସ୍ଥିତିରେ ଅଧିକାଂଶ ଯୁବପିଢୀ ବେକରେ ମୋଟା ସୁନାଚେନ୍ ସହ ହାତରେ ମୁଦି ଓ କଟିରେ ବ୍ରେସ୍ଲେଟ୍ ପରିଧାନ କରି ତାହା ଆଭିଜାତ୍ୟର ପରିଚାୟକ ବୋଲି ବିବେଚନା କରୁଥିବା ଦେଖିବାକୁ ମିଳୁଛି। ବିଗତ କିଛି ମାସ ହେଲା ସୁନାଦର ସମଗ୍ର ଦେଶରେ ଆଶାତୀତ ଭାବେ ବୃଦ୍ଧି ହେବାରେ ଲାଗିଛି । ଫଳରେ ବହୁ ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀ ବର୍ଗର ଲୋକଙ୍କ ପାଇଁ ସୁନାକ୍ରୟ କରିବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଆସନ୍ତାକାଲି ପାଳିତ ହେବ ପବିତ୍ର ଅକ୍ଷୟ ତୃତୀୟା । ଅକ୍ଷୟ ତୃତୀୟା ତିଥିରେ ଘରକୁ ସୁନାରୁପା କିମ୍ବା କିଛି ନୂଆ ସାମଗ୍ରୀ ଆଣିବା ଆମର ପରମ୍ପରା ରହିଛି । ଆସିକା ଅଂଚଳରେ ରବିବାର ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦର ୧ ଲକ୍ଷ ୫୬ ହଜାର ଟଙ୍କା ଟପିଥିବା ବେଳେ ରୁପା ଦର କେଜି ପିଛା ୨ଲକ୍ଷ ୫୦ ହଜାର ଟଙ୍କା ଟପିଥିବା ଜଣାପଡିଛି । ତେଣୁ ସୁନା ଓ ରୁପା ଦର ବୃଦ୍ଧି ଯୋଗୁଁ ଚଳିତ ବର୍ଷ ଅକ୍ଷୟ ତୃତୀୟ ତିଥିରେ ସୁନା ରୁପା କାରବାର ଗତ ବର୍ଷ ତୁଳନାରେ ଅତିମାତ୍ରାରେ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଆସନ୍ତାକାଲି ପାଳିତ ହେବାକୁ ଥିବା ଅକ୍ଷୟ ତୃତୀୟା କାରବାର ପାଇଁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର କେତେକ ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ଆକର୍ଷଣୀୟ ଢ଼ଙ୍ଗରେ ସଜା ଯାଇଥିବା ଦେଖିବାକୁ ମିଳିଛି । ଅକ୍ଷୟ ତୃତୀୟ ତିଥିରେ ସୁନା ଓ ରୁପାର ଦର ବୃଦ୍ଧି ଯୋଗୁଁ କାରବାର ଯଥେଷ୍ଟ କମିପାରେ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଥିଲା ବେଳେ କେତେକ ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟୀ ଭଲ କାରବାର ହେବ ବୋଲି ଆଶାବାଦୀ ଥିବା ଜଣାପଡ଼ିଛି ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପାଠଚକ୍ର

**ବ୍ରହ୍ମପୁର,୧୯।୪/ଏନ୍ଏନ୍ଏସ୍:** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣିବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣାରେ ଆୟୋଜିତ 'ଭବିଷ୍ୟତ ପିଢ଼ିର ଜୀବବିଜ୍ଞାନ: ଜୀନରୁ ପରିସଂସ୍ଥା' ଶୀର୍ଷକ ଏହି ପାଠଚକ୍ରକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିବା ସହ ଆଜିର ଯୁଗରେ ଏପରି ବିଷୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋର ପାଠଚକ୍ରର ସୂଚନା ଦେବା ସହ ଏହା ଗବେଷଣା ଓ ବାସ୍ତବ କ୍ଷେତ୍ର ମଧ୍ୟରେ ଯୋଗ ସୂତ୍ର ହେବା ସହ ଜୀବବିଜ୍ଞାନର ପ୍ରସାରିତ ପରିସର ଓ ପରିବେଶ ଦୃଷ୍ଟିରୁ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ



ଅଧିବେଶନ ଉଦ୍‌ଘାଟନୀ ପର୍ବରେ ମୁଖ୍ୟ ଅତିଥି ବିଦ୍ୟା ସାଗର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଜୀନ ଓ ପରିବେଶ ମଧ୍ୟରେ ସମ୍ପର୍କ ତଥା ପରିବର୍ତ୍ତିତ ଜଳବାୟୁରେ ପ୍ରାଣୀର ସମଯୋଜନ ସମ୍ପର୍କିତ ନୂତନ ଗବେଷଣା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଡ. ବିଭୁତି ପ୍ରସାଦ ବାରିକ ଜେନେଟିକ୍ସ, ଜୈବପ୍ରଯୁକ୍ତି ଓ ପରିସଂସ୍ଥାର ସାମଗ୍ରିକ ଅଧ୍ୟୟନ ବଳରେ ଜୀବବ୍ୟବସ୍ଥାକୁ ଉପଲବ୍ଧି କରିବା କଥା କହିଥିଲେ। ଏହି ପାଠଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକମାନେ ଯୋଗ ଦେଇ ନିଜର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ବିଭାଗ ପକ୍ଷରୁ ପାଠଚକ୍ର ପ୍ରବନ୍ଧ ସଂକଳନ ପ୍ରକାଶ ପାଇଥିଲା।

ଡ. ସୁରେନ୍ଦ୍ର କୁମାର ସେଠି, ଡ. ସନ୍ତୋଷ ଗୌଡ଼, ଡ. ବିଭାରକ୍ଷଣୀ ତ୍ରିପାଠି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଶ୍ରଦ୍ଧା ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ, ବହୁ ପ୍ରତିଭାଧାରୀ ସମ୍ମାନିତ




**ବ୍ରହ୍ମପୁର,୧୯।୪/ଏନ୍ଏନ୍ଏସ୍:** ଶ୍ରଦ୍ଧା ଫାଉଣ୍ଡେସନର ବାର୍ଷିକ ଉତ୍ସବ ଶନିବାର ରେଲ୍‌ୱେ ଇନଷ୍ଟିଚ୍ୟୁଟ ମଣ୍ଡପ ପରିସରରେ ଉତ୍ସବ ୨୦୨୬ ନାମରେ ଆୟୋଜିତ ହୋଇଯାଇଛି । ଫାଉଣ୍ଡେସନର ମୁଖ୍ୟ ପରିଚାଳିକା ଶ୍ରଦ୍ଧାଞ୍ଜଳୀ ପାଢୀ ଓ ସଭାପତି ପ୍ରଣବ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମେୟର ସଙ୍ଘମିତ୍ରା ଦଳାଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଷ୍ଟେସନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର୍ ସାମଲ, ସଂସଦ ପ୍ରତିନିଧି ମୀନା ଦ୍ୟାନ୍ ସାମନ୍ତରାୟ, ସମାଜସ୍ୱୋ ରାଜେଶ ପାତ୍ର,ଅଶୋକ ସାହୁ, ପ୍ରଭାକର ପାଢ଼ୀ, ବାବୁ ଗୌଡ଼, ରଞ୍ଜିତ୍ ପାଢ଼ୀ , ବିଦ୍ୟାଧର ପାଢ଼ୀ, ଧିରେନ ମହାରଣା, ରାଜେଶ୍ ପାତ୍ର, ସୁଦୀପ କୁମାର୍ ସାହୁ ଓ କବିସୂର୍ଯ୍ୟ ରକ୍ତ ଦାନ ଅନୁଷ୍ଠାନ ମୁଖ୍ୟ ସୁମନ୍ତ କୁମାର୍ ଚର୍ଚ୍ଚି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥିଙ୍କ ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରାଣ୍ଡ ଆମ୍ବାସାଡର ଡ. ସୋନାଲି ସାହୁ, ଅନ୍ୟତମ ବ୍ରାଣ୍ଡ ଆମ୍ବାସାଡାର ଶୁଭଶ୍ରୀ ତ୍ରିପାଠୀ, ଘୋଷକ ରାଇ ରଞ୍ଜନ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେହିପରି ଫାଉଣ୍ଡେସନର ପରାମର୍ଶ କ୍ରମେ ତୁରନ୍ତ ରକ୍ତ ଦାନ କରିଥିବା ୮ଜଣଙ୍କୁ ଏଠାରେ ରକ୍ତ ବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବରିଷ୍ଠ ନାଗରିକ ଦମ୍ପତିଙ୍କୁ ମାଡ଼ ସହ ଅଶ୍ଳୀଳ ଗାଳି ଅଭିଯୋଗ

**ପୁରୁଷୋତ୍ତମପୁର,୧୯।୪/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଶାସନପଲ୍ଲୀ ଗ୍ରାମରେ ଜଣେ ବରିଷ୍ଠ ନାଗରିକ ଦମ୍ପତିଙ୍କୁ ନିର୍ଯାତନା ସହ ଧକ୍କା ଦେବା ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ନେଇ ଅଭିଯୋଗ ହୋଇଛି। ଏନେଇ ବରିଷ୍ଠ ନାଗରିକ ରବୀନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ପ୍ରତିମା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ଗତ ୧୪ ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ରବିନ୍ଦ୍ର ନିଜ ଘର ବାରଣ୍ଡାରେ ବସିଥିବା ବେଳେ ତାଙ୍କ ପଡୋଶୀ କଳାଚାନ୍ଦ ମହାନ୍ତି ତାଙ୍କଘର ସାମ୍ନାକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇ ଏକ ଶକ୍ତ ଧକ୍କା ମାରିଥିଲା । ଏଥିରେ ରବିନ୍ଦ୍ରଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କର ମଧ୍ୟ ଚୁଟି ଧରି ରାସ୍ତାରେ ଘୋଷାରି ଆଣି ଅଭଦ୍ର ଆଚରଣ କରିଥିଲେ । ଏଥିରେ ଭୟଭୀତ ହୋଇ ସେହି ଦମ୍ପତି ୧୧୨ ପୁଲିସ କଣ୍ଟ୍ରୋଲ ରୁମକୁ ଫୋନ କରି ଅଭିଯୋଗ ଜଣାଇଥିଲେ । ଫେବୃଆରୀ ୨୩ ତାରିଖରେ ମଧ୍ୟ ଅଭିଯୁକ୍ତ ଜଣଙ୍କ ଏହିପରି ଆଚରଣ କରିଥିବା ବେଳେ ପୁରୁଷୋତ୍ତମପୁର ଥାନାରେ ଏକ ମାମଲା ରୁଜୁ ପରେ କ୍ଷମା ମାଗିବା ସହ ଭବିଷ୍ୟତରେ ଏପରି କାର୍ଯ୍ୟ ନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଆସିଥିବା ଜଣାପଡିଛି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**ବୁଗୁଡା,୧୯।୪/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜନୈକ ଯୁବକଙ୍କୁ ମିଳିତ ଆକ୍ରମଣ ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ସାବାଳକ ଅଭିଯୁକ୍ତମାନେ ହେଲେ ଗୋଲିଆ ଗ୍ରାମର ସନ୍ୟାସୀ ପୋଲେଇ (୨୪), ଜୟସେନ ଜେନା (୨୧) ଓ ରାଜା ଜେନା (୧୮) । ଆକ୍ରମଣରେ ଆହତ ହୋଇଥିବା ଯୁବକ ନାରାୟଣ ପ୍ରଧାନ(୨୫)ଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୧୭୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ମେରୁ ସଂକ୍ରାନ୍ତି ଦିନ ଅପରାହ୍ନରେ ନାରାୟଣ ଗୋଲିଆ ଗାଁ ଛକରୁ ଘରକୁ ଯାଉଥିବା ବେଳେ ସାମନା ପଟୁ ସନ୍ୟାସୀ ବାଇକରେ ଆସି ଘଷି ହୋଇଯାଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ବାକଯୁଦ୍ଧ ହୋଇଥିଲା ଏବଂ ପର ମୁହୂର୍ତ୍ତରେ ଦୁଇ ନାବାଳକଙ୍କ ସମେତ ପାଞ୍ଚ ଜଣ ମିଳିତ ଭାବେ ନାରାୟଣଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ନାରାୟଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଗୁଡା ମେଡିକାଲରେ ପହଞ୍ଚି ଚିକିତ୍ସିତ ହୋଇଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ବେଳେ ଗିରଫ ନାବାଳକ ଦ୍ୱୟଙ୍କୁ ଛତ୍ରପୁର ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ତିନି ସାବାଳକଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି।

## ଭାଇକୁ ଅପହରଣ କରି ହତ୍ୟା କଲା ସମ୍ପର୍କୀୟ ଭାଇ

**ବ୍ରହ୍ମପୁର,୧୯।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପୋଲସରାରେ ଚାଞ୍ଚଲ୍ୟ । ନିଜ ସମ୍ପର୍କୀୟ ବଡ଼ ବାପାର ପୁଅ ନିଜ ଦାଦାପୁଅ ଭାଇଙ୍କୁ ଅପହରଣ ପରେ ହତ୍ୟା କରିଥିବା ଘଟଣା ପୋଲସରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।




ମୃତ ଯୁବକ ଜଣକ ହେଲେ ପୋଲସରା ଥାନା ମାଳତେନ୍ତୁଳିଆ ଗ୍ରାମର ପ୍ରକାଶ ସାହୁଙ୍କ ପୁଅ ରାଜଦୀପ ସାହୁ (୧୯)। ଟଙ୍କା ପାଇଁ ରାଜଦୀପକୁ ପ୍ରଥମେ ଅପହରଣ ପରେ ହତ୍ୟା କରାଯାଇଥିବା ଜଣାପଡିଛି। ପୋଲସରା ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବା ସହ ସୋରଡ଼ା ଥାନା ଦାରିଙ୍ଗବାଡ଼ି ଘାଟିରୁ ରାଜଦୀପ ସାହୁଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲା । ଏହି ଅପହରଣ ଓ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ବଡ଼ ବାପା ପୁଅ ଭାଇ ସୁବ୍ରତ ସାହୁ ଓରଫ କାଳିଆକୁ(୨୨) ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲସରା ଥାନାରେ କେସ୍ ନଂ ୨୧୪/୨୬ ରେ ଏକ ମାମଲା ରୁଜୁ ହୋଇଛି । ପୋଲସରା ଥାନାଧିକାରୀ କୌଶିକ ମାଝୀ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଅନ୍ୟ ପଟେ ରାଜଦୀପକୁ ଅପହରଣ କରି ୪୦ ଲକ୍ଷ୍ୟ ଟଙ୍କା ମାଗିବା ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପରବର୍ତ୍ତୀ ସମୟରେ ବିସ୍ତୃତ ସୂଚନା ଦିଆଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ, ୬ ଆହତ

**କବିସୂର୍ଯ୍ୟନଗର,୧୯।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗୁଡିଆଳି ଛକରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ଆକ୍ରମଣରେ ଉଭୟ ଗୋଷ୍ଠୀର ଛଅ ଆହତ ହୋଇଥିବା ବେଳେ ତିନି ଜଣଙ୍କୁ ଆସିକା ଏବଂ ଅନ୍ୟ ତିନି ଆହାତଙ୍କୁ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ଆକ୍ରମଣର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ସଂଘର୍ଷ ହୋଇଥିବା କୁହାଯାଉଛି । ଗୋଟିଏ ଗୋଷ୍ଠୀ ଗୁଡ଼ିଆଳି ଛକ ଉପରେ ଜଳଖିଆ ଦୋକନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ସେହି ସ୍ଥାନରୁ ଦୋକାନ ଉଠାଇବା ସହ ବଟି ମାଗୁଥିବା ଅଭିଯୋଗ ହୋଇଛି । ବାରମ୍ବାର ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥା କଟାକଟି ପରେ ସଂଘର୍ଷ ଘଟିଥିଲା । ଉଭୟ ଗୋଷ୍ଠୀ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ କରିଥିବା ବେଳେ ରସ୍ତା ଉପରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଆକ୍ରମଣ ପରେ ଉଭୟ ଗୋଷ୍ଠୀର ଆହାତମାନଙ୍କୁ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତି କରିଥିଲେ। କବିସୂର୍ଯ୍ୟନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପିଏମ୍‌ଶ୍ରୀ ହରିହର ହାଇସ୍କୁଲ୍ ୧୯୭୫ ବ୍ୟାଚ୍ ବନ୍ଧୁମିଳନ

**ଆସିକା,୧୯।୪/ଏନ୍ଏନ୍ଏସ୍:** ଆସିକା ହରିହର ହାଇସ୍କୁଲର ୧୯୭୫ ମାଟ୍ରିକ ବ୍ୟାଚ୍‌ର ବହୁ ପୁରାତନ ଛାତ୍ର ରବିବାର ଶିକ୍ଷାନୁଷ୍ଠାନ ପରିସରରେ ଏକଜୁଟ ହୋଇ ସେମାନଙ୍କର ସ୍ମୃତିକୁ ସାଉଁଟିଥିଲେ। ପୁରାତନ ଛାତ୍ର ରାମଶରଣ ମହାପାତ୍ର, ନିର୍ଦ୍ଦୋଶ ବେହେରା, ପି.ରାମାରାଓ ପାତ୍ର, ସୁବ୍ରତ ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ସାହୁ, ମୀନକେତନ ଦାଶ, ସୁରେଶ କୁମାର ମହାରଣା, ଅଭିମନ୍ୟୁ ମହାନ୍ତି, କେ.ରବିନ୍ଦ୍ର ପାତ୍ର, ବି.ସଂଜୀବ ପାତ୍ର, ସୁନିଲ୍ କୁମାର ରଥ, ରାମଚଂଜନ ପଣ୍ଡା, ପୂର୍ଣ୍ଣ ସୁବୁଦ୍ଧି, ଅଶୋକ କୁମାର ପାଳ, ସତ୍ୟନାରାୟଣ ପାତ୍ର, ପ୍ରଦୀପ କୁମାର ପଣ୍ଡା, ଲଳିତେନ୍ଦୁ ପଣ୍ଡା, କେ.ରାମଚନ୍ଦ୍ର ରାଓ, ଏନ୍.କାମେଶ୍ୱର ଆଚାରୀ, ସତ୍ୟନାରାୟଣ ମୁନି, କାହ୍ନୁ ଆଚାରୀ, ହୃଷିକେଶ




ପାଣିଗ୍ରାହୀଙ୍କ ସମେତ ବହୁ ପୁରାତନ ଛାତ୍ର ଏକଜୁଟ ହୋଇ ସେମାନଙ୍କର ପିଲାଦିନର ସ୍ମୃତି ସାଉଁଟିବା ସହ ଆଗାମୀ ଦିନରେ ସବୁ ସମୟରେ ଏକଜୁଟ ହୋଇ ସମାଜ ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୫୦ବର୍ଷ ପରେ ୧୯୭୫ ବ୍ୟାଚର ପୁରାତନ ଛାତ୍ର ଏକାଠି ହୋଇଥିବାରୁ ଖୁସିରେ ବିଭୋର ହୋଇପଡିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନଙ୍କୁ ସେତେବେଳେ ପାଠ ପଢାଇ ସୁନାଗରିକ ଭାବେ ଗଢିତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଶିକ୍ଷାନୁଷ୍ଠାନର ତତ୍କାଳୀନ ଶିକ୍ଷକ ଗଣେଶ ରଥ ଓ ଏ.ଯୁଧିଷ୍ଠିର ଦୋରାଙ୍କୁ ପୁରାତନ ଛାତ୍ର ସଂଘ ପକ୍ଷରୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତିଙ୍କୁ ମଧ୍ୟ ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ପରଲୋକାଗତ ବନ୍ଧୁ ଓ ଶିକ୍ଷକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରମାନେ ଯିଏ ଯେଉଁ ସ୍ତରରେ ଥିଲେ ବି ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ସହ ଅସୁବିଧାରେ ପଡିଥିବା ସହପାଠୀଙ୍କୁ ମିଳିତ ଭାବେ ସହଯୋଗର ହାତବଢାଇବାକୁ ଆଲୋଚନା କରାଯାଇଥିଲା।






ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ

# ଆଜି କଟକରେ ଅକ୍ଷିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ

**କଟକ,୧୯/୪/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ ସୋମବାର ଚାଷୀଙ୍କ ମହାପର୍ବ ଅକ୍ଷୟ ତୃତୀୟାରେ କଟକରେ ଅକ୍ଷିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ପ୍ରାୟ ସକାଳ ୮. ୪୫ରେ ଆସି ପହଞ୍ଚିବେ। ସେଠାରେ ସକାଳ ୯.୧୦ରୁ ୯.୪୦ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ସେଠାରେ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ। ଏହାପରେ ସଭାର ଆୟୋଜନ ହେବ। ଏଥିରେ ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିବେ। ଏହି ସଭାରେ ବଡ଼ମ୍ବାର ଆଖୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସଭା ପରେ 'କୃଷି ରଥ'କୁ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଓ ଏହା ପରେ ବିହନ ବୁଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ପୁରୀରେ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

**ଭୁବନେଶ୍ୱର,୧୯/୪/ଏନ୍ଏନ୍ଏସ୍:** ଆଗାମୀ ୨୧ ତାରିଖ ଦିନ ପୁରୀଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେଓ୍ୱକରଙ୍କ ଅଧ୍ୟକ୍ଷତା ଓ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଓ ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ। ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବିରୋଧୀଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ୍ ଲାଗିଲା: ମୁଖ୍ୟମନ୍ତ୍ରୀ

## ଦେଶର ମାତୃଶକ୍ତି ପିଠିରେ ଛୁରି ଭୁସିଛନ୍ତି ବିରୋଧୀ : ବାଂସୁରୀ ସ୍ୱରାଜ

**ଭୁବନେଶ୍ୱର,୧୯/୪/ଏନ୍ଏନ୍ଏସ୍:** କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନେ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, କିନ୍ତୁ ବର୍ତ୍ତମାନ ସେମାନଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ସଶକ୍ତିକରଣ ସମ୍ବନ୍ଧରେ ପଦକ୍ଷେପ ସାରା ଦୁନିଆ ଦେଖିଛି। ଏଥିପାଇଁ ପ୍ରମାଣର ଆବଶ୍ୟକତା ନାହିଁ। ଦେଶର ସମଗ୍ର ମହିଳା ସମାଜର ଭରସା ପ୍ରଧାନମନ୍ତ୍ରୀଙ୍କ ଉପରେ ଅଛି। ଏହି ସାମୟିକ ବିଳମ୍ବ ନାରୀଶକ୍ତିକୁ ରୋକିପାରିବ ନାହିଁ। ତାଙ୍କ ଉଡ଼ାଣ କିଛି ଦିନ ପାଇଁ ବିଳମ୍ବିତ ହୋଇଛି, କିନ୍ତୁ ବହୁତ ଶୀଘ୍ର ଦେଶର ନାରୀଶକ୍ତି ନୂଆ ଉଡ଼ାଣ ଭରିବା ପାଇଁ ପ୍ରସ୍ତୁତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।ରାଜ୍ୟ କାର୍ଯ୍ୟାଳୟରେ 'ନାରୀଶକ୍ତି ବନ୍ଦ ଅଧିନିୟମ' ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ। ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ମୁଖମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା। ମହିଳାଙ୍କ ବିନା ସୃଷ୍ଟିର କଳ୍ପନା ମଧ୍ୟ କରାଯାଇ ନ ପାରେ। ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ବିରୋଧୀ ସେଥିରୁ ଓହରିଗଲେ। ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ନୁହେଁ, ତାଙ୍କୁ କେବଳ ନିଜ ନିଜ ଦଳରେ ଗୋଡାଣିଆ ଭାବେ ବ୍ୟବହାର କରିବା ପାଇଁ ଷଡ଼ଯନ୍ତ୍ର କରାଗଲା। ସେମାନଙ୍କ ନାରୀ ସ୍ୱାଧୀନତା ସ୍ଲୋଗାନ ଏବଂ ତାଙ୍କର ଅସଲ ରୂପ ଦୁଇ ଦିନର ଲୋକସଭା ବିତର୍କରେ ପଦାକୁ ଆସିଛି। କଂଗ୍ରେସଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି, ଡିଏମକେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ସେମାନେ ହେଉଛନ୍ତି ପ୍ରକୃତରେ ମହିଳା ବିରୋଧୀ। ସେମାନେ କେବଳ ମହିଳା ସଶକ୍ତିକରଣର ମୁଖା ପିନ୍ଧି ଅଭିନୟ କରୁଛନ୍ତି।



ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ ବାଂସୁରୀ ସ୍ୱରାଜ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଣ୍ଟରେ ଥିବା ସବୁ ବିରୋଧୀଦଳଗୁଡ଼ିକ ମିଳିମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ପ୍ରଧାନମନ୍ତ୍ରୀ ୨୦୨୯ରୁ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଚାହିଁଥିଲେ, ମାତ୍ର ବିରୋଧୀମାନେ ଦେଶର ମାତୃଶକ୍ତି ପୀଠିରେ ଛୁରି ଭୁସି ଦେଇଛନ୍ତି। କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ନାରୀମାନଙ୍କ ଭୂମିକା କେବଳ ମତଦାନ କେନ୍ଦ୍ରରେ ସୀମିତ ରହୁ ବୋଲି ଚାହୁଁଛନ୍ତି। ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଯେତେବେଳେ ଏହି ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ନାରୀମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଉଥିଲା ସେତେବେଳେ ବିରୋଧି ଦଳଗୁଡ଼ିକ ମୁହଁ ମୋଡ଼ି ଦେଇଛନ୍ତି। ଦେଶର ମାତୃଶକ୍ତିକୁ ଅଧିକାର ଦେବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରୟାସ କରୁଥିବାବେଳେ କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଂଟରେ ଥିବା ବିରୋଧୀ ଦଳଗୁଡ଼ିକ ବାଧା ସୃଷ୍ଟି କରିଛନ୍ତି। ଯେଉଁମାନେ ନାରୀଶକ୍ତିର ସ୍ୱାର୍ଥକୁ ବଳି ପକାଇଦେଇଛନ୍ତି, ସେମାନଙ୍କୁ ଅଭିଶାପର ଫଳ ନିଶ୍ଚୟ ମିଳିବ।

ମୋଦିଜୀ ଓ ଭାରତୀୟ ଜନତା ପାର୍ଟି ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ଏକ ସଂକଳ୍ପ। ଏହା ନିଶ୍ଚିତ ପୂରଣ ହେବ। ମୋଦିଜୀଙ୍କ ନେତୃତ୍ୱରେ ନାରୀମାନଙ୍କୁ ସେମାନଙ୍କ ଅଧିକାର ନିଶ୍ଚୟ ମିଳିବ ବୋଲି ମୋଦିଜୀ ମାତୃଶକ୍ତିକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ବିଜେପି ଜନଜାଗରଣ ସୃଷ୍ଟି କରିବ। ପଞ୍ଚାୟତରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସବୁଠି ସ୍ୱର ଉତ୍ତୋଳନ କରିବ ବୋଲି ବୋଲି ସାଂସଦ ସୁଶ୍ରୀ ସ୍ୱରାଜ ମତବ୍ୟକ୍ତ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ,ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଓ ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ପଦାଧିକାରୀ ବୈଠକ

# ୧ରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ମହାଅଭିଯାନ



**ଭୁବନେଶ୍ୱର,୧୯/୪/ଏନ୍ଏନ୍ଏସ୍:** ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରବିବାର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାର୍ଟିର ସାଂଗଠନିକ ଦୃଷ୍ଟିକୋଣରୁ ବୁଥ୍ କମିଟି ଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା କରାଯାଇଥିଲା। ପାର୍ଟି ପ୍ରତିଷ୍ଠା ଦିବାସ, ଆମ୍ବେଦକର ଜୟନ୍ତୀ ଏବଂ ବିଶେଷ ଭାବେ ସମ୍ପ୍ରତି ଚାଲୁ ରହିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ସମୀକ୍ଷା କରାଯାଇଥିଲା। ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ପ୍ରାୟ ସଫଳତାର ସହ ସମାପ୍ତ ହୋଇସାରିଛି ଏବଂ ବର୍ତ୍ତମାନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ମେ ୧ ତାରିଖରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଭାରତୀୟ ଜନତା ପାର୍ଟିର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥାଏ। ସେ ଦୃଷ୍ଟିରୁ ଆଜି ପାର୍ଟିର ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାରୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ। ସଙ୍ଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିସ୍ତୃତ ଆଲୋଚନା ହୋଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ୍ୟ ଆଲୋଚନା ହୋଇଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଜଳଭଣ୍ଡାରରେ ବୁଡ଼ି ଦୁଇ ନାବାଳକ ମୃତ

**ବ୍ରହ୍ମପୁର,୧୯/୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳଭଣ୍ଡାରରେ ବୁଡ଼ି ଦୁଇ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ଲାଲସିଙ୍ଗି ଗ୍ରାମର କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ। ସେମାନେ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଛାତ୍ର ଥିଲେ। ୬ଜଣ ସାଙ୍ଗମାନଙ୍କ ସହ ମିଶି କାହ୍ନୁ ଓ ଆଶୁତୋଷ ଭଞ୍ଜନଗର ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ହଠାତ୍ ସେମାନଙ୍କ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। କେହି କିଛି ଭାବିବା ଆଗରୁ ଉଭୟେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଅଗ୍ନିଶମ ବାହିନୀ ଓ ପୁଲିସକୁ ଖବର ଦେବା ସହ ନିଜେ ବଞ୍ଚାଇବା ପାଇଁ ବହୁ ଚେଷ୍ଟା କରିଥିଲେ। ହେଲେ ସେମାନେ ବିଫଳ ହୋଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗଭୀର ଜଳରୁ ଦୁଇ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।






## ବିଜେଡିକୁ ଧର୍ମେନ୍ଦ୍ରଙ୍କ ପ୍ରଶ୍ନ

# ଓଡ଼ିଶାର ସାଂସଦ ସଂଖ୍ୟା ୨୧ରୁ ୩୨କୁ ବୃଦ୍ଧି ପାଇଲେ ଅସୁବିଧା କେଉଁଠି

**ଭୁବନେଶ୍ୱର,୧୯/୪/ଏନ୍ଏନ୍ଏସ୍:** ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝିପଡୁନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।



ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଆଶ୍ଚର୍ଯ୍ୟଜନକ। ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି। ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୧୬ ଓ ୧୭ ତାରିଖରେ ସଂସଦରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଚର୍ଚ୍ଚା କରିବା ସମୟରେ, ଦେଶର ସବୁ ରାଜ୍ୟ ସମେତ ଓଡ଼ିଶାର ପ୍ରତିନିଧିତ୍ୱ ୫୦ ପ୍ରତିଶତ ବଢ଼ିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି। ଏହା ଫଳରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ବୃଦ୍ଧି ପାଇ ୩୨ ହେବ ଏବଂ ତତ୍‌ସହିତ ଅତିକମରେ ୧୧ ଜଣ ମହିଳା ନୂଆ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ବର୍ତ୍ତମାନ ଦେଶର ଲୋକସଭା ସିଟ୍ ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୮୭ ପ୍ରତିଶତ ଥିବା ବେଳେ ଏହି ଆସନ ବଢ଼ିଲେ ୩.୯୧ ପ୍ରତିଶତକୁ ବୃଦ୍ଧି ପାଇବ, ଯାହା ଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଭୂମିକା ସୁଦୃଢ଼ ହେବ। ନବୀନ ବାବୁଙ୍କ ଭଳି ବ୍ୟକ୍ତିଙ୍କ ଠାରୁ ସତ୍ୟ ଅଧାରିତ ତଥ୍ୟ ଅପେକ୍ଷା କରାଯାଏ। ମିଥ୍ୟା ପ୍ରଚାର ନକରି ତଥ୍ୟଭିତ୍ତିକ ସତ୍ୟ ପ୍ରକାଶ କଲେ ଓଡ଼ିଶାର ପ୍ରକୃତ ହିତ ସାଧିତ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ‘ଯୁଗ୍ମ ପରିବାରର ବାର୍ତ୍ତାବହ ଥିଲେ ସରଳା ସିଂହ’



**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** ପୂଜ୍ୟପୂଜା ସଂସଦ, ଜଗତସିଂହପୁର ପକ୍ଷରୁ ଶନିବାର ସନ୍ଧ୍ୟାରେ ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ସରଳା ସିଂହଙ୍କ ଏକାଦଶାହ ଉପଲକ୍ଷେ ସାମ୍ବାଦିକ ଅମରନାଥ ପରିଡ଼ାଙ୍କ ସମ୍ପାଦନାରେ ପ୍ରକାଶିତ ‘ସ୍ମୃତିରେ ସ୍ମୃତିରେ ବୋଉ’କୁ ଓଡ଼ିଶାର ଅନନ୍ୟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଲୋକାର୍ପଣ କରି କହିଲେ ଯେ ଶ୍ରୀମତୀ ସିଂହ କେବଳ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ନଥିଲେ, ସେ ଜଣେ ଆଦର୍ଶ ‘ମା’। ସମାଜ ଆଜି, ଯେତେବେଳେ ଯୁଗ୍ମ ପରିବାରକୁ ଭୁଲି ଭୁଲି ଯାଉଛି, ସେତିକିବେଳେ ‘ମା’ ସରଳା ସିଂହ ୪ଭାଇଙ୍କ ପରିବାରକୁ ଏକକ କରି ଦୀର୍ଘ ୪୮ ବର୍ଷ ଧରି ସମର୍ପିତ ଭାବେ ସେବା ଦେଇଥିଲେ, ଏହା କିଛି କମ୍ କଥା ନୁହେଁ। ଅନ୍ୟମାନଙ୍କ ପାଇଁ ଏହା ଏକ ଉଦାହରଣ।

ଜଗତସିଂହପୁର ଜିଲ୍ଲା, ଅଣଖିଆ ସିଂହସାହି ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୌରୋହିତ୍ୟ କରି ବିଶିଷ୍ଟ ସାମ୍ବାଦିକ ତଥା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ୩୬ ବର୍ଷ ଶିକ୍ଷକତା ଜୀବନରେ ସେ ଯେଉଁ ନିଷ୍ଠା, ସଂକଳ୍ପର ସହ ଶିକ୍ଷାଦାନ ଭଳି ପବିତ୍ର କାର୍ଯ୍ୟକୁ ସମ୍ପାଦନ କରିଥିଲେ, ତାର ପ୍ରମାଣ ଗତ ୮ ତାରିଖ ଦିନ ମିଳିଥିଲା। ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାମିଜୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଦେବା ପରେ ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମା’ ସାରଳା ସିଂଙ୍କ ସହକର୍ମୀ ଗଗନ ବିହାରୀ ଦାସ, ସୌଭାଗ୍ୟ ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, ସୁଧାଂଶୁବାଳା ପରିଡ଼ା, ପ୍ରିୟତମା ସାହୁ, ଉଷାରାଣି ମହାନ୍ତି, ରେଣୁବାଳା ସ୍ୱାଇଁ, ଓକିଲ ଶିଳଭଦ୍ର ଶାସ୍ତ୍ରୀ, ସମାଜସେବୀ ପୁଷ୍ପରାଜ ପ୍ରଧାନ, ଇଂ ପ୍ରଦୀପ୍ତ ବିଶ୍ୱାଳ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟଜୀ, ଓକିଲ ବୀରନାରାୟଣ ପାତ୍ର, ସ୍ଥାନୀୟ ସରପଞ୍ଚ ତପତି ତପସ୍ୱିନୀ ଭୂୟାଁ, ଓକିଲ ମୁରଲୀଧର ସାହୁ, ସାମ୍ବାଦିକ କହ୍ନୁଚରଣ ନନ୍ଦ, ଆଶୁତୋଷ ବେହେରା, ମହେଶ୍ୱର ତ୍ରିପାଠୀ, ଡଃ ବିଭୂତି ଭୂଷଣ ଜେନା, ପ୍ରମୋଦ କୁମାର ସିଂହ, ସିଦ୍ଧୁଚରଣ ଜେନା ଓ ବିପ୍ଳବ ମହାନ୍ତି ପ୍ରମୁଖଙ୍କୁ ସ୍ୱାମିଜୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ‘ମା’ ସରଳା ସିଂହଙ୍କ ସାନଭଉଣୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଂଯୁକ୍ତା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା’ ସରଳା ସିଂହଙ୍କ ସ୍ୱାମୀ ଜଗତସିଂହପୁରର ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସିଂହ, ଧାନକୁଦ ମଠର ମଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଶୋକ କୁମାର ସିଂହ, ଅନାଦି ଚରଣ ପାତ୍ର, ଚନ୍ଦ୍ରଶେଖର ମହାନ୍ତି, ସୂର୍ଯ୍ୟକାନ୍ତ ରଥ, ସଞ୍ଜୟ କୁମାର ଲେଙ୍କା, ରବୀନ୍ଦ୍ର କାନୁନଗୋ ଓ ଜଗନ୍ନାଥ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ୫ମ କେଡି ପିଲାଇ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

# ମନୀଷ ବିଜେତା, ସ୍ୱସ୍ତିକ୍ ଉପବିଜେତା



**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ରବିବାର ପଞ୍ଚମ କେଡି ପିଲାଇ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ୍ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୪.୫ ପଏଣ୍ଟ୍ ହାସଲ କରି ପ୍ରଭୁଜୀ ଇଂରାଜୀ ମିଡିୟମ୍ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ବିଜେତା ଏବଂ କେଭି-୧ର ସ୍ୱସ୍ତିତ ତ୍ରିପାଠୀ (୪.୦) ଉପବିଜେତା ହୋଇଛନ୍ତି। ବାଳିକା ବର୍ଗରେ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଓ ସ୍ୱସ୍ତି ଷଡ଼ଙ୍ଗୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବୟସ ବର୍ଗରେ ଓମ୍ ଶତପଥୀ, ଅଦ୍ୱିକ୍ ମହାନ୍ତି, କିର୍ତ୍ତିଶ କୁମାର ସାହୁ ଏବଂ ସପ୍ତା ଅଦ୍ୱିକ୍ ପ୍ରଥମ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ କେଶୁରା ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ପୂର୍ବତଟ ରେଳବାଇର ବରିଷ୍ଠ ଟିଟିଇ ସୁଧୀର କୁମାର ସାହୁ ଯୋଗ ଦେଇଥିଲେ।

## ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡ଼ିଶା ଗସ୍ତ

# ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ରେଳ ଢାଞ୍ଚାର ବ୍ୟାପକ ବିକାଶ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ରାଜ୍ୟରେ ରେଳ ସଂଯୋଗ ବିସ୍ତାର ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ପ୍ରତି ଆଲୋକପାତ କରିଥିଲେ।

ମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେସନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କେନ୍ଦ୍ରିକ ଉନ୍ନତିକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଶ୍ରୀ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ, ଯେଉଁମାନେ କାର୍ଯ୍ୟର ପରିବର୍ତ୍ତନ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଷ୍ଟେସନରେ ବିକଶିତ ହେଉଥିବା ବିମାନବନ୍ଦର ଭଳି ସୁବିଧାଗୁଡ଼ିକର ପ୍ରଶଂସା କରିଥିଲେ। କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଏବଂ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଷ୍ଟେସନ୍‌ର ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ ଏଲିଭେଟେଡ୍ କରିଡରର ସମୀକ୍ଷା କରି, ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପରେ ସେ ହେଟେରୋଜିନିଅସ୍ ଇଣ୍ଟିଗ୍ରେସନ୍ ପ୍ୟାକେଜିଙ୍ଗ ସୋଲୁସନ୍ସ (୩ଡି ଗ୍ଲାସ୍ ସୋଲୁସନ୍ସ) ନାମକ ଭାରତର ପ୍ରଥମ ଆଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ଇଉନିଟ୍‌ର ଭୂମିପୂଜନ ଅନୁଷ୍ଠାନରେ ଯୋଗଦେଇ ଓଡ଼ିଶାରେ ଚାଲିଥିବା ରେଳ ବିକାଶ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ସେ କହିଥିଲେ ଯେ ୯୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ରାଜ୍ୟ ସାରା କାର୍ଯ୍ୟକାରୀ ହେଉଛି, ଯାହା ରେଳ ଭିତ୍ତିଭୂମିର ଏକ ଐତିହାସିକ ପ୍ରସାରକୁ ପ୍ରତିଫଳିତ କରୁଛି । ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ ଓଡ଼ିଶା ରେଳ ବିକାଶ ପାଇଁ ୧୦,୦୦୦ କୋଟି (୧୦,୯୨୮କୋଟି) ଟଙ୍କାରୁ ଅଧିକ ରେକର୍ଡ ବଜେଟ୍ ଆବଣ୍ଟନ ପାଇଛି, ଯାହା ପୂର୍ବ ଦଶନ୍ଧିଗୁଡ଼ିକରେ ହାରାହାରି ଆବଣ୍ଟନ ତୁଳନାରେ ଯଥେଷ୍ଟ ଅଧିକ ଏବଂ ପ୍ରାୟ ୧୩ ଗୁଣ ଅଧିକ। ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ପଶ୍ଚିମ ଓଡ଼ିଶାରେ, ବିଶେଷକରି ଜୁନାଗଡ଼-ନବରଙ୍ଗପୁର-ଜୟପୁର-ମାଲକାନଗିରି-ଭଦ୍ରାଚଳମ କରିଡର୍ ସହିତ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ନେଇ ଉଲ୍ଲେଖ କରିଥିଲେ, ଯାହା ଆଦିବାସୀ ଏବଂ ଆକାଂକ୍ଷୀ ଅଞ୍ଚଳଗୁଡ଼ିକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ। ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସାରା ଓଡ଼ିଶାରେ ୫୯ଟି ରେଳ ଷ୍ଟେସନକୁ ପୁନଃବିକଶିତ କରାଯାଉଛି, ଯାହା ଯାତ୍ରୀମାନଙ୍କୁ ଉତ୍ତମ ଏବଂ ଆଧୁନିକ ସୁବିଧା ପ୍ରଦାନ କରିବ। ଭବିଷ୍ୟତର କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦେଇ ମନ୍ତ୍ରୀ କହିଥିଲେ ଯେ ବାଲେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ଏକ ଚାରି ଲାଇନ ବିଶିଷ୍ଟ ରେଳପଥ କରିଡର ବିକାଶ କରାଯିବ ଯୋଜନା କରାଯାଉଛି। ଏହି ରଣନୈତିକ ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ ରାଜ୍ୟରେ ସଂଯୋଗକୁ ଆହୁରି ସୁଦୃଢ଼ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ହାଓଡା-ଚେନ୍ନାଇ ମୁଖ୍ୟ ଲାଇନରେ ଭିଡ଼ କମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ, ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବ ଏବଂ ଜାତୀୟ ମାଲ ପରିବହନ ଏବଂ ଯାତ୍ରୀ ନେଟୱାର୍କ ସହିତ ଓଡ଼ିଶାକୁ ଅଧିକ ଘନିଷ୍ଠ ଭାବରେ ସଂଯୁକ୍ତ କରିବ।ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇ ସେ ଦୃଢ଼ୋକ୍ତି କରିଛନ୍ତି ଯେ ରାଜ୍ୟର ସମସ୍ତ ଅଞ୍ଚଳରେ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରି ସମଗ୍ର ଓଡ଼ିଶାରେ ରେଳ ଭିତ୍ତିଭୂମିର ଉନ୍ନତିକରଣ ଜାରି ରହିବ।

## ରିଲାଏନ୍ସ ଡିଜିଟାଲ୍‌ର ‘ଡିଜିଟାଲ୍ ଡିସ୍‌କାଉଣ୍ଟ ଡେଜ୍’

# ଅକ୍ଷୟ ତୃତୀୟା ଅବସରରେ ଗ୍ରାହକଙ୍କ ପାଇଁ ଅବିଶ୍ୱସନୀୟ ଅଫର୍



**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** ଭାରତର ଅଗ୍ରଣୀ କନଜ୍ୟୁମର୍ ଇଲେକ୍ଟ୍ରୋନିକ୍ସ ରିଟେଲର୍ ‘ରିଲାଏନ୍ସ ଡିଜିଟାଲ୍’ ପକ୍ଷରୁ ବହୁ ପ୍ରତିକ୍ଷିତ ‘ଡିଜିଟାଲ୍ ଡିସକାଉଣ୍ଟ ଡେଜ୍’ ଅଭିଯାନର ଶୁଭାରମ୍ଭ କରାଯାଇଛି। ପବିତ୍ର ଅକ୍ଷୟ ତୃତୀୟା ପୂର୍ବରୁ ଗ୍ରାହକମାନଙ୍କୁ ସର୍ବଶେଷ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସହ ସୁଲଭ ମୂଲ୍ୟରେ ଯୋଡ଼ିବା ପାଇଁ କମ୍ପାନୀ ଏହି ଆକର୍ଷଣୀୟ ଯୋଜନା ଆଣିଛି। ଏହି କ୍ୟାମ୍ପେନ୍‌ର ଅଂଶସ୍ୱରୂପ, ଗ୍ରାହକମାନେ ପ୍ରମୁଖ ବ୍ୟାଙ୍କ କାର୍ଡ ବ୍ୟବହାର କରି କ୍ରୟ କଲେ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ। ସେହିପରି ପେପର୍ ଫାଇନାନ୍ସ କିମ୍ବା ଇନଷ୍ଟାଲମେଣ୍ଟ ମାଧ୍ୟମରେ ସାମଗ୍ରୀ କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଅଫର୍ ରହିଛି।

ଏହି ସେଲ୍‌ର ସବୁଠାରୁ ବଡ଼ ଆକର୍ଷଣ ହେଉଛି ‘ବଣ୍ଡଲ୍ ପର୍ଚେଜ୍’ ଅଫର୍। ଅଡିଓ ଡିଭାଇସ୍, ୱେୟାରେବଲ୍ସ, ମୋବାଇଲ୍ ଏବଂ ଲାପଟପ୍ ଆସେସୋରିଜ୍, ମନୋରଞ୍ଜନ ସାମଗ୍ରୀ ଏବଂ ଛୋଟ ଗୃହ ଉପକରଣ ଶ୍ରେଣୀରେ ଗ୍ରାହକମାନେ ଦ୍ୱିତୀୟ ସାମଗ୍ରୀ କ୍ରୟ କଲେ ସେଥିରେ ସିଧାସଳଖ ୫୦% ରିହାତି ପାଇବେ। ଏହି ଅଫର୍ ମାର୍ଶଲ୍, ଜେବିଏଲ୍, ବୋଟ୍ ଏବଂ ୱାନପ୍ଲସ୍ ଭଳି ଲୋକପ୍ରିୟ ବ୍ରାଣ୍ଡଗୁଡ଼ିକ ଉପରେ ଉପଲବ୍ଧ ହେଉଛି। କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ୧,୬୯୯ ଟଙ୍କା ମୂଲ୍ୟର ବ୍ଲୁଟୁଥ୍ ସ୍ପିକର ବର୍ତ୍ତମାନ ପ୍ରାୟ ୮୫୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ୯,୯୯୯ ଟଙ୍କା ମୂଲ୍ୟର ପ୍ରିମିୟମ୍ ହେଡ୍‌ଫୋନ୍ ଗ୍ରାହକମାନେ ଦ୍ୱିତୀୟ ଆଇଟମ୍ ବେନିଫିଟ୍ ଅଧୀନରେ ମାତ୍ର ୫,୦୦୦ ଟଙ୍କା ପାଖାପାଖି ମୂଲ୍ୟରେ ପାଇପାରିବେ। ଏହାବାଦ୍ ୱାୟାରଲେସ୍ ମାଉସ୍, ପାୱାର ବ୍ୟାଙ୍କ ଏବଂ କିଚେନ୍ ଆପ୍ଲାଏନ୍ସ ଯଥା ସାଣ୍ଡୱିଚ୍ ମେକର ଆଦି ମାତ୍ର ୩୦୦ ରୁ ୭୫୦ ଟଙ୍କା ମଧ୍ୟରେ ମିଳୁଛି। ରିଲାଏନ୍ସ ଡିଜିଟାଲ୍ ଏହି ସମ୍ପୂର୍ଣ୍ଣ ଅଭିଯାନକୁ ‘କ୍ରେଜି ଅନବିଲିଭେବଲ୍ ଡିଲ୍‌ସ’ ନାମରେ ନାମିତ କରିଛି। କେବଳ ବିକ୍ରି ନୁହେଁ, ବରଂ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ କମ୍ପାନୀର ନିଜସ୍ୱ ସର୍ଭିସ୍ ଆର୍ମ ‘ରିଲାଏନ୍ସ ରେସକ୍ୟୁ’ ସଜାଗ ରହିଛି। ଏହା ମାଧ୍ୟମରେ ଗ୍ରାହକମାନେ ଦ୍ରୁତ ଇନଷ୍ଟଲେସନ, ଆଫ୍ଟର ସେଲ୍ସ ସପୋର୍ଟ ଏବଂ ମେଣ୍ଟେନାନ୍ସ ସୁବିଧା ପାଇପାରିବେ, ଯାହା ସାମଗ୍ରୀର ସୁରକ୍ଷା ଓ ସ୍ଥାୟିତ୍ୱକୁ ସୁନିଶ୍ଚିତ କରିବ।

# ଶ୍ୟାମପୁରର ୬୧.୪ ଏକର ଜମି ଦଖଲମୁକ୍ତ

**ଭୁବନେଶ୍ୱର,୧୯।୪ /ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଶ୍ୟାମପୁର ମୌଜାରେ ଚାଲିଥିବା ଉଚ୍ଛେଦ ଅଭିଯାନରେ ପ୍ରାୟ ୬୧.୪ ଏକର ସରକାରୀ ଜମି ଦଖଲମୁକ୍ତ କରାଯାଇଛି। ଶନିବାର ଦ୍ୱିତୀୟ ଦିନରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ୧୨ଟି ଜେସିବି ମେସିନ୍ ଦ୍ୱାରା ୭୩୯ଟି ଘର ଭାଙ୍ଗି ଦିଆଯାଇଥିଲା। ଦୁଇ ଦିନରେ ମୋଟ ୯୨୬ଟି ଘର ଭଙ୍ଗା ହୋଇଛି। ଏହା ବ୍ୟତିତ ପ୍ରାୟ ୩୦୦ଟି ନିର୍ମାଣାଧୀନ ଘର ମଧ୍ୟ ଭଙ୍ଗା ଯାଇଛି। ମୋଟ ୬୮ ଏକର ମଧ୍ୟରୁ ବାକି ଥିବା ସାତ ଏକର ଜମି ଚଳିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେତୁ ଦଖଲମୁକ୍ତ କରାଯାଇପାରିନାହିଁ। ଅଭିଯାନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୫୦ ଜଣ ପୁଲିସ କର୍ମଚାରୀ ସେଠାରେ ମୁତୟନ ରହିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ଡିସେମ୍ବର ୨୦୨୩ରେ ବିଡିଏ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଏକ ଏଫଆଇଆର୍ କରିଥିଲା। ସେଥିରେ ସଂଗଠିତ ଭୂମି ମାଫିଆମାନେ ଜମି ଅବୈଧ ଭାବେ ଦଖଲ କରି ବିକ୍ରି କରୁଥିବା ଅଭିଯୋଗ କରାଯାଇଥିଲା। ଏହା ପରେ ବିଡିଏ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ମନୋଜ କୁମାର ସ୍ୱାଇଁ, ଅତିରିକ୍ତ କମିଶନର, ବିଡିଏ ରଞ୍ଜନ କୁମାର ଜେନା ଜଏଣ୍ଟ କମିଶନର, ଇନଫୋର୍ସମେଣ୍ଟ, ବିଡିଏ,ଶ୍ରୀନିବାସ ବେହେରା, ଲ୍ୟାଣ୍ଡ ଅଫିସର, ବିଡିଏ, ସୁଧୀର ନାୟକ, ଆଲୋଟମେଣ୍ଟ ଅଫିସର, ବିଡିଏ, ବିଶ୍ୱଜିତ ଦଳେଇ, ଓଏସଡି, ଓଡ଼ିଏ ଆଙ୍କ, ପ୍ରକାଶ ଚନ୍ଦ୍ର ପାଲ , ଡିସିପି, ଆଇନ ଶୃଙ୍ଖଳା , ଅମିୟ କୁମାର ଦାସ, ଡେପୁଟି ଡାଇରେକ୍ଟର (ସର୍ଭେ ଆଣ୍ଡ ଇନଫୋର୍ସମେଣ୍ଟ), ସାଧାରଣ, ପ୍ରଶାସନ ବିଭାଗ ଏବଂ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

## ଅଲ୍ ଓଡ଼ିଶା ୧୦ ରେଡ୍ ସ୍ନୁକର୍ ଚାମ୍ପିଅନ୍‌ଶିପ୍

# କ୍ୱାର୍ଟର୍ ଫାଇନାଲ୍ ଲାଇନ୍-ଅପ୍ ଚୂଡ଼ାନ୍ତ






**ଭୁବନେଶ୍ୱର,୧୯।୪/ଏଜେନ୍ସି:** ସ୍ଥାନୀୟ ପଟିଆସ୍ଥିତ ୬-ପକେଟ୍‌ସ କ୍ଲବ୍‌ରେ ବିଏସ୍‌ଏଓ ଅଲ୍ ଓଡ଼ିଶା ୧୦ରେଡ୍ ସ୍ନୁକର୍ ଚାମ୍ପିଅନ୍‌ଶିପ୍‌ର କ୍ୱାର୍ଟର୍ ଫାଇନାଲ୍ ଲାଇନ୍‌ଅ-ଅପ୍ ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ସମସ୍ତ ଚାରିଟି ଯାକ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଆଶୁତୋଷ ପାଢ଼ୀ ଓ ନିଶାନ୍ତ ବିଶ୍ୱାଳଙ୍କ ମଧ୍ୟରେ ହେବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଡ. ରାକେଶ ରୋଶନ୍ ପ୍ରଧାନଙ୍କୁ ଉଦ୍‌ଭାସ ମହାପାତ୍ର ଭେଟିବେ। ୩ୟ ମ୍ୟାଚ୍ ଚେତନ ଆନନ୍ଦ ଓ ଅନୁଜ କୁମାର ପଣ୍ଡାଙ୍କ ମଧ୍ୟରେ ଏବଂ ୪ର୍ଥ ମ୍ୟାଚ୍ ମିଶାଲ୍ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ଖେଳାଯିବ। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଅନୁଜ ପଣ୍ଡା ଓ ମିଶାଲ ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ଯଥାକ୍ରମେ ଚିରାଗ ଆରୋରା (୨-୧) ଏବଂ ଶିବପ୍ରସାଦ ସେଠୀ (୨-୦)ଙ୍କୁ ହରାଇଥିଲେ। ସେହିପରି ଆଶୁତୋଷ ପାଢ଼ୀ ୨-୦ ସବ୍ୟସାଚୀ ପଟ୍ଟନାୟକଙ୍କ ବିପକ୍ଷରେ ବିଜୟ ଲାଭ କରିଥିବା ବେଳେ ଡ. ରାକେଶ ରୋଶନ୍ ପ୍ରଧାନ ୨-୧ ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇଥିଲେ।

# କ୍ୟାପିଟାଲ୍ ୮୦ର ନୂତନ କର୍ମକର୍ତ୍ତା ନିର୍ବାଚିତ




**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** କ୍ୟାପିଟାଲ ହାଇସ୍କୁଲରୁ ୧୯୮୦ ମସିହାରେ ମାଟ୍ରିକ ପାସ କରିଥିବା ପୁରାତନ ଛାତ୍ରମାନଙ୍କ ଦ୍ୱାରା ଗଠିତ ସାମାଜିକ ଅନୁଷ୍ଠାନ କ୍ୟାପିଟାଲ ୮୦ର ଆଗାମୀ ତିନି ବର୍ଷ ପାଇଁ ସର୍ବସମ୍ମତିକ୍ରମେ ୨୫ ଜଣିଆ କର୍ମକର୍ତ୍ତା ଆଜି ନିର୍ବାଚିତ ହୋଇଛନ୍ତି। ନୂତନ ସଭାପତି ରୂପେ ଜିତେନ୍ଦ୍ର ପ୍ରସାଦ ସିଂ, ଉପସଭାପତି ରୂପେ ପ୍ରସନ୍ନ ବସ୍ତିଆ ଓ ଦେବାନନ୍ଦ ରଥ, ସାଧାରଣ ସମ୍ପାଦକ ରୂପେ ସୁମନ୍ତ ମହାନ୍ତି ଓ କୋଷାଧକ୍ଷ ରୂପେ କୃଷ୍ଣ ଚନ୍ଦ୍ର ସାହୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଆଗରୁ ହୋଇ ଆସୁଥିବା ସାମାଜିକ କାର୍ଯ୍ୟକ୍ରମ ଯଥା ଗରିବ ତଥା ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ, ରକ୍ତଦାନ ଶିବିର, ବୃକ୍ଷରୋପଣ ଓ କ୍ୟାପିଟାଲ ହାଇସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମଗୁଡିକୁ ଆଗେଇ ନେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଆଜିର ସଭାକୁ ଶିକ୍ଷାବିତ ଇଂ ସରୋଜ କୁମାର ସାହୁ ଓ ନିର୍ବାଚନ କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଶାସକ ଅବନୀ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଅରୁଣ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଜଳଛତ୍ର ଓ ପଣା ବଣ୍ଟନ

## ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ୍

**ଭୁବନେଶ୍ୱର,୧୯।୪ /ଏନ୍ଏନ୍ଏସ୍:** ଆଜି ପୋଖରୀପୁଟ ସ୍ଥିତ ପ୍ରିଷ୍ଟିନ୍ ଗ୍ରିନ୍ସ ଫେଜ୍-୨ ରେ ‘ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ’ ପକ୍ଷରୁ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୧୧୦ ଲିଟରରୁ ଅଧିକ ପଣା ପଥଚାରୀ, ନିର୍ମାଣ କର୍ମୀ, ଡେଲିଭେରି କର୍ମଚାରୀ, ଅଟୋ ଏବଂ ଟ୍ୟାକ୍ସି ଚାଳକଙ୍କ ସହିତ ଅଞ୍ଚଳକୁ ଆସୁଥିବା ସାଧାରଣ ନାଗରିକମାନଙ୍କୁ ବଣ୍ଟନ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ବର୍ତ୍ତମାନ ଅନୁଭବ ହେଉଥିବା ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ‘ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ’ ପକ୍ଷରୁ ପଥଚାରୀମାନଙ୍କ ସହଯୋଗ ନିମନ୍ତେ ଏହି ଜଳଛତ୍ର ପ୍ରୟାସ ଆରମ୍ଭ କରାଯାଇଛି। ଏହି ଜଳଛତ୍ରକୁ ଓଡିଆ ନବବର୍ଷ ଓ ପଣା ସଂକ୍ରାନ୍ତି ତିଥିରେ ଆରମ୍ଭ କରାଯାଇଥିଲା ଏବଂ ଏହା ଆସନ୍ତା ଶ୍ରମିକ ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ କାର୍ଯ୍ୟକାରୀ ରହିବ।



ଏହି ଜଳଛତ୍ରରେ ପ୍ରତିଦିନ ୧୦୦ ଲିଟରରୁ ଉର୍ଦ୍ଧ୍ୱ ପଣା ସମ୍ପୂର୍ଣ୍ଣା କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବଣ୍ଟନ କରାଯାଉଛି। ଏହି ପଣା ବଣ୍ଟନ କାର୍ଯ୍ୟକ୍ରମଟି ସୁପର୍ଣ୍ଣା ମିଶ୍ର, ସଂଘମିତ୍ରା ସତପଥୀ, ମହୁଆ ରାୟ, ସ୍ମିତା ପଣ୍ଡା, ରଶ୍ମି ଗୌଡ, ମୃଣ୍ମୟୀ ମହାପାତ୍ର, ସ୍ନେହପ୍ରଭା ଦାସ, ଅନିମା ଦାଶ ଓ ଦେବଶ୍ରୀ ବାନାର୍ଜୀଙ୍କ ସହ କ୍ଲବର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନଙ୍କ ଦ୍ୱାରା ସମନ୍ୱୟ କରାଯାଇଥିଲା। ଏହି ଅବସରରେ ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବର ଅଧକ୍ଷା ପ୍ରତିମା ଦାଶ କହିଥିଲେ ଯେ ଜଳଛତ୍ର କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବର ସଦସ୍ୟମାନଙ୍କ ଏକ ସାମାଜିକ ପ୍ରୟାସ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ




ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ପରିସରରେ ଜଳ ପକ୍ଷ ଅବସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର (ଏନସିସି) ସ୍ଥଳସେନା ବିଭାଗ ପକ୍ଷରୁ ଏକ ‘ଜଳଛତ୍ର’ ବା ପାନୀୟ ଜଳ ବଣ୍ଟନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ସଂରକ୍ଷଣର ଗୁରୁତ୍ୱ ଏବଂ ମାନବ ଶରୀର ଉପରେ ରୌଦ୍ର ତାପର ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ସମାଜସେବା କାର୍ଯ୍ୟରେ ସମର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ଆବଶ୍ୟକ ସାମଗ୍ରୀ ସଂଗ୍ରହଠାରୁ ଆରମ୍ଭ କରି ଶୀତଳ ପାନୀୟ ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶିକ୍ଷାର୍ଥୀମାନେ ନିଜେ ସମ୍ପାଦନ କରିଥିଲେ। ପରେ ବିଦ୍ୟାଳୟର ମୁଖ୍ୟ ପ୍ରବେଶ ପଥ ନିକଟରେ ସେମାନେ ପଥିକ ଓ ସାଧାରଣ ଲୋକମାନଙ୍କୁ ପାନୀୟ ବଣ୍ଟନ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ସେମାନଙ୍କର ଦଳୀୟ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଗୁଣ ପ୍ରତିଫଳିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ଆଦିତ୍ୟ କୁମାର ପାଣ୍ଡା ଶିକ୍ଷାର୍ଥୀମାନଙ୍କ ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବେଦନଶୀଳତା ଓ ଦାୟିତ୍ୱବୋଧ ବୃଦ୍ଧି କରିବା ସହ ବାହିନୀର ମୂଳ ମନ୍ତ୍ର ‘ଏକତା ଓ ଶୃଙ୍ଖଳା’କୁ ସୁଦୃଢ଼ କରିଥାଏ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ ଏବଂ ଅଭିଭାବକମାନେ ସକ୍ରିୟ ସହଯୋଗ କରିଥିଲେ। ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଶିକ୍ଷାର୍ଥୀମାନଙ୍କର ଏହି ସେବା ମନୋଭାବକୁ ସାଧାରଣ ଲୋକମାନେ ବହୁତ ପ୍ରଶଂସା କରିଛନ୍ତି।

## ଇଟିକିଲି ମିଟିକିଲି ଚିତ୍ରାଙ୍କନ ଉତ୍ସବ

# ରଙ୍ଗତୂଳୀରେ ରଙ୍ଗାୟିତ ହେଲା ବନ୍ଦେ ମାତରମ୍



**ଭୁବନେଶ୍ୱର,୧୯।୪/ଏନ୍ଏନ୍ଏସ୍:** ୧୮୭୫ ମସିହା ନଭେମ୍ବର ୭ ତାରିଖରେ ରଚିତ ବନ୍ଦେ ମାତରମ୍ ସଂଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ସମ୍ପ୍ରତି ଦେଶବ୍ୟାପୀ ପାଳନ କରାଯାଉଅଛି। ଏହିପରି ଏକ ମହାର୍ଘ ଅବସରରେ ଆମ ରାଜ୍ୟର ପିଲାମାନଙ୍କୁ ଅଧିକ ସଚେତନ କରିବା ପାଇଁ ଆଜି ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଇଟିକିଲି ମିଟିକିଲି ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଅନୁଷ୍ଠାନର ୩୧ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମୂଳକ ବନ୍ଦେ ମାତରମ୍ ଚିତ୍ରାଙ୍କନ ଉତ୍ସବ। ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଚିତ୍ରାଙ୍କନ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ଚିତ୍ରଶିଳ୍ପୀ ହେବାପାଇଁ ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଅନୁଷ୍ଠାନର ଉପ-ସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ପିଲାମାନଙ୍କ ଉଦ୍ଦେଶ୍ୟରେ ଏକ ଉଦ୍‌ବୋଧନ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ସଚିବ ଶରତ କୁମାର ନାୟକ ଇଟିକିଲି ମିଟିକିଲର ବିଗତ ତିରିଶ ବର୍ଷର ଚିତ୍ରାଙ୍କନ କାର୍ଯ୍ୟାବଳୀ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ। ୟୁକେଜିରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨୪ ଜଣ ଛାତ୍ରଛାତ୍ରୀ ତିନୋଟି ବିଭାଗରେ ବିଭକ୍ତ ହୋଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ କାର୍ଯ୍ୟକ୍ରମ ପରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ନିମନ୍ତେ ଇଟିକିଲି ମିଟିକିଲି ସୌଜନ୍ୟରୁ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ସୋ’ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସଂପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ସବିତା ତ୍ରିପାଠୀ, ଅନିତା ବେହେରା, ଶିଳ୍ପୀତା ବିଶ୍ୱାଳ, ପ୍ରିୟଦର୍ଶୀ ସୌମ୍ୟକାନ୍ତ, ସେହ୍ନଲତା ବିଶ୍ୱାଳ, ନିର୍ଝୁମ ମହାନ୍ତି ଓ ପ୍ରତ୍ୟୁଷିନୀ ମହାନ୍ତି ପ୍ରମୁଖ ଚିତ୍ରାଙ୍କନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ଇଟିକିଲି ମିଟିକିଲି ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ମୁଁ ବି ଜଣେ ପାଠକ, ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ସମ୍ବାଦପାଠ, କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ ଓ ନୃତ୍ୟର ବିଶେଷ କାର୍ଯ୍ୟକ୍ରମ ନାଦମ୍ବିକା ଇତ୍ୟାଦି ଆଗାମୀ ମେ ୯, ୧୦ ଓ ୧୧ତାରିଖ ତିନିଦିନ ଧରି ପ୍ରତ୍ୟହ ସକାଳ ଦଶଟାରୁ ରାତି ନଅଟା ପର୍ଯ୍ୟନ୍ତ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିର ଅଡ଼ିଟୋରିଅମ୍‌ଠାରେ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଜୁଲାଇ ୫ ତାରିଖ ଦିନ ଜୟଦେବ ଭବନରେ ଆୟୋଜିତ ହେବ ବୋଲି ଅନୁଷ୍ଠାନର ସଚିବ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ସୁନାମୁହିଁ ହାଇସ୍କୁଲ୍ ୧୯୮୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ନୟାଗଡ଼,୧୯।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ସୁନାମୁହିଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁନାମୁହିଁ ନୂଆ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷକ ଚନ୍ଦ୍ରଶେଖର ବିଶୋଇ ଓ ସମ୍ମାନିତ ଅତିଥି ଭାବେ ବିନୋଦ ଚନ୍ଦ୍ର ଉତ୍ତରକବାଟ, ରାଜକିଶୋର ମହାରଣା, ଦେବେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାଦାନରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସମ୍ପର୍କ ଏବଂ ଗୁରୁପୂଜନ ଉଦ୍ଦେଶ୍ୟରେ ବନ୍ଧୁ ମିଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏପରିକି ବନ୍ଧୁମିଳନକୁ ମହାମିଳନ ବୋଲି ଅଭିହିତ କରିବା ସହ ନିବିଡତା ଓ ଆତ୍ମୀୟତା କେବଳ ହାଇସ୍କୁଲ ସ୍ତରରେ ମିଳେ ବୋଲି କହି ପାଠପଢା ସମୟର ଅପାସୋରା ସ୍ମୃତିକୁ ରୋମନ୍ଥନ କରିଥିଲେ । ସନ୍ତୋଷ କୁମାର ପଣ୍ଡା ଓ ବିଜୟ କୁମାର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ପୁରାତନ ଛାତ୍ରଛାତ୍ରୀମାନେ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିଥିଲେ ।

# ସହିଦ ବିଜୟଙ୍କ ବଳିଦାନ ଦିବସରେ ସ୍ମୃତିଚାରଣ

**ଚାରିଛକ,୧୯।୪/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମର ସହିଦ ବିଜୟ କୁମାର ଭୋଇଙ୍କ ବଳିଦାନ ଦିବସ ଓ ସ୍ମୃତି ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି । ସିଆରପିଏଫ ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜିତ ବଳିଦାନ ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ସିଆରପିଏଫ ଡିଆଇଜି ଭରତ ଭୂଷଣ ସେଠୀ, ଏସଆଇ ପୁରୁଷୋତ୍ତମ କର, ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ମନୋରଂଜନ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ କୁମାର ସେନାପତି,ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ସେନାପତି, ସଦସ୍ୟ ବିଜୟ କୁମାର ସେନାପତି, ସହିଦଙ୍କ ଧର୍ମପତ୍ନୀ ସରୋଜିନୀ ଭୋଇ ଓ ଦୁଇ ଝିଅଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହିଦଙ୍କ ସ୍ମୃତି ଚାରଣ କରିଥିଲେ । ମୁଖ୍ୟ ଅତିଥି ଡିଆଇଜିଙ୍କ ଦ୍ୱାରା ସହିଦଙ୍କ ପତ୍ନୀଙ୍କୁ ସମ୍ମାନୀତ କରାଯାଇଥିଲା । ସହୀଦ ବିଜୟ ଅମର ରହେ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା । ପ୍ରଧାନ ଶିକ୍ଷକ ମନୋରଂଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା’ ବାଗ୍‌ଦେବୀଙ୍କ ବାର୍ଷିକୋତ୍ସବ



**ଓଡ଼ଗାଁ,୧୯।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ଅଧିନ ପଥରା ଗ୍ରାମରେ ବିରାଜିତ ମା’ବାଗଦେବୀଙ୍କ ବାର୍ଷିକୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି । ବୈଶାଖ ଶୁକ୍ଳପକ୍ଷ ଅକ୍ଷୟ ଦ୍ୱିତୀୟା ତିଥିରେ କୁରାଳ ମଠମହନ୍ତ ଶ୍ରୀଶ୍ରୀ ବାଳକୃଷ୍ଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଅଧିବାସ, ଅଙ୍କୁରାରୋପଣ ଓ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା । ଜଳଯାତ୍ରାରେ ପଥରା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଭାଗନେଇ ନିକଟସ୍ଥ ପୋଖରୀରୁ ଜଳସଂଗ୍ରହ କରିଥିଲେ । କର୍ତ୍ତାଭାବେ ସହଦେବ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ କମଳା ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତନାମ ସଙ୍କୀର୍ତ୍ତନରେ ଟାକରଡା(ଗଞ୍ଜାମ), ଗିରିଡିପଲ୍ଲୀ ମହିଳାଦଳ, ରଙ୍ଗଣୀପାଟଣା ମହିଳାଦଳ ଓ ଜୟପୁର (ବାହାଡ଼ାଖୋଲା) ମହିଳାଦଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ କରିଥିବାବେଳେ ସମସ୍ତ ଦଳର ପାରମ୍ପରିକ ନୃତ୍ୟ, ସଂକୀର୍ତ୍ତନ ଓ ଖୋଳବାଦନ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା । ଦୁଇଦିନଧରି ହେଉଥିବା କାର୍ଯ୍ୟକ୍ରମରେ ପ୍ରତ୍ୟହ ପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ହରେକୃଷ୍ଣ ହରେରାମ ଶବ୍ଦରେ ପୂରା ଅଞ୍ଚଳ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ନାମଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳର ବହୁଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ କାର୍ଯ୍ୟକ୍ରମରେ କୋମଣ୍ଡ ସରପଞ୍ଚ ଦୀପିକା ସେଠୀ, ସମାଜସେବୀ ସନ୍ତୋଷ କୁମାର ସେଠୀ, ୱାର୍ଡସଭ୍ୟ ସୁଦର୍ଶନ ବିଶୋଇଙ୍କ ସମେତ ପଥରାର ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ଜଣାପଡ଼ିଛି ।

# ମା’ ତାରିଣୀଙ୍କ ତ୍ରୟୋଦଶ ବାର୍ଷିକ ଉତ୍ସବ

**କଣ୍ଟିଲୋ,୧୯।୪/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୀଳମାଧବ ନୋଡାଲ ବିଦ୍ୟା ପୀଠ ନିକଟସ୍ଥ ଚନ୍ଦନ ପାଟଣାସାହିରେ ପୂଜିତ ମା’ ତାରିଣୀଙ୍କ ତ୍ରୟୋଦଶ ବାର୍ଷିକ ଉତ୍ସବ ଆଜି ରବିବାର୍ ଖୁବ୍ ଧୁମ୍‌ଧାମ ଓ ଯାକ ଜମକରେ ପାଳିତ ହୋଇଯାଇଛି । ସୂଚନାରୁ ପ୍ରକାଶ ଯେ, ଆଜି ପୂର୍ବାହ୍ନରେ ପାରମ୍ପରିକ ନୀତି ଓ ବିଧି ବିଧାନ ଅନୁସାରେ ଶତାଧିକ ପୁରୁଷ ଓ ମହିଳା ଭକ୍ତ ନଦିଆ କୀର୍ତ୍ତନ, ଘଣ୍ଟ, ଘଣ୍ଟା, ଶଙ୍ଖ ଓ ଡିଜେ ବାଜାର ପ୍ରକମ୍ପିତ ଧ୍ୱନି ମଧ୍ୟରେ ମହାନଦୀ ଘାଟରେ ପ୍ରତ୍ୟେକ ପୂଜାର୍ଚ୍ଚନା ଶେଷକରି ଜଳ କଳସୀ ମୁଣ୍ଡରେ ଧରି ଗ୍ରାମ ପରିକ୍ରମା ଶେଷକରି ମା’ଙ୍କ ମଣ୍ଡପ ପୀଠରେ ସ୍ଥାପନା କରିଥିଲେ । ଉତ୍ସବର ମୁଖ୍ୟ କର୍ତ୍ତା ଭାବେ ଶସ୍ତ୍ରିକ ରମାକାନ୍ତ ସାହୁ ଓ ଜ୍ୟୋସ୍ନାରାଣୀ ସାହୁ କାର୍ଯ୍ୟ ତୁଲାଉଥିବାବେଳେ ପୁରୋହିତ ଭାବେ ଲୁନା ମିଶ୍ର ପ୍ରତ୍ୟେକ ପୂଜାବିଧି ସହ ଘୃତ ହୋମ ସମ୍ପନ୍ନ କରିଛନ୍ତି । ଅପରାହ୍ନରେ ପୂର୍ଣ୍ଣାହୁତି ବ୍ୟବସ୍ଥା ହୋଇଥିବା ମନ୍ଦିର ପ୍ରତିଷ୍ଠାତା ଅବସରପ୍ରାପ୍ତ କୃଷିବିଭାଗ ଅଧିକାରୀ ଧ୍ରୁବଚରଣ ସାହୁ, ତାଙ୍କ ଧର୍ମପତ୍ନୀ ଓ ସାନପୁଅ ଶ୍ରଦ୍ଧାକାନ୍ତ ସୂଚନା ଦେଇଛନ୍ତି ।

# ନୀଳମାଧବ କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

**କଣ୍ଟିଲୋ,୧୯।୪/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରତିଷ୍ଠାତା ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧ ଦିବସ ସ୍ଥାନୀୟ କଲେଜ ପ୍ରାଙ୍ଗଣରେ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ଓମ୍‌ପ୍ରକାଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜ ପରିସରରେ ସ୍ଥାନିତ ସ୍ୱର୍ଗତ ସତ୍ୟଭାଇନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ । ଏଥିରେ ମନ୍ଦିର ସେବାୟତ ଶ୍ରୀବତ୍ସ ମିଶ୍ର ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ପିୟୁଷ ପ୍ରସାଦ ମିଶ୍ର, ପୁତ୍ରବଧୂ ବିଷ୍ଣୁପ୍ରିୟା ମିଶ୍ର ଓ କନିଷ୍ଠ ନାତି ନିର୍ଲିପ୍ତ କୁମାର ମିଶ୍ର ଯୋଗଦେଇଥିଲା ବେଳେ ଅଧ୍ୟାପକ ହୃଷିକେଶ ମିଶ୍ର, ଶରତ କୁମାର ସାହୁ, ରମେଶ କୁମାର ପାଢ଼ୀ, ରାଜୀବଲୋଚନ ମିଶ୍ର, ସୁଜଳ ମହାରଣା, ଦିଲୀପ କୁମାର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ସଂଯୋଜନା କରିଥିଲା ବେଳେ ଅଧ୍ୟାପକ ଓମ୍‌ପ୍ରକାଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ରଘୁନାଥ ସମବାୟ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଓଡ଼ଗାଁ,୧୯।୪/ଏନ୍‌ଏନ୍‌ଏସ୍:** କଲେଜରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ନିଜର ଅଭ୍ୟାସ ଆଉ ଆଗ୍ରହକୁ ଗୁରୁତ୍ୱଦେବା ନିହାତି ଆବଶ୍ୟକ । ଜଣେ ଭଲ ନାଗରିକ ହେବାକୁ ହେଲେ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷାଗ୍ରହଣ ସହ ଚତୁର୍ପାର୍ଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ଅଧିକ ଜ୍ଞାନଆହରଣ କରିବା ଦରକାର ବୋଲି ରବିବାର ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି ।

ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ଚୌଧୁରୀ, ବିଶିଷ୍ଟ ଅତିଥିଭାବେ ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଓ ସମ୍ମାନିତ ଅତିଥିଭାବେ



ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ବିଭୂତି ମହାପାତ୍ର, ରାଜନୀତି ବିଜ୍ଞାନ ମୁଖ୍ୟ ଡ. ନିରୁପମା ଦଳବେହେରା, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ,ପ୍ରାଣୀବିଜ୍ଞାନ ମୁଖ୍ୟ ରବୀନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମୟାନୁବର୍ତ୍ତିତା,ଉତ୍ତମ ଚରିତ୍ର ଗଠନ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ।ମହା ବିଦ୍ୟାଳୟର ଶିକ୍ଷାବିଭାଗ ମୁଖ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ ପରିଚୟ ପ୍ରଦାନ କରିଥିବାବେଳେ ଓଡ଼ିଆ ଅଧ୍ୟାପକ ଡ. ଚିତ୍ତରଞ୍ଜନ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ପୂର୍ବରୁ ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜ୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଟ୍ରଫିଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି ।

# ଉନ୍ନୟନ କାର୍ଯ୍ୟ ନିମ୍ନମାନର ଅଭିଯୋଗ, ତଦନ୍ତ ଦାବି

**କଣ୍ଟିଲୋ,୧୯।୪/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ବର୍ତ୍ତମାନ ପରିସ୍ଥିତିରେ ପଞ୍ଚାୟତ, ବ୍ଲକ, ତହସିଲ ଓ ଜିଲ୍ଲାମାନଙ୍କରେ ସର୍ବସାଧାରଣ ଜନତାଙ୍କ ଉପକାର ପାଇଁ ନିର୍ମାଣ ହେଉଥିବା ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ତନଖି ଅବହେଳାରୁ ଏଥିପାଇଁ ଚାଲିଥିବା ପିସି କାରବାର ବ୍ୟାଧି ଯୋଗୁ ପ୍ରତ୍ୟେକ କାର୍ଯ୍ୟ ନିର୍ମାଣରେ ଖେଚା ଓ ନିମ୍ନମାନର ହେଉଥିବା ସହିତ ଦୁର୍ବଳ କାର୍ଯ୍ୟ ଯୋଗୁ ଆସନ୍ନ ବିପଦକୁ ଆହ୍ୱାନ କରାଯାଉଥିବା ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ଯେ, କଣ୍ଟିଲୋ ପୂର୍ବ ଦିଗରେ ଥିବା କମେଇ ନଦୀର ଅପରପାର୍ଶ୍ୱରେ ଧାନଚାଙ୍ଗଡ଼ା ଯିବା ବନ୍ଧ କାର୍ଯ୍ୟ, ବାମପଟେ ଥିବା ବନ୍ଧ କାର୍ଯ୍ୟ, ଚବିଶ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ କାର୍ଯ୍ୟ, ନଡ଼ିଆ ପୋଖରୀ ଠାରୁ ମାଆ ଶ୍ମଶାନଚଣ୍ଡୀ ବନ୍ଧ କାର୍ଯ୍ୟ, କଣ୍ଟିଲୋ ଫାଣ୍ଡି ଗୃହ ନିର୍ମାଣ କାର୍ଯ୍ୟ, ଆର୍ ଆଇ ଅଫିସ କାର୍ଯ୍ୟ, ଶ୍ରୀ ଜିଉଙ୍କ ପାର୍କିଂ ପ୍ଲେସ କାର୍ଯ୍ୟ, ଦୟଣା ଚୋରି ବଗିଚା କାର୍ଯ୍ୟ, ଲିଫ୍ଟ କାର୍ଯ୍ୟ, ଚନ୍ଦନ ପୋଖରୀ କାର୍ଯ୍ୟ,କଣ୍ଟିଲୋ ମୁଖ୍ୟ ବଜାର ଠାରୁ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ମାଳବନ୍ଧ କାର୍ଯ୍ୟ, ଗାନ୍ଧୀ ପାର୍କ କାର୍ଯ୍ୟ, କଲେଜ୍ ରାସ୍ତା କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ସଂପୃକ୍ତ ଠିକାଦାରମାନେ ପିସି ଦେଇ କାମ କରୁଥିବା ହେତୁ ବିନା ସୂଚନା ଫଳକରେ ତଥା ଉଦ୍ଦିଷ୍ଟ ସରକାରୀ ଏଷ୍ଟିମେଟ୍‌କୁ ଭ୍ରୁକ୍ଷେପ ନ କରି ଘୋର ଅନିୟମିତତା ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ କରିଥିବା ଅଭିଯୋଗରୁ ଜଣାଯାଏ । ବିଭାଗୀୟ ଯନ୍ତ୍ରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସୁପାରିଶରେ ନିର୍ମାଣ କାର୍ଯ୍ୟ ନେଇଥିବା ଅନଭିଜ୍ଞ ଠିକାଦାରମାନେ କାର୍ଯ୍ୟର ଭବିଷ୍ୟତ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱ ନ ଦେଇ ନିଜ ସ୍ୱାର୍ଥ ପାଇଁ ବିଭିନ୍ନ ସ୍ତରରେ ପିସି ଦେଇ ନିର୍ମାଣ କାର୍ଯ୍ୟରେ ଅବହେଳା କରିଥିବାରୁ ସେହି କାର୍ଯ୍ୟର ମାନ ଓ ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ଠିକାଦାର କାର୍ଯ୍ୟ ଶେଷକରି ସରକାରୀ ବାବୁ ଓ ରାଜନୈତିକ ବ୍ୟକ୍ତିମାନଙ୍କୁ ହସ୍ତଗତ କରି ବିଲ ନେଇ ଯାଇଥିବା ବେଳେ ଅନ୍ୟ କିଛି ଠିକାଦାର କାର୍ଯ୍ୟ ଚାଲୁ ରଖିଛନ୍ତି । ନୟାଗଡ଼ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାର କଣ୍ଟିଲୋରେ ଚାଲିଥିବା ଓ ଶେଷ ହୋଇଥିବା ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟର ଟିକିନିଖି ତଦନ୍ତକରି ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚଢ଼ଉ

**ନିଶ୍ଚିନ୍ତକୋଇଲି,୧୯।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍କୁଲ କଲେଜ ଫାଟକ ପାଖରେ ହୋଇଥିବା ଗୁଟ୍‌କା , ସିଗାରେଟ୍ ଦୋକାନ ଉପରେ ଚଢାଉ କରାଯାଇଛି । ଏହି ଅବସରରେ ଅସୁରେଶ୍ୱର ବଜାରରେ ଥିବା କେତେକ ଗୁଟ୍‌କା ଦୋକାନ ଉପରେ ଚଢାଉ କରାଯାଇ ସେମାନଙ୍କଠାରୁ ବିଭିନ୍ନ ପ୍ରକାର ଗୁଟ୍‌କା ପ୍ୟାକେଟ ଓ ସିଗାରେଟ ଜବତ କରାଯାଇଥିଲା ବେଳେ ଦୋକାନୀଙ୍କଠାରୁ ଜାରିମାନା ଆଦାୟ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ହଠାତ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କେତେକ କର୍ମଚାରୀ ଅସୁରେଶ୍ୱର କଲେଜ ଓ ହାଇସ୍କୁଲ ନିକଟରେ ଥିବା ବଜାରର ଯେଉଁ ତିନି ଚାରୋଟି ଦୋକାନରେ ଗୁଟ୍‌କା ଓ ସିଗାରେଟ୍ ବିକ୍ରି କରାଯାଉଥିଲା ସେମାନଙ୍କ ଦୋକାନରେ ପଶି ଯାଞ୍ଚ କରାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଅପରପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ବଡ ବଡ ହୋଲସେଲ ଦୋକାନଗୁଡିକ ଉପରେ ଚଢାଉ କରି ଗୁଟ୍‌କା ଜବତ କରିଲେ ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ୪ର୍ଥ ସତ୍ୟଭାମା ଶବ୍ଦରାଗ ମହୋତ୍ସବ

**ସାକ୍ଷୀଗୋପାଳ,୧୯।୪/ଏନ୍‌ଏନ୍‌ଏସ୍:** ଜ୍ୟୋତିଷ ବିଶାରଦ ଓ ବାସ୍ତୁବିଦ ଦେବୀ ପ୍ରସାଦ ମହାପାତ୍ରଙ୍କ ମାତା ସତ୍ୟଭାମା ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ୪ର୍ଥ ସତ୍ୟଭାମା ଶବ୍ଦରାଗ ମହୋତ୍ସବ ନିଜସ୍ୱ ଗ୍ରାମ ବରାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଓଡ଼ିଆ ଭାଷାବିଦ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ଟିକାୟତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଓଡିଶା ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଓଡିଶା ବିଧାନସଭାର ପୂର୍ବତନ ଅନୁଶାସନ ସଚିବ ସୁରେଶ କୁମାର ନାୟକ, ବିଶିଷ୍ଟ ଜ୍ୟୋତିର୍ବିଦ ନିରଞ୍ଜନ ମହାପାତ୍ର, ଆଦିତ୍ୟ ପବଲିକେସନର ସମ୍ପାଦକ ଦେବାଶିଷ ସାମନ୍ତରାୟ, ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆ ପ୍ରମୁଖ ଆୟୋଜିତ ସଭାରେ ଅତିଥି ଭାବରେ ଯୋଗ ଦେଇ ସମବେତ ସାରସ୍ୱତ ସାଧକ ମାନଙ୍କୁ ସମ୍ବୋଧିତ କରିବା ସହ ଜନ୍ମଦାତ୍ରୀ ମା ପ୍ରତି ଏହି ଅନନ୍ୟ ପ୍ରୟାସର ପ୍ରଶଂସା କରିଥିଲେ । ଗାୟକ ଜ୍ଞାନସାଗର ଗୁରୁ ସଚ୍ଚିଦାନନ୍ଦ ମହାପାତ୍ର



ସଭାରେ ଅଧ୍ୟକ୍ଷତା କରିଥିଲେ । ଦେବୀ ମହାପାତ୍ରଙ୍କ ସମ୍ପାଦନାରେ ପାର୍ବତୀ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ଜନ୍ମଦାତ୍ରୀ ମା’ଙ୍କ ସ୍ମୃତିରେ ସ୍ମରଣିକା ‘ସତ୍ୟଭାମା’ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କବୟିତ୍ରୀ ତଥା କଣ୍ଠଶିଳ୍ପୀ ସର୍ବାଣୀ ଦାସ କବିତା ଆସର ସଂଯୋଜନା କରିଥିଲେ । ସାହିତ୍ୟ, କଳା ସଂସ୍କୃତି ସହିତ ସାମ୍ବାଦିକତା କ୍ଷେତ୍ରରେ ସତ୍ୟବାଦୀର ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ପଟ୍ଟନାୟକ, କିଶୋର ଚନ୍ଦ୍ର ମହାପାତ୍ର ଓ ଭରତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଯୁବ ଓଡିଶୀ ନୃତ୍ୟାଙ୍ଗନା ସୁଦତ୍ତା ସାଙ୍ଗସ୍ନାତା ମିଶ୍ର ନବଦୁର୍ଗା ନୃତ୍ୟ ନିଖୁଣ ଭାବେ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁଧୀର ସ୍ୱାଇଁ, ହେମେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ ଓ ବିଶ୍ୱନାଥ ପଟ୍ଟନାୟକଙ୍କ ସହଯୋଗରେ ମାନସ ରଞ୍ଜନ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ପଲେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ମେଧା ପ୍ରତିଭା ସମ୍ବର୍ଦ୍ଧନା

**ବୟାଳିଶମୌଜା,୧୯।୪/ଏନ୍‌ଏନ୍‌ଏସ୍:** ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ (ସିବିଏସଇ) ଦଶମ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶ୍ରୀରାମ, ୪୨ମୌଜା କଟକ ସଦର, କଟକର ମେଧା ପ୍ରତିଭା ସୋନାକ୍ଷୀ ମହାନ୍ତି ଶତକଡା ୯୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଶା ରାଷ୍ଟ୍ରବାଦୀ ସଙ୍ଘ ପକ୍ଷରୁ ବୟାଳିଶ ମୌଜା ଅନ୍ତର୍ଗତ ଝାରକଟା ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସୋନାକ୍ଷୀ ମହାନ୍ତି ହେଉଛନ୍ତି ପ୍ରତ୍ୟୁଷ କୁମାର ମହାନ୍ତି ଓ ରଶ୍ମିତା ମହାନ୍ତିଙ୍କ ସୁକନ୍ୟା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘର ସଭାପତି ଯୁବ ସଂଗଠକ ଇଂ. ଗିରିଜା ଶଙ୍କର ପତି, ବରିଷ୍ଠ ସାମ୍ବାଦିକ ତଥା ୪୨ ମୌଜା ଉନ୍ନୟନ ପରିଷଦର ସଭାପତି ଅନିଲ କୁମାର ଦାସ, ଭାରତୀୟ କିଷାନ ସଂଘର ରାଜ୍ୟ ସମ୍ପାଦକ ତଥା ୪୨ ମୌଜା ସଭାପତି ଦେବୀ ପ୍ରସାଦ ପତି (ଯୋଜନା ସମୀକ୍ଷକ) ଓ ଗୋରକ୍ଷକ ରଞ୍ଜନ ନାୟକଙ୍କ ସହ ପରିବାରର ସଦସ୍ୟ ମାନେ ଉପସ୍ଥିତ ଥିଲେ । ସଂଗଠନ ପକ୍ଷରୁ ଏହି ମେଧା ପ୍ରତିଭାଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଉଛି ।

# ବାଳିକା ବିଦ୍ୟାଳୟରେ ଆଇନ ସଚେତନତା ଶିବିର

**ଓଡଗାଁ,୧୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାର ୧ ଜୁଲାଇ ୨୦୨୪ରୁ ବ୍ରିଟିଶ ଅମଳରୁ ପ୍ରଚଳିତ ଆଇପିସି ଏବଂ ସିଆରପିସି ଆଇନକୁ ପରିବର୍ତ୍ତନ କରି ଭାରତୀୟ ନ୍ୟାୟସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ କରିଛନ୍ତି । ପୂର୍ବରୁ ଥିବା ୫୧୧ ସେକ୍ସନକୁ କମାଇ ୩୫୮ ରେ ସୀମିତ କରିଛନ୍ତି । ଶୁକ୍ରବାର ଓଡଗାଁ ଆଦର୍ଶଥାନା ପକ୍ଷରୁ ଓଡ଼ଗାଁ ଏନଏସି ଅନ୍ତର୍ଗତ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସବ ଇନ୍ସପେକେଟର ଚକ୍ରଧର ସିଂ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରୀମାନଙ୍କୁ ନୂତନ ଆଇନ ଓ ପୁରୁଣା ଆଇନ ଭିତରେ ଥିବା ପ୍ରଭେଦକୁ ବିଷଦ ଭାବରେ ବୁଝାଇଥିଲେ । ନୂତନ ଆଇନରେ ମୁଖ୍ୟତଃ ନିର୍ଦ୍ଦିଷ୍ଟ ସମୟ ସୀମାମଧ୍ୟରେ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଯାଇଛି ଓ ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଥାନା ଏଏସଆଇ ମନୋରଞ୍ଜନ ଦେହୁରୀ, ଏଏସଆଇ ଟିଟୁବାଳା ବେହେରା ଏବଂ ଅନ୍ୟର୍ମଚାରୀ ଉପସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

# ପରମ୍ପରାର ବିଷୁବ ମିଳନ ଏବଂ ସାରସ୍ୱତ ସମାରୋହ

**ନୟାଗଡ଼,୧୯।୪/ଏନ୍‌ଏନ୍‌ଏସ୍:** ନୟାଗଡର ପ୍ରମୁଖ ସାହିତ୍ୟ ଓ ସଂସ୍କୃତି ପରିଷଦ ‘ପରମ୍ପରା’ ଏହାର ବିଷୁବ ମିଳନ, ସାରସ୍ୱତ ସମାରୋହ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ୨୦୨୬ ସ୍ଥାନୀୟ କଚେରୀ ରୋଡ଼ ସ୍ଥିତ ସାମ୍ବାଦିକ ଭବନ ଠାରେ ପାଳନ କରିଛି । ଏହି ସାରସ୍ୱତ ମଞ୍ଚରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ରଙ୍କନିଧି ବଳିୟାରସିଂ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତ ଯୋଗ ଦେଇଥିଲେ । ଯଦି ସାହିତ୍ୟ ଅତି ସୁନ୍ଦର ନହେବ, ସରଳ ନହେବ ସର୍ବ ଜନାଦୃତ ନହେବ ତେବେ ତାହା ସାହିତ୍ୟର ପଦବାଚ୍ୟ ନୁହେଁ ବୋଲି ଅତିଥିମାନେ ସେମାନଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରାରମ୍ଭରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଅଧ୍ୟାପିକା ନିଳୀମା ନନ୍ଦ ଓ ନୀଳମାଧବ ମିଶ୍ର କବିତା ଗୁଡ଼ିକୁ ସଂଯୋଜନା କରିଥିଲେ । ଡ଼. ସୁକାନ୍ତି ମହାନ୍ତି ଏହି କାର୍ଯକ୍ରମରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ କିଛି ପ୍ରମୁଖ




ବ୍ୟକ୍ତିତ୍ୱଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଡ଼. ସୁକାନ୍ତି ମହାନ୍ତିଙ୍କର କବିତା ସଂକଳନ ପ୍ରିତିପ୍ରଦା ଓ ସ୍ୱର୍ଗତ ଚନ୍ଦ୍ରମଣି ପ୍ରଧାନଙ୍କ କାବ୍ୟ ଭୈମୀ ବୈଦର୍ଭୀଶ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ । ଅକ୍ଷୟ କୁମାର ରାଉତ ପୁସ୍ତକ ଦୁଇଟିକୁ ସମୀକ୍ଷା କରିଥିଲେ । ପରମ୍ପରାର ସମ୍ପାଦକ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ ସମାରୋହ ପରିଚାଳନା କରିଥିଲେ ।

# ଗାଡ଼ି ଡିକି ଭାଙ୍ଗି ଲୁଟ୍

**ନିଶ୍ଚିନ୍ତକୋଇଲି,୧୯।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କୋଲଣପୁର ପଞ୍ଚାୟତ ପରିସରରୁ ଭତା ଟଙ୍କା ଚୋରୀ ହୋଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି । ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସରପଞ୍ଚ ଗୋପବନ୍ଧୁ ସେଠୀ ବ୍ୟାଙ୍କରୁ ଟଙ୍କା ଉଠାଇ ଗୋଟିଏ ବ୍ୟାଗ୍‌ରେ ପୁରାଇ ସ୍କୁଟି ଡିକିରେ ରଖିଥିଲେ । ପଞ୍ଚାୟତ ପରିସର ମଧ୍ୟରେ ସ୍କୁଟିଟି ରଖାଯାଇଥିଲା ବେଳେ ତିନି ଜଣ ଦୁର୍ବୃତ୍ତ ଆସି ସ୍କୁଟିର ଡିକି ଭାଙ୍ଗି ଭତ୍ତା ଟଙ୍କା ୪ଲକ୍ଷ ୯୦ହଜାର ଟଙ୍କା ରହିଥିବା ବ୍ୟାଗ୍‌ଟିକୁ ନେଇ ଚମ୍ପଟ ମାରିଥିଲେ । ଗାଡି ଡିକିରୁ ଟଙ୍କା ବ୍ୟାଗ୍ ସମେତ ସରପଂଚଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଚୋରୀ ହୋଇଥିବା ଅଭିଯୋଗ ପର୍ଦ୍ଦରେ ସରପଞ୍ଚ ଶ୍ରୀ ସେଠୀ ଦର୍ଶାଯାଇଛି । ଅଭିଯୋଗ ପରେ ଘଟଣାସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ଚୋରର କୌଣସି ସନ୍ଧାନ ମିଳିନାହିଁ ।

# ସାଧନ କେନ୍ଦ୍ରସ୍ତରୀୟ ସେବାନିବୃତ୍ତ ସମ୍ବର୍ଦ୍ଧନା ସମାରୋହ

**କୁଆଁପାଳ,୧୯।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ନାହାଙ୍ଗା ପଞ୍ଚାୟତର ଅଚ୍ୟୁତପୁର ଠାରେ ଅଚ୍ୟୁତପୁର ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସେବାନିବୃତ ସମ୍ବର୍ଦ୍ଧନା ସମାରୋହ ବଙ୍କୀରାଜ ଗୋପାଳପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜାନକୀବଲ୍ଲଭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କିଶୋର ନାୟକ, ଅଚ୍ୟୁତପୁର କେନ୍ଦ୍ରପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ମିଶ୍ର, ସ୍ତମ୍ଭକାର ବିବେକାନନ୍ଦ ଦାସ, ସିଆରସିସି ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ସଂପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ଶିକ୍ଷାବ୍ୟବସ୍ଥାରେ ଶିକ୍ଷକମାନେ କିଭଳି ସମସ୍ୟା ସମ୍ମୁଖୀନ ହେଉଛି ସେ ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଦିବାକର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା । ଶିକ୍ଷକ ରମାକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସେବାନିବୃତ୍ତ ଶିକ୍ଷକ ସାହାନିଆଜପୁର



ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦିପ୍ତ କିଶୋର ସ୍ୱାଇଁ, ବୁଢ଼ୀଜାଗୁଲାଇ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଶତପଥୀ, ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ପ୍ରଧାନ, ବରୁଣେଇ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ସ୍ୱାଇଁ, ବୀରଭଦ୍ରେଶ୍ୱର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ଆଚାର୍ଯ୍ୟ, ଇଟାମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନା ଜେନାଙ୍କୁ ଉପଢ୍ୱୌକନ, ମାନପତ୍ର,ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ ସନଓ୍ୱର ଅଲ୍ଲୀ, ସୁଜନ କୁମାର ଦାସ, ରିଆକସନ୍ ମଲ୍ଲିକ, ସାବିତ୍ରୀ ଲେଙ୍କା, ଦମୟନ୍ତୀ ପଣ୍ଡା, ଛବିରାଣୀ ବେହୁରା, ରଶ୍ମିରେଖା ବେହୁରା, ପ୍ରସନ୍ନ ଘଡେଇ, ପଦ୍ମାଳୟା ସିଂ, ବାସନ୍ତୀ ସୋରେନ୍, ସଂଯୁକ୍ତା ନାଥଶର୍ମା, ରଶ୍ମିବାଳା ପଣ୍ଡା, ଜ୍ୟୋତିରଂଜନ ନାଥଶର୍ମା, ସସ୍ମିତା ରାଉତ, ରଘୁନାଥ ବେଦାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ବିଶ୍ୱଶାନ୍ତି ଯଜ୍ଞରେ ୧୩୬ କଳସ ଶୋଭାଯାତ୍ରା

**କୋଣାର୍କ,୧୯।୪/ଏନ୍‌ଏନ୍‌ଏସ୍:** ରବିବାର ପୂର୍ବାହ୍ନ ରେ କୋଣାର୍କ ଏନଏସି ଜୁଣେଇ ଗ୍ରାମରେ ବିଶ୍ୱଶାନ୍ତି ଶ୍ରୀରାମ କୃପା ପରିଷଦ ପକ୍ଷରୁ ୨୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନ୍ୱାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ନଦିନ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୨୮ ତାରିଖରେ ପୂର୍ଣ୍ଣାହୂତି ସଂପନ୍ନ ହେବ । ରବିବାର ପ୍ରତ୍ୟୁଷରୁ ପୂଣ୍ୟତୋୟା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ବିଧିବଦ୍ଧ ଭାବେ ତୀର୍ଥଜଳ ସଂଗ୍ରହ କରାଯାଇ ଚନ୍ଦ୍ରଭାଗା ରୁ ଜୁଣେଇ ହାଟପଡିଆ ସଂଲଗ୍ନ ଯଜ୍ଞମଣ୍ଡପ ପର୍ଯ୍ୟନ୍ତ ବ୍ରତଧାରୀ ୧୩୬ କଳସ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରାରେ ଆସି ପହଞ୍ଚି କର୍ତ୍ତା ସମୀର ବାରିକ କର୍ତ୍ତ୍ରି ବନିତା ବାରିକଙ୍କ ଦ୍ୱାରା ମୁଖ୍ୟ ପୂଜକ ପଣ୍ଡିତ ସୁଶାନ୍ତ କୁମାର ମହାପାତ୍ର ବିଗ୍ରହ ପ୍ରତିଷ୍ଠା, ଆଦ୍ୟପୂଜା ଓ ହୋମ ଆଦି କାର୍ଯ୍ୟ ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଥିଲା । ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ବିଶ୍ୱଶାନ୍ତି ଶ୍ରୀରାମ କୃପା ପରିଷଦ ପକ୍ଷରୁ ନିବେଦନ କରାଯାଇଛି । ଆଜିର ଏହି କଳସ ଯାତ୍ରାରେ ସଭାପତି ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱ ଓ ସମ୍ପାଦକ ବିଜୟ ଭୋଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।



କାର୍ଯ୍ୟକ୍ରମରେ ସୁରେନ୍ଦ୍ର ଗ୍ରହଚାର୍ଯ୍ୟ ଲିଙ୍ଗରାଜ ସାହୁ, ନେତ୍ରା ନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**ନିତି ଭାରତୀ**

ପାର୍ଥିବ ପ୍ରେମକୁ ଜାଳି ତା'ର ପାଉଁଶକୁ କାଳି କରିଦିଅ; ହୃଦୟକୁ କଲମ କର ଏବଂ ଧିମତ୍ତାକୁ ଲେଖକ କରି ଏମିତି ଲେଖା ଲେଖିଚାଲ, ଯାହାର କେବେ ଶେଷ ହେବନାହିଁ। - **ଗୁରୁ ନାନକ**

NITIDIN
ନିତିଦିନ
ସୋମବାର, ୨୦ ଏପ୍ରିଲ ୨୦୨୬

# ଅକ୍ଷିମୁଠି ଅନୁକୂଳ ଓ ଚନ୍ଦନ ଯାତ୍ରାରମ୍ଭ



ଜୟନ୍ତ ପଟ୍ଟନାୟକ

ବୈଶାଖର ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ ଜନ ଜୀବନ ଅତିଷ୍ଠ ହୋଇଯାଏ। ଏଥିରୁ ଆରାମ ପାଇବାର ଉପାୟ ସ୍ୱୟଂ ପ୍ରଭୁ ଜଗନ୍ନାଥ ବତାଇଥାନ୍ତି। ସେଥିପାଇଁ ବୈଶାଖ ଶୁକ୍ଳ ତୃତୀୟା, ପବିତ୍ରତମ 'ଅକ୍ଷୟ ତୃତୀୟା'ଠାରୁ ମହାବାହୁଙ୍କର ୨୧ଦିନ ବ୍ୟାପି ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୁଏ। ଏହା ହେଲା ବାହାର ଚନ୍ଦନ, କାରଣ ଶ୍ରୀମନ୍ଦିର ବାହାରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଏହି ଯାତ୍ରା ଅନୁଷ୍ଠିତ ହୁଏ। ତା' ପରେ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ, ଆଉ ୨୧ଦିନ ପାଇଁ। ବାହାର ଚନ୍ଦନ ନିମନ୍ତେ ଶ୍ରୀଜିଉମାନଙ୍କର ବିଜେ ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ରାମକୃଷ୍ଣ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରନ୍ତି ପ୍ରତ୍ୟହ ଉପରବେଳା। ସେଠାରେ ପୂର୍ବରୁ ପାଣି ଭିତରୁ କଢ଼ାଯାଇ ଉପଯୁକ୍ତ କରାଯାଇଥିବା ନନ୍ଦା ଓ ଭଦ୍ରା ଡଙ୍ଗାରେ ଯଥାକ୍ରମେ ୧ମରେ ରାମକୃଷ୍ଣ ଓ ୨ୟରେ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ବିଜେ କରନ୍ତି ଓ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପ୍ରଥମ ଦିନ ଏକ ଘେରା ଓ ୨ୟ ଦିନ ଦୁଇ ଘେରା (ପ୍ରତିଦିନ ବଢ଼େ) କ୍ରମରେ ବୁଲି ସାରି ବିଭିନ୍ନ ଭୋଗ, ବିଡ଼ିଆ ପାନ ଇତ୍ୟାଦି ଭୋଗ ଲାଗିବା ପରେ ପୁନଃ ଶ୍ରୀମନ୍ଦିରକୁ ବିଜେ କରନ୍ତି ଓ ସେଠାରେ ଠାକୁରମାନଙ୍କଠାରେ ଚନ୍ଦନ ଲେପନ କରାଯାଏ। ଏହି 'ଅକ୍ଷୟ ତୃତୀୟା' ବୋଧହୁଏ ସବୁଠାରୁ ପବିତ୍ରତମ ଦିନ, କାରଣ ଏହି ଦିନ ଆମ ମହାନ ସନାତନ ସଂସ୍କୃତିର ଏତେଗୁଡ଼ିଏ ପ୍ରସଙ୍ଗ ପଡ଼ିଥାଏ ବା ପାଳନ କରାଯାଏ ଯେ ଯେ କେହି ଏହି ଦିନକୁ ସର୍ବାଧିକ ପବିତ୍ରତମ ଦିବସ ଭାବେ ସ୍ୱୀକାର କରିବେ- ଏଥିରେ ଦ୍ୱିରୁକ୍ତି ନାହିଁ। ଏବେ ଆସନ୍ତୁ ଜାଣିବା ଏ ସମ୍ପର୍କରେ ବିସ୍ତୃତ ଭାବରେ।

ସଂସାରରେ କେତେ ପ୍ରକାର ବ୍ରହ୍ମ ଅଛନ୍ତି, ଯଥା: ସ୍ୱର ବ୍ରହ୍ମ, ନାଦ ବ୍ରହ୍ମ, ଶବ୍ଦ ବ୍ରହ୍ମ, ପିଣ୍ଡ ବ୍ରହ୍ମ, ଅନ୍ନ ବ୍ରହ୍ମ ଓ ଅକ୍ଷର ବ୍ରହ୍ମ। ଯାହାର କ୍ଷର ବା ଶେଷ ନାହିଁ, ତାହା ଅକ୍ଷର। ଅର୍ଥାତ୍ ଯେଉଁ ବକ୍ତବ୍ୟ/ ଉକ୍ତି/ ଭାବନା ଅକ୍ଷରରେ ଗଢ଼ା ବା ବାନ୍ଧି ହୋଇ ରହିଗଲା, ତାହା କେବେ ବି ଆଉ ହଜିଯିବ/ ନଷ୍ଟ ହୋଇଯିବ ନାହିଁ। ଠିକ୍ ସେମିତି ଆଲୋଚ୍ୟ ପ୍ରସଙ୍ଗ 'ଅକ୍ଷୟ ତୃତୀୟା'ରେ ଯେଉଁ କାର୍ଯ୍ୟ କରାଯାଏ, ତାହା କ୍ଷୟ ହେବନାହିଁ ବା ନଷ୍ଟ ହୋଇଯିବ ନାହିଁ- 'ନ କ୍ଷୟ, ଅକ୍ଷୟ'। ବୈଶାଖ ଶୁକ୍ଳ ତୃତୀୟାକୁ ଅକ୍ଷୟ ତୃତୀୟା କୁହାଯାଏ। ଅତୀବ ପବିତ୍ର ଦିନଟିରେ କ୍ଷୟର ଆଶଙ୍କା ନଥିବାରୁ ଯେତେ ପ୍ରକାର ଶୁଭ କାର୍ଯ୍ୟର ଶୁଭାରମ୍ଭ ଏହି ଦିନରୁ କରାଯାଏ।

ଏହି ଦିନରେ କ'ଣ କ'ଣ ପୁଣ୍ୟ କାର୍ଯ୍ୟ କରାଯାଏ ବା ଏହି ଦିନର ପବିତ୍ର ତିଥି ବା ପ୍ରସଙ୍ଗ। ୧) ପ୍ରଥମେ ଆମ ଜନଜୀବନର ଅତ୍ୟାବଶ୍ୟକ ଖାଦ୍ୟ- ଚାଉଳ ବା ଧାନ ଉତ୍ପାଦନର ଆଦ୍ୟ କାହାଣୀ। ଆଜିକାଲି ସିନା ବିଭିନ୍ନ ଯନ୍ତ୍ରପାତି ବା କଳ ଲଙ୍ଗଳରେ ଚାଷ କାର୍ଯ୍ୟ ସମାପନ କରାଯାଉଛି। ଅତୀତରେ ସବୁ ଥିଲା ପ୍ରାକୃତିକ ବା ପ୍ରକୃତି ଆଶ୍ରିତ। ପୂର୍ବରୁ ପ୍ରସ୍ତୁତ ରଖାଯାଇ ଥିବା ବିହନ ବା ମଞ୍ଜି ଧାନକୁ ଚାଷୀଭାଇ ଘରୁ ନୂଆ ମାଣ ବା ଗଉଣୀ ବା ପାତ୍ରରେ ନୂଆ କନାରେ ଢାଙ୍କି, ସେଇ ପାତ୍ରରେ ହଳଦୀ, ଚନ୍ଦନ, ସିନ୍ଦୂର ଲଗାଇ ନିଜର ଇଷ୍ଟ ସୁମରଣାପୂର୍ବକ ପୂର୍ବ ପ୍ରସ୍ତୁତ ଜମିକୁ ନେଇଥାଏ। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ (ଐଶାନ୍ୟ ବା ଉତ୍ତର-ପୂର୍ବ କୋଣରେ) ପାଣି ଢାଳି (ଧୋଇବା) ପବିତ୍ର କରିବା ପରେ ସେଠାରେ ଦୁବ, ଅରୁଆ ଚାଉଳ ରଖି କଳସ ବସାଯାଏ। ଘରୁ ନେଇଥିବା ଧୂପ, ଦୀପ ଦେଇ ସାରିବା ପରେ ଶଙ୍ଖ ବଜାଇବା ସହ ନେଇଥିବା ପିଠା, ଭୋଗ ପ୍ରଭୃତି ପ୍ରଭୁଙ୍କୁ ବା ଜମି ଦେବତା ବା ମା'ଲକ୍ଷ୍ମୀଙ୍କୁ ଭୋଗ ଲଗାଯାଏ। ସେଇ ଧାନ ବିହନ ମଧ୍ୟ ପ୍ରଭୁଙ୍କୁ ଅର୍ପଣ ହୋଇଥାଏ, ତା' ପରେ ତାକୁ (ବିହନକୁ) ପୂର୍ବରୁ କର୍ଷିତ (ଚାଷ କରାଯାଇଥିବା) ସେଇ ଜମିରେ ବୁଣି ଦିଆ ଯାଇଥାଏ। ପରେ ପୁଣି ଚାଷ କରାଯାଏ ବିଧି ରକ୍ଷା ନିମନ୍ତେ ଏବଂ ବର୍ଷା ହେବା ପରେ ଜମିରେ ଥିବା ଧାନ ବିହନ ଗଜା ହୋଇ ଗଛ ହୁଏ। ଏହି ପବିତ୍ର କାର୍ଯ୍ୟକୁ କୁହାଯାଏ 'ଅକ୍ଷିମୁଠି ଅନୁକୂଳ' ଏବଂ ବ୍ୟବହାର କରାଯାଇଥିବା ଜମିକୁ କୁହାଯାଏ 'ଅକ୍ଷି ବାର କିଆରି'। ଆମ ଜନଜୀବନର/ ସମାଜର ଅତ୍ୟାବଶ୍ୟକ ଖାଦ୍ୟ ଉତ୍ପାଦନର ଏହି ପବିତ୍ର ଦିବସରେ ଶ୍ରୀଗଣେଶ କରାଯାଏ। ଏହି ପବିତ୍ର ଦିନଟିର ଶୁଭ ମୁହୂର୍ତ୍ତକୁ ସମ୍ପୂର୍ଣ୍ଣ ରାଜନୀତିକରଣ କରାଯାଉଛି ଆଜିକାଲି। ଦିନେ ଚାଷବାସ, ଜମି, ବିହନ ଇତ୍ୟାଦିର ଧାର ଧାରି ନଥିବା ରାଜନୈତିକ ବ୍ୟକ୍ତିବିଶେଷ ଅକ୍ଷୟ ତୃତୀୟାରେ କିଏ ରାଜା, କିଏ ବ୍ରାହ୍ମଣ, କିଏ ପୂଜକ ବେଶରେ ଚେଲା ଚାମୁଣ୍ଡାଙ୍କୁ ଧରି ମିଡିଆବାଲାଙ୍କୁ ନିମନ୍ତ୍ରଣପୂର୍ବକ ମହାସମାରୋହରେ ଅକ୍ଷିମୁଠି ଅନୁକୂଳର ପ୍ରହସନ କରୁଛନ୍ତି। ଏସବୁର ଏକମାତ୍ର ଲକ୍ଷ୍ୟ ହେଲା ନିଜର/ ଦଳର ପତିଆରା ବୃଦ୍ଧି କରିବା। ୨) ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରାରମ୍ଭ ବା ରଥଯାତ୍ରାର କଥା ପୂର୍ବରୁ କହିଛି। ରଥଯାତ୍ରା ହେଉଛି ଶ୍ରୀଜିଉମାନଙ୍କର ବାର ଯାତ୍ରା ମଧ୍ୟରେ ଶେଷ (ଦ୍ୱାଦଶ) ଯାତ୍ରା ବା ଶ୍ରେଷ୍ଠ ଯାତ୍ରା। କାରଣ ପ୍ରଭୁଙ୍କର ମାସ ବାର, ତିଥି ବାର, ସମୟ ବାରରେ ଯାତ୍ରା ମଧ୍ୟ ବାର। ପୁଣି ଅନୁକୂଳ ଯାତ୍ରା, ଅକ୍ଷୟ ତୃତୀୟା, ସବୁ ଶୁଭର ଅୟମାରମ୍ଭର ଯାତ୍ରା। ୩) ପ୍ରଭୁମାନଙ୍କର ପବିତ୍ର ଶ୍ରେଷ୍ଠ ଯାତ୍ରା, ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ। ୪) ପ୍ରଭୁ ଶ୍ରୀବିଷ୍ଣୁଙ୍କର ଷଷ୍ଠାବତାର ଶ୍ରୀପର୍ଶୁରାମ, ପ୍ରଭୁ ହୟଗ୍ରୀବ ଓ ଶ୍ରୀଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କର ଜନ୍ମଦିନ। ୫) ଏହି ଦ ିନ ବର୍ଷର ଛଅ ମାସ ବନ୍ଦ ରହିବା ପରେ ପ୍ରଭୁ ବଦ୍ରୀ ବିଶାଳଙ୍କର ମନ୍ଦିରର ଦ୍ୱାର ଖୋଲା ଯାଇଥାଏ ଓ ଲକ୍ଷ୍ମୀ ନାରାୟଣଙ୍କର ପବିତ୍ର ଦର୍ଶନ ଆରମ୍ଭ ହୋଇଥାଏ। ୬) ଏହି ଦିନ ପ୍ରଭୁ ଶ୍ରୀବିଷ୍ଣୁଙ୍କର ପାଦ (ନଖ କୋଣ)ରୁ ଗଙ୍ଗା ମାତାଙ୍କର ପବିତ୍ର ଧରାବତରଣ ହୋଇଥିଲା ହିମାଳୟ ପାଦ ଦେଶରେ ଗଙ୍ଗୋତ୍ରୀଠାରେ। ୭) ସତ୍ୟ ଯୁଗ ପରେ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା ଏହି ଦିନ। ୮) ସମ୍ବଲପୁରରେ ଶୀତଳ ଷଷ୍ଠୀ ଯାତ୍ରାର ଶୁଭାରମ୍ଭ (ଥାଳ ଉଠା ବିଧି)। ୯) କେନ୍ଦ୍ରାପଡ଼ା ବଳଦେବଜିଉ ମନ୍ଦିରରେ ହଳାୟୁଧ ବଳଦେବଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ। ୧୦) ଏହି ଦିନ ଗୃହ ପ୍ରତିଷ୍ଠା/ ପ୍ରବେଶ ଓ ସବୁ ପ୍ରକାର ନିର୍ମାଣର ଶିଳାନ୍ୟାସ, ବିଦ୍ୟାରମ୍ଭ ବିବାହ, ବ୍ରତୋପନୟନ, ନୂତନ ବ୍ୟବସାୟ ବା ପରିବର୍ଦ୍ଧନ ଇତ୍ୟାଦିର ଶୁଭାରମ୍ଭ କରାଯାଏ। ୧୧) ଆଉ ଗୋଟିଏ ସମ୍ପୂର୍ଣ୍ଣ ଅଣଓଡ଼ିଆ ପ୍ରସଙ୍ଗ ଓଡ଼ିଆ ସମାଜ/ ଓଡ଼ିଶା ରାଜ୍ୟରେ ଧସେଇ ପଶିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅକ୍ଷୟ ତୃତୀୟାରେ 'ସୁନା ବା ସେହିଭଳି କୌଣସି ଦାମୀ ଜିନିଷ କିଣିଲେ ମା'ଲକ୍ଷ୍ମୀଙ୍କର ଆଶିଷ ଲାଭ ହୁଏ' ଭଳି ଧାରଣା ସରଳ ଓଡ଼ିଆମାନଙ୍କ ମନରେ ପୂରାଇ ଦିଆଯାଇଛି। ତେଣୁ ପେଟରେ ଓଦା କନା ପକାଇ ମଧ୍ୟ ନିଜ ପିଲାଙ୍କୁ ଆଧୁନିକ ଇଂରାଜୀ-ମାଧ୍ୟମ ସ୍କୁଲରେ ପଢ଼ାଇବା ଭଳି ସୁନା କିଣିବାକୁ ଆଗଭର ହେଉଛନ୍ତି 'ଦେଖା ଶିଖା ଓଡ଼ିଶା'ର ଅନୁରାଗୀ ବ୍ୟକ୍ତିଗଣ, ଏହି ପାରମ୍ପରିକ ଶୁଭ କର୍ମକୁ ଅଣଦେଖା କରି। ସୁନା ଦୋକାନୀମାନେ, କିନ୍ତୁ ମାଲେମାଲ ହେଉଛନ୍ତି, ତାଙ୍କର ଶାଖା ପ୍ରଶାଖା ଖୋଲୁଛି ଅନେକ ସହରରେ, ଗରିବରୁ ଗରିବ ହେଉଛନ୍ତି ଓଡ଼ିଆଏ। ଆଉ ଗୋଟିଏ କଥା ଦେଶର ସବୁ ବଛା ବଛା ସୁନା ଗହଣା ପ୍ରତିଷ୍ଠାନ ସବୁ ଆମ (ଅ)ସମୃଦ୍ଧ ରାଜ୍ୟ ଓଡ଼ିଶାମୁହାଁ। ୧୨) ଏହି ଦିନ ମା'ଲକ୍ଷ୍ମୀଙ୍କର ଦିନ। ମା'ଙ୍କର ପୂଜାର୍ଚ୍ଚନା ଅଶେଷ ପୁଣ୍ୟ ଫଳ ଦେଇଥାଏ। ୧୩) ଏହି ଦିନ ପ୍ରତ୍ୟୁଷରୁ ନଦୀ/ ପୁଷ୍କରିଣୀ/ଜଳାଶୟରେ ସ୍ନାନ କରି ତର୍ପଣ/ ଧ୍ୟାନ/ ଦାନ-ଜଳ, ଖାଦ୍ୟ, ଟଙ୍କାପଇସା, ଏପରିକି ରୌଦ୍ରତାପରୁ ରକ୍ଷା ପାଇବାକୁ ଛତା/ ଯୋତା/ ବିଞ୍ଚଣା, ସୁରେଇ ଇତ୍ୟାଦି ଯାହା ଦାନ କଲେ ମଧ୍ୟ ଅଶେଷ ପୁଣ୍ୟଦାୟିନୀ ହୋଇଥାଏ। ୧୪) ଶାସ୍ତ୍ରାନୁଯାୟୀ ଏହି ଦିନ କରାଯାଇଥିବା ଦାନ/ ଧ୍ୟାନ/ ପୁଣ୍ୟ କାର୍ଯ୍ୟ ଦ୍ୱିଗୁଣିତ ହୋଇ ମନୁଷ୍ୟ ଭାଗ୍ୟରେ ପ୍ରତିଫଳିତ ହୋଇଥାଏ, କାରଣ ଏହି ଦିନର ଏହା ସ୍ୱୟଂକ୍ରିୟ ମୁହୂର୍ତ୍ତ, କେବେ କ୍ଷୟ ହେଉ ନଥିବା ଅକ୍ଷୟ ତୃତୀୟା। ଏହା ଅକ୍ଷୟ ତେଜ୍ ନାମରେ ନାମିତ। ୧୫) ଏହି ଦିନ ଭଗବାନ ଶ୍ରୀକୃଷ୍ଣ ଅଜ୍ଞାତବାସରେ ଥିବା ପାଣ୍ଡବମାନଙ୍କୁ ଋଷି ଦୁର୍ବାସାଙ୍କ କୋପରୁ ରକ୍ଷା ପାଇବା ସକାଶେ 'ଅକ୍ଷୟ ପାତ୍ର' ପ୍ରଦାନ କରିଥିଲେ ଦ୍ରୌପଦୀଙ୍କୁ। ୧୬) ଆଜିର ଦିନରେ ମା'ଲକ୍ଷ୍ମୀ ଧନର ଦେବତା କୁବେରଙ୍କୁ ସମସ୍ତ ଐଶ୍ୱର୍ଯ୍ୟ ସହିତ ଅମାପ ସ୍ୱର୍ଣ୍ଣ ଦାନ କରିଥିଲେ ଜଗତର ମଙ୍ଗଳ ସକାଶେ। ୧୭) ପ୍ରଳୟ ପରେ ଅକ୍ଷୟ ତୃତୀୟାରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ବୃକ୍ଷଲତା, ଗୁଳ୍ମ, ଔଷଧୀୟ ବୀଜ (ମଞ୍ଜି) ପିତାମହ ବ୍ରହ୍ମାଙ୍କୁ ଦେଇଥିଲେ ସୃଷ୍ଟି ସର୍ଜନା ନିମନ୍ତେ। ୧୮) ମହାଭାରତ ଯୁଦ୍ଧ ଅକ୍ଷୟ ତୃତୀୟାର ଶୁଭ ମୁହୂର୍ତ୍ତରେ ଶେଷ ହୋଇଥିଲା। ୧୯) ଏହି ଦିନଠାରୁ ମହାମୁନି ବ୍ୟାସଦେବ ଓ ଅଗ୍ରପୂଜ୍ୟ ଶ୍ରୀଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ୨୦) ଆଜିର ଦିନରେ ଭକ୍ତ ସୁଦାମା ପ୍ରଭୁ/ ସଖା ଶ୍ରୀକୃଷ୍ଣଙ୍କୁ ଦର୍ଶନ/ ସାକ୍ଷାତ କରିବାକୁ ଦ୍ୱାରକା ଆସିଥିଲେ। ୨୧) କେବଳ ଏହି ଦିନ ବୃନ୍ଦାବନରେ ବାଙ୍କବିହାରୀଜୀଙ୍କ ମନ୍ଦିରରେ ପ୍ରଭୁଙ୍କ ପାଦ ଦର୍ଶନ ହୋଇଥାଏ; ଆମର ସାକ୍ଷୀଗୋପାଳରେ ରାଧା ପାଦ ଦର୍ଶନ (ଅଁଳା ନବମୀରେ)ଭଳି। କାରଣ ବର୍ଷସାରା ଠାକୁର ପୋଷାକରେ ଆଚ୍ଛାଦିତ ହୋଇ ରହିଥାନ୍ତି। ୨୨) ଏହି ଦିନ ସମସ୍ତ ମୃତ ଆତ୍ମା ତଥା ପୂର୍ବଜଙ୍କ ପାଇଁ ପ୍ରାର୍ଥନା କରାଯାଏ। ୨୩) ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ସୃଷ୍ଟିର ପ୍ରତିପାଳନ ନିମନ୍ତେ ଯବ ଶସ୍ୟ ଉତ୍ପାଦନ କରିଥିଲେ। ତେଣୁ ଅକ୍ଷୟ ତୃତୀୟା ଦିନ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଯବ ଶସ୍ୟରେ ପୂଜାର୍ଚ୍ଚନା କଲେ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ୨୪) ପ୍ରଭୁ ନୃସିଂହ ଏହି ଅକ୍ଷୟ ତୃତୀୟାର ପୁଣ୍ୟ ତିଥିର ସ୍ରଷ୍ଟା। ତେଣୁ ପ୍ରଭୁ ନୃସିଂହଙ୍କ ପୂଜାର୍ଚ୍ଚନା ଏହି ଦିନ ଅବଶ୍ୟ କରଣୀୟ।



ଅକ୍ଷୟ ତୃତୀୟା ଦିନର ମହତ୍ତ୍ୱ/ ଗୁରୁତ୍ୱ ସମ୍ବନ୍ଧରେ ଧର୍ମ ସୂତ୍ର, ବିଷ୍ଣୁ ପୁରାଣ, ଭବିଷ୍ୟ ପୁରାଣ, ମତ୍ସ୍ୟ ପୁରାଣ ଓ ନାରଦ ପୁରାଣ ପ୍ରଭୃତିରେ ବର୍ଣ୍ଣନା ଦେଖିବାକୁ ମିଳେ। ଏହି ଦିନ ମନୁଷ୍ୟକୁ ମାଟିମନସ୍କ ବା ପ୍ରକୃତିମନସ୍କ କରାଏ, କାରଣ ମାଟି ମା'ଠାରୁ ପାଉଥିବା ଖାଦ୍ୟ ପାଇଁ ମନୁଷ୍ୟ ଏହି ଦିନ ମାଟି ମା'କୁ ପୂଜାର୍ଚ୍ଚନାପୂର୍ବକ ନିଜର କୃତଜ୍ଞତା ଜ୍ଞାପନ କରିଥାଏ। ଏହି ଦିନ ଆମ ମହାନ ସନାତନ ହିନ୍ଦୁ ଧର୍ମର ପରମ୍ପରା, ସଂସ୍କୃତି, ଐତିହ୍ୟ, ଚାଲିଚଳଣି ଓ ଖାଦ୍ୟପେୟର ଉତ୍ସ ସହିତ ଯୋଡୁଥିବାରୁ ପ୍ରଥା/ ଶାସ୍ତ୍ରାନୁଯାୟୀ ସମସ୍ତେ ଏହି ପବିତ୍ର ଦିନର ପବିତ୍ର ଅବସରରେ ପ୍ରତ୍ୟୁଷରୁ ସ୍ନାନ, ଶୌଚାଦି ସମାପନପୂର୍ବକ ପୂଜାର୍ଚ୍ଚନା, ଧ୍ୟାନ, ଜପ, ତପ, ଦାନ (ଯଥା ସମ୍ଭବ),ପୁଣ୍ୟ କରିବା ସର୍ବାଦୌ ବିଧେୟ। ଯାହାଙ୍କଠାରୁ ଓଡ଼ିଶାର ସମସ୍ତ ପର୍ବପର୍ବାଣି, ଶୁଭାଶୁଭ, ଉତ୍ସବ, ଅମୃତ ବେଳା ଆଦି ଆରମ୍ଭ, ଯିଏ ସବୁଥିର ସୃଷ୍ଟିକର୍ତ୍ତା, ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଅକ୍ଷୟ ତୃତୀୟାର ପବିତ୍ର ବେଳାରେ ଅନନ୍ତ କୋଟି ଦଣ୍ଡ ପ୍ରଣିପାତ। ନିଷ୍ଠାର ସହ ଏହି ପର୍ବ ପାଳନ କଲେ ଏହି ପବିତ୍ର ଦିବସର ମହତ୍ତ୍ୱ/ ଗୁରୁତ୍ୱ ହୃଦୟଙ୍ଗମ କରିବା ସହ ଆମ ଉତ୍ତର ପିଢ଼ିଙ୍କୁ ମଧ୍ୟ ଏ ଦିଗରେ ପ୍ରବର୍ତ୍ତାଇ ପାରିବା।

ମୋ: ୯୦୯୦୧ ୯୦୦୬୯

# ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଓ ରଥ ଅନୁକୂଳ



ପ୍ରସନ୍ନ କୁମାର ମିଶ୍ର

ଦ୍ୱାପର ଯୁଗରେ ପାଣ୍ଡବମାନଙ୍କର ଅଜ୍ଞାତବାସ ସମୟରେ ପାଞ୍ଚ ଭାଇ ଓ ଦ୍ରୌପଦୀ ମତ୍ସ୍ୟ ଦେଶର ରାଜା ବିରାଟଙ୍କ ନବରରେ ଆଶ୍ରୟ ନେଇଥିଲେ। ସେଠାରେ ଅତ୍ୟାଚାରୀ କୀଚକକୁ ଭୀମସେନ ବଧ କଲା ପରେ ମହାରାଜା ବିରାଟ ପାଣ୍ଡବମାନଙ୍କୁ ଚିହ୍ନି ପାରିଲେ। ସେ ଥିଲେ କୃଷ୍ଣ ଭକ୍ତ। ତାଙ୍କ ଅନୁରୋଧରେ ଗ୍ରୀଷ୍ମ କାଳରେ ପାଣ୍ଡବମାନେ ସେଠାକୁ ଶ୍ରୀକୃଷ୍ଣଙ୍କ ସହ ଯାତ୍ରା କରିଥିଲେ ଓ ବିରାଟ ରାଜା 'କେଳି ସରୋବର'ରେ ଚନ୍ଦନ ଯାତ୍ରା ବା ଗ୍ରୀଷ୍ମକାଳୀନ ଚନ୍ଦନ ମହୋତ୍ସବ କରାଇ ଥିଲେ। ସେହି ସ୍ମୃତିରେ ପ୍ରତି ବର୍ଷ ଶ୍ରୀକ୍ଷେତ୍ରରେ ନିଦାଘ କାଳରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶ୍ରୀକ୍ଷେତ୍ରରେ ପବିତ୍ର ଅକ୍ଷୟ ତୃତୀୟା ଦିନ ଏହି ଉତ୍ସବ ଆରମ୍ଭ ହେବା ସହିତ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ତିନି ଗୋଟି ରଥ ନିର୍ମାଣର ଶୁଭ ଅନୁକୂଳ ମଧ୍ୟ ହୋଇଥାଏ। ଉକ୍ତ ଦିନ ଶ୍ରୀମନ୍ଦିରରେ ଅତି ପ୍ରତ୍ୟୁଷରୁ ସିଂହଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି ଆଦି ନୀତି ବଢ଼ିବା (ଶେଷ) ପରେ ସକାଳ ଧୂପ ଅନୁଷ୍ଠିତ ହୋଇ 'ଆଳଟ ଲାଗି' ପରେ ପୂର୍ବ ରାତ୍ର ଭୋଗ ମଣ୍ଡପ ଘରେ ଅଧିବାସ ହୋଇ ରୂପା ପିଙ୍ଗଣ ଓ ପରିଖି (ହାଣ୍ଡି ଆକାରର ଧାତୁର ପାତ୍ର)ରେ ରଖା ଯାଇଥିବା ୧୫ ସେର ଚନ୍ଦନକୁ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତଙ୍କ ସମେତ ୩ ଜଣ ସେବକ ସାଥୀରେ ନେଇ ଘଣ୍ଟ, ଛତା, କାହାଳୀ ଓ ବାଜା ପଟୁଆରରେ ଭିତର ବେଢ଼ା ତିନି ଥର ପରିକ୍ରମା କରି ସାରିବା ପରେ ଶ୍ରୀଜିଉଙ୍କଠାରେ ସର୍ବାଙ୍ଗ ଚନ୍ଦନ ଲାଗି କରନ୍ତି। ଛାମୁ ଖୁଣ୍ଟିଆଙ୍କ ମଣିମା ମଣିମା ଡାକ ଓ ଭକ୍ତମାନଙ୍କର ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଚନ୍ଦନ ଲାଗି ବଢ଼ିବା ପରେ ତିନି ଠାକୁରଙ୍କଠାରେ ଅଳକା, ଚଉସରା, ଗୁଣା, ଝୁମ୍ପା, ଚୂଳ ଓ ଗଭା ଆଦି ପୁଷ୍ପ ଅଳଙ୍କାର ଲାଗି କରାଯାଏ।

ଏହା ପରେ ଘଣ୍ଟ, ଛତା, କାହାଳୀ, ଯାତଭୋଗ ଓ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇ 'ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା' ନୀତି ବଢ଼ିଲେ ଚନ୍ଦନ ଯାତ୍ରାର ବିଜେ ପ୍ରତିମା ସବୁ ମୁକ୍ତିମଣ୍ଡପ ତଳେ ରଖା ଯାଇଥିବା ସୁସଜ୍ଜିତ ପାଲିଙ୍କି ଓ ବିମାନକୁ ବିଜେ କରନ୍ତି। ବିଜେ କାହାଳୀ ବାଜି ଉଠିଲେ ବିମାନବଡୁ ସେବକମାନେ ପାଲିଙ୍କିରେ ଶ୍ରୀରାମ ଓ କୃଷ୍ଣଙ୍କୁ ଏବଂ ମଣି ବିମାନରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ କାନ୍ଧେଇ ନରେନ୍ଦ୍ରକୁ ଯାତ୍ରା କରିଥାନ୍ତି। ବିମାନ ଆଗରେ ତିନି ଜଣ ପୂଜାପଣ୍ଡା ତିନି ଠାକୁରଙ୍କଠାରୁ ଆଣିଥିବା ରଥ ନିର୍ମାଣର 'ଆଜ୍ଞାମାଳ'କୁ ହାତରେ ଧରି ଚାଲନ୍ତି। ସିଂହଦ୍ୱାରଠାରୁ ଏକ ବିରାଟ ପଟୁଆରରେ ଦିଅଁମାନେ ବିଜେ କରିବା ବେଳେ ପଛେ ପଛେ ଶ୍ରୀକ୍ଷେତ୍ରର ପାଞ୍ଚ ପାଣ୍ଡବ (ପାଞ୍ଚ ମହାଦେବ) ଶ୍ରୀଲୋକନାଥ, ଶ୍ରୀଜମ୍ବେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠଦେବ ନିଜ ନିଜ ବିମାନରେ ଯାତ୍ରା କରନ୍ତି। ପଟୁଆର ରାଜନବର ନିକଟରେ ପହଞ୍ଚି ସେଠାରେ କିଛି ସମୟ ଅଟକି 'ପନ୍ତିଭୋଗ' କରାଯାଏ। ପୂର୍ବରୁ ସେହି ସ୍ଥାନରେ ରଥ ନିର୍ମାଣ ପାଇଁ ତିନି ଗୋଟି ସଳଖ କାଠ ରଖାଯାଇ ୧୧ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ନୀତି ଅନୁଷ୍ଠିତ ହୁଏ ଏବଂ ପୂଜାପଣ୍ଡାମାନଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି ପରେ ତିନି ରଥର ତିନି ମୁଖ୍ୟ ମହାରଣା କୁରାଢ଼ିରେ ତିନି ରଥ କାଠକୁ ସ୍ପର୍ଶ କରାଇ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି।

ଏହା ପରେ ପଟୁଆର ମହାସମାରୋହରେ ଆଗେଇ ଚାଲେ ଚନ୍ଦନ ଚକଡ଼ାକୁ। ପାଞ୍ଚ ମହାଦେବଙ୍କୁ ଚାରି ଦିଗରୁ ଘେରି ଚନ୍ଦନ ଗୀତ ଗାଇ ଗାଇ ବିରାଟ ଶୋଭାଯାତ୍ରାରେ ଗୋଟିଏ ଦଳ ଦେଉଳିଆ ଓ ସାହିଭାଇଙ୍କ ମେଳ ସହ ଖେଦେ କୀର୍ତ୍ତନିଆ ଆଉ ଝାଞ୍ଜ ଦଳ ଘଣ୍ଟ ଘଣ୍ଟା, ବାଜା ଓ କାହାଳୀ ବାଦନ ସହିତ ଚନ୍ଦନ ଗୀତ ବୋଲି ବୋଲି ଚାଲି ଥାଆନ୍ତି। ବାଟରେ ଠାକୁରମାନଙ୍କୁ ସାତ ଗୋଟି ସ୍ଥାନରେ ପନ୍ତିଭୋଗ ସହିତ ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପୁଥାଏ। ବିମାନବଡୁ ସେବକମାନଙ୍କ ସମାନ୍ତରାଳ ହସ୍ତ-ପଦ-ବିନ୍ୟାସରେ ସୁଶୋଭିତ ବିମାନ ଯାତ୍ରା ଅପୂର୍ବ ଶ୍ରୀମଣ୍ଡନ କରିଥାଏ। ଠାକୁରମାନେ ଚନ୍ଦନ ଚକଡ଼ାରେ ପହଞ୍ଚିବା ପରେ ସେଠାରେ ରଖା ଯାଇଥିବା ସୁସଜ୍ଜିତ 'ନନ୍ଦା' ନାମକ ଚାପରେ ରାମ, କୃଷ୍ଣଙ୍କ ସହିତ ପାଞ୍ଚ ପାଣ୍ଡବ ଏବଂ 'ଭଦ୍ରା' ଚାପରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରି ନରେନ୍ଦ୍ର ଚତୁଃପାର୍ଶ୍ୱରେ ଦୃଶ୍ୟମାନ ଏକ ଘେରା ଓ ଭଉଁରୀ ଦିନ ୨୧ ଘେରା ବୁଲି ବୁଲି ଜଳକ୍ରୀଡ଼ା କରିଥାନ୍ତି। ଚନ୍ଦନ ଯାତ୍ରା ସମୟରେ ସେଠାରେ ପ୍ରଶାସନ ତରଫରୁ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ବ୍ୟାପକ ପ୍ରଦର୍ଶନ କରାଯାଇଥାଏ। ଚନ୍ଦନ ମଣ୍ଡପରେ ୨୧ ଦିନରେ ଶ୍ରୀମଦନମୋହନଙ୍କୁ ୨୧ ପ୍ରକାରେ ବେଶ କରାଯାଇଥାଏ। ବାହାର ଚନ୍ଦନ ଯାତ୍ରା ସମାପ୍ତିରେ ପୁନଃ୨୧ ଦିନ ଶ୍ରୀମନ୍ଦିର ଭିତରେ ଶ୍ରୀଜିଉମାନଙ୍କର 'ଭିତର ଚନ୍ଦନ ଯାତ୍ରା' ଅନୁଷ୍ଠିତ ହୋଇଥାଏ ଯାହାକି ଅନ୍ୟତ୍ର ବିରଳ। ନରେନ୍ଦ୍ର ନିକଟରେ ଏକ ମେଳା ମଧ୍ୟ ବସିଥାଏ।

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପୁରୀ ଜିଲ୍ଲାର ଚାଷୀମାନେ 'ମୁଠି ଅନୁକୂଳ' କରି ଥାଆନ୍ତି। ପୁରାତନ ପୁରୀ ସହରର ସାହି ବସ୍ତିରେ 'ଘଡ଼ି ପଥୁରି' ଭୋଗ କରାଯାଇ ପିଲାମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ। ପିଲାମାନେ ପାଖ ସାହିର ଘର ଘର ବୁଲି ଘଡ଼ି ପଥୁରି ସଂଗ୍ରହ କରି ସ୍ୱାଦିଷ୍ଟ ଭୋଗ ଖାଇବାର ଆନନ୍ଦ ଲାଭ କରି ଥାଆନ୍ତି। ଏହି ପରମ୍ପରା କୋଉ କାଳରୁ ଚାଲି ଆସୁଅଛି। ଚନ୍ଦନ ଯାତ୍ରା ସମୟରେ ଜେଗାଆଖେଡ଼ା ପକ୍ଷରୁ ସୁଦୃଶ୍ୟ ଶୋଭାଯାତ୍ରା ସହିତ 'ଚନ୍ଦନ ଗାଧୁଆ ମେଳ' ବାହାରି ଥାଏ।



ପୁରୀ ଚନ୍ଦନ ଯାତ୍ରାରେ ଚନ୍ଦନ ସରୋବରରେ ଶ୍ରୀଜୀଉମାନଙ୍କର ଜଳକ୍ରୀଡା

ପୁରୀ, ମୋ: ୮୦୧୮୮୭୫୩୩୫

## ବିଭାଜିତ ସଦନ, ପରାଜିତ ବିଲ୍

ଏକ ସମ୍ବିଧାନ ସଂଶୋଧନ ନିମନ୍ତେ ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ଏକ ପୂର୍ବନିର୍ଦ୍ଧାରିତ ସିଦ୍ଧାନ୍ତ, ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ୨୦୨୬ ବିଫଳ ହୋଇଛି। ସଂସଦରେ ସଦନର ୨୯୮ ସଦସ୍ୟ ଏହି ବିଲ୍ ସପକ୍ଷରେ ଏବଂ ୨୩୦ ସଦସ୍ୟ ବିପକ୍ଷରେ ଭୋଟ୍ ଦେଇଥିବା ବେଳେ ଏହି ବିଲ୍ ପାରିତ ହେବା ପାଇଁ ୩୫୨ ଭୋଟ୍ ଆବଶ୍ୟକ କରୁଥିଲା- ଉପସ୍ଥିତ ୫୨୮ ସଦସ୍ୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସଦସ୍ୟଙ୍କର। ଏହାର ପରବର୍ତ୍ତୀ ପରିଣାମ ତେଣୁ ଯାହା ହେବାର କଥା ହେଲା- ଅର୍ଥାତ୍ ସରକାର ଏହାର ସାଥୀ ବିଲ୍ ସୀମା ନିର୍ଦ୍ଧାରଣ ବିଲ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍‌କୁ ସେଗୁଡ଼ିକ ଗୋଟିକିଆ ଭାବରେ କରାଯାଇ ପାରିବ ନାହିଁ ବୋଲି କହି ଥାକରେ ସାଇତି ରଖିବାକୁ ପଠାଇ ଦେଲେ। ତେବେ ଏସବୁର ପୂର୍ବ ସମୟକୁ ଫେରିବା। ସେପ୍ଟେମ୍ବର ୨୦୨୩ରେ ସଂସଦର ଏକ ବିଶେଷ ଅଧିବେଶନ ମହିଳା ଆରକ୍ଷଣ ବିଲ୍‌କୁ ପାଖାପାଖି ସର୍ବସମ୍ମତିକ୍ରମେ ପାରିତ କଲା: ଲୋକସଭାରେ ୪୫୪ ସଦସ୍ୟ ଏହା ସପକ୍ଷରେ ଭୋଟ୍ ଦେଲେ, ଯେତେବେଳେ କି ମାତ୍ର ଦୁଇ ଜଣ ସଦସ୍ୟ ବିଲ୍‌ଟିର ବିରୋଧ କରିଥିଲେ। ସଂସଦ ଏବଂ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସଦନ ଏବଂ ସମଗ୍ର ଦେଶ ପାଇଁ ଏକ ଯୁଗୋପଯୋଗୀ ସମୟ ଥିଲା; ଏହା ମହିଳାମାନେ, ଯେଉଁମାନେ କି ଦେଶର ମୋଟ ଜନସଂଖ୍ୟାର ପାଖାପାଖି ଅଧା, ସେମାନେ ଭାରତୀୟ ସାଧାରଣତନ୍ତ୍ରର ସର୍ବୋଚ୍ଚ ମଞ୍ଚରେ ସେମାନଙ୍କର ମତ ଉପସ୍ଥାପନ କରିବା ସହିତ ନୀତି ନିର୍ଦ୍ଧାରଣରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଉଚିତ ଦୃଷ୍ଟିରୁ ଏକ ସ୍ୱାଗତଯୋଗ୍ୟ ଗ୍ରହଣୀୟତା ଥିଲା। ସେହି ସମୟରେ ସ୍ଥିର କରାଯାଇଥିଲା ଯେ ଜନଗଣନା କାର୍ଯ୍ୟ ଏବଂ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ପରେ ସମ୍ବିଧାନରେ ଉଲ୍ଲିଖିତ ପ୍ରକ୍ରିୟାକୁ ସମ୍ମାନ ପ୍ରଦର୍ଶନ କରି ତଦନୁସାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ। ବସ୍ତୁତଃ, ଏହି କାର୍ଯ୍ୟ ୨୦୨୬ରେ ଆରମ୍ଭ ହୋଇଥିବା ଜନଗଣନା ଉପରେ ଆଧାରିତ ହୋଇଥାନ୍ତା।

ଚଳିତ ମାସର ପ୍ରଥମାର୍ଦ୍ଧରେ କୌଣସି ରହସ୍ୟମୟ କାରଣରୁ କେନ୍ଦ୍ର ସରକାର ସ୍ଥିର କଲେ ଯେ ୨୦୨୩ର ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଆଇନ (୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍)ରେ ସଂଶୋଧନ ମାଧ୍ୟମରେ ବ୍ୟବସ୍ଥାପିକାଗୁଡ଼ିକରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ପ୍ରଚଳନ କାର୍ଯ୍ୟକୁ ଆଗେଇ ନେବା ପାଇଁ ଏବଂ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ସେମାନଙ୍କର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଚାଲୁ ରହିଥିବା ସମୟରେ ସ୍ୱଳ୍ପ ସମୟର ନୋଟିସ୍ ଦେଇ ସଂସଦର ଏକ ବିଶେଷ ଅଧିବେଶନ ଡକାଇ ସେହି ବିଲ୍ ସହିତ ସୀମା ନିର୍ଦ୍ଧାରଣ ବିଲ୍‌କୁ ଉପସ୍ଥାପିତ କରିବା ନିମନ୍ତେ। ସରକାର ସ୍ଥିର କଲେ ଯେ ଲୋକସଭାରେ ସର୍ବାଧିକ ୮୫୦ ସଦସ୍ୟଙ୍କ ଆସନ ପାଇଁ ପ୍ରସ୍ତାବିତ ବୃଦ୍ଧିକୁ ସକ୍ଷମ କରିବା ନିମନ୍ତେ ଏହି କ୍ଷେତ୍ରରେ ସଦ୍ୟତମ ଉପଲବ୍ଧ ଜନଗଣନା ୨୦୧୧ର ଉପଯୋଗ କରିବାକୁ ସ୍ଥିର କଲେ। ଏହି ପରିସ୍ଥିତିରେ ତେଣୁ କିଛି ଆଶ୍ଚର୍ଯ୍ୟ ହେବାର ନଥିଲା ଯେ ବିରୋଧୀମାନେ, ଯେଉଁମାନେ ୨୦୨୩ର ଆଇନକୁ ସମର୍ଥନ କରିଥିଲେ, ସେମାନେ ସରକାରଙ୍କ ଚାଲ୍‌କୁ ଖେଳିବାକୁ ମନା କରିଦେଲେ ଏବଂ ଏବଂ ଏହା ପଛରେ ସରକାରଙ୍କର ରହିଥିବା ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଲେ। ପରିଣତି ସ୍ୱରୂପ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଲୋକସଭାରେ ସମ୍ବିଧାନ ସଂଶୋଧନ ବିଫଳତାର ସାମ୍ନା କଲା (ବିଲ୍ ପାରିତ କରିବା ପାଇଁ ସରକାର ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଆବଶ୍ୟକ କରୁଥିଲେ)।

କହିବା ବାହୁଲ୍ୟ, ବିରୋଧୀମାନଙ୍କର ବ୍ୟବସ୍ଥାପିକାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବାକୁ ନେଇ କୌଣସି ଆପତ୍ତି ନଥିଲା, କିନ୍ତୁ ଏହାକୁ ସଂସଦର ସମ୍ପ୍ରସାରଣ ସହିତ ଯୋଗ କରି ଯାହା କି ଏକ ବିବାଦୀୟ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଦ୍ୱାରା ସୁଗମ କରାଯିବାକୁ ପ୍ରସ୍ତାବ ରହିଥିଲା, ତାହା ସରକାରଙ୍କ ଉଦ୍ୟମକୁ ପଣ୍ଡ କରିଦେଲା। ବିରୋଧୀମାନଙ୍କୁ ଯାହା ଚିନ୍ତିତ କରିଥିଲା, ତାହା କେବଳ ସରକାରଙ୍କ ଦ୍ୱାରା ଏହି କ୍ଷେତ୍ରରେ ଏକତରଫା ଭାବରେ ଆଗେଇବାକୁ ପସନ୍ଦ କରାଯାଇଥିବା ଢଙ୍ଗ ନଥିଲା, ବରଂ ଆଉ ଯାହା ରହିଥିଲା, ତାହା ହେଉଛି- ସୀମା ନିର୍ଦ୍ଧାରଣ କାର୍ଯ୍ୟର ସମ୍ଭାବ୍ୟ ପରିଣତିଗୁଡ଼ିକ ବାବଦରେ ସମ୍ପୂର୍ଣ୍ଣ ସୁରକ୍ଷିତ ଆଶ୍ୱାସନାର ଅଭାବ। ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନିଜର ସହୃଦୟତାକୁ ପ୍ରଦର୍ଶନ କରିବାକୁ ଯାଇ ସୀମା ନିର୍ଦ୍ଧାରଣ କୌଣସି ରାଜ୍ୟଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ ନାହିଁ ବୋଲି କହି ବିରୋଧୀମାନଙ୍କ ଆଶଙ୍କାକୁ ଦୂର କରିବାକୁ ଉଦ୍ୟମ କରିଥିଲେ ଏବଂ ଏହାକୁ ପ୍ରମାଣିତ କରିବାକୁ ଯାଇ ସେ ତାଙ୍କର ବିରୋଧୀମାନଙ୍କୁ ବାହାଦୂରୀ ନେବାକୁ ଏକ 'ବ୍ଲାଙ୍କ୍ ଚେକ୍' ପ୍ରଦାନ କରିବାକୁ ମଧ୍ୟ କହିଥିଲେ। ଏକଥା ପ୍ରମାଣସିଦ୍ଧ ଭାବରେ ନରେନ୍ଦ୍ର ମୋଦୀଙ୍କ ବ୍ଲାଙ୍କ୍ ଚେକ୍ ନେବାକୁ ଖୁବ୍ କମ୍ ସଂଖ୍ୟକ ନେତା ରହିଥିଲେ: ଶୁକ୍ରବାର ସନ୍ଧ୍ୟାରେ ବିଲ୍ ପାରିତ ହେବା ନିମନ୍ତେ ଭୋଟ୍ ଦାନ କରାଯିବା ଆଶା କରାଯାଉଥିଲା। ଏହି ବିଲ୍ ଉପରେ ବିରୋଧୀମାନଙ୍କ ଅରାଜି ହେବାର କାରଣକୁ ପରଖା ଯିବାର ଆବଶ୍ୟକତା ରହିଛି। ପ୍ରଥମେ ୨୦୨୪ ନିର୍ବାଚନରେ ମହିଳାମାନଙ୍କ ନିମନ୍ତେ ପାରିତ ହୋଇଥିବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବାକୁ ବିରୋଧୀମାନଙ୍କ ଅନୁରୋଧକୁ ସରକାର ମନା କରି ଦେଇଥିଲେ ଏବଂ ଏବେ ୨୦୨୯- ପରବର୍ତ୍ତୀ ସାଧାରଣ ନିର୍ବାଚନର ବର୍ଷ ପୂର୍ବରୁ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ମସୁଧା କରୁଛନ୍ତି। ବିରୋଧୀମାନେ ଦାବି କରନ୍ତି ଯେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଦେଶର ଉତ୍ତର ଭାଗରେ ଅବସ୍ଥିତ ରାଜ୍ୟମାନଙ୍କୁ- ଯାହାକି ବିଜେପିର ଅଲଂଘ୍ୟ ଦୁର୍ଗ ଭାବରେ ବିବେଚିତ- ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କ ଅପେକ୍ଷା ଅଧିକ ସଂସଦୀୟ ପ୍ରତିନିଧିତ୍ୱ ସଂଗ୍ରହ କରିବାରେ ସାହାଯ୍ୟ କରିବ, କାରଣ ବିରୋଧାଭାସ ଭାବରେ ଦକ୍ଷିଣୀ ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଯଥେଷ୍ଟ କଷ୍ଟ ସ୍ୱୀକାର କରିଛନ୍ତି। ମଜାର କଥା ହେଉଛି, ସମାନୁପାତିକ ପ୍ରତିନିଧିତ୍ୱ ସମ୍ପର୍କରେ କେନ୍ଦ୍ର ସରକାର ଯାହା କହୁଛନ୍ତି, ତାହା ଏହି ବିଲ୍‌ରେ ସ୍ଥାନ ପାଇ ନଥିବାର ଅଭିଯୋଗ ହୁଏ। ପୁନଶ୍ଚ, ଏହି ବିଲ୍ ଆଗତ କରିବାର ସମୟ ମଧ୍ୟ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା। ସେ ଯାହାହେଉ, ଅତୀତରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଯେଉଁ ସହମତି ଏବଂ ବିଚାର ବିମର୍ଶ ସହଯୋଗ କରିବାକୁ ବିରୋଧୀମାନଙ୍କୁ ପ୍ରୋତ୍ସାହିତ କରିଥିଲା, ତାହା ଚଳିତ ଥର ଦେଖିବାକୁ ମିଳି ନଥିଲା ଏବଂ ଏହାର ପରିଣତି ସରକାରଙ୍କୁ ପରାଜୟର ମୁଖ ଦର୍ଶନ କରାଇଲା।

## ସ-ଅବଲମ୍ବନ

ଅନେକ ସନ୍ତାନ ନିଜ ବିଫଳତା ପାଇଁ ସେମାନଙ୍କ ଅଭିଭାବକଙ୍କୁ ଦାୟୀ କରି ଥାଆନ୍ତି। ମୋତେ ଏ ସୁଯୋଗ ଦେଲେନାହିଁ, ସେ ଅନୁଷ୍ଠାନରେ ପଢ଼ିବାକୁ ଦେଲେନାହିଁ- ସେଥିପାଇଁ ମୁଁ ଅକୃତକାର୍ଯ୍ୟ ହେଲି। ଏମିତି ନାନାଦି ବାହାନାରେ ନିଜର ଦୋଷ ଦୁର୍ବଳତାକୁ ଅନ୍ୟମାନଙ୍କ ମୁଣ୍ଡରେ ଲଦି ଦେଇ ଥାଆନ୍ତି। ଏହା ସେମାନଙ୍କର ସ୍ୱଭାବ। ମାତ୍ର ଅନେକ ପିଲା ଅଛନ୍ତି, ଯେଉଁମାନେ ନିଜ ଶିଙ୍ଗରେ ମାଟି ତାଡ଼ି ବଡ଼ ହୋଇଛନ୍ତି। ଯେଉଁମାନେ ନିଜେ ନିଜେ ଚେଷ୍ଟା କରି ବଡ଼ ହୋଇ ଥାଆନ୍ତି, ସେମାନଙ୍କୁ କମ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନଥାଏ। ସେମାନଙ୍କର ସାରା ଜୀବନ ସଂଘର୍ଷପୂର୍ଣ୍ଣ। ଏହାର ଦୃଷ୍ଟାନ୍ତରେ ଏକ ଘଟଣା।

ଗ୍ରୀସ୍‌ରେ ଏକ ବିଦ୍ୟାଳୟ ଏଙ୍ଗେସ ତତ୍ତ୍ୱବେତ୍ତା। ଏହି ଅନୁଷ୍ଠାନରେ ପଢୁଥିଲେ ଅନେକ ଛାତ୍ରଛାତ୍ରୀ। ଗୋଟିଏ ପିଲାର ପଢ଼ାରେ ବହୁତ ଆଗ୍ରହ ଥିଲା। ହେଲେ ତା' ପାଖରେ ଦିନକୁ ତିନି ମୁଠା ପେଟ ପୂରା ଖାଇବାକୁ ନଥିଲା। ପୂର୍ଣ୍ଣ ଶରୀରକୁ ଢାଙ୍କିବା ପାଇଁ କପଡ଼ା ମଧ୍ୟ ନଥିଲା। ଦାରିଦ୍ର୍ୟର କଷାଘାତରେ ସଢୁଥିଲା। ପଢୁଥିଲା ମଧ୍ୟ। ପ୍ରତି ମାସର ପହିଲାରେ ପିଲାଟି ଅନୁଷ୍ଠାନର ଦରମା ପୈଠ କରି ଦେଉଥିଲା। କେବେ ବି ଅବହେଳା କରୁ ନଥିଲା। ସେହି ଅନୁଷ୍ଠାନରେ ଅନେକ ଥିଲାବାଲା ଲୋକଙ୍କ ପିଲାମାନେ ମଧ୍ୟ ପଢୁଥିଲେ। ହେଲେ ସେମାନେ ନିର୍ଦ୍ଦିଷ୍ଟ ସମୟରେ ଦରମା ଦେଇ ପାରୁ ନଥିଲେ। ହେଲେ ଖାଇବାକୁ, ପିନ୍ଧିବାକୁ ପାଉ ନଥିବା ପିଲାଟି ଟଙ୍କା ଆଣୁଥିଲା କେଉଁଠୁ ? ସନ୍ଦେହ ହେଲା ପିଲାମାନଙ୍କର। ସେମାନେ ତାକୁ ଈର୍ଷା କଲେ। ଭାବିଲେ, ପିଲାଟି କେଉଁଠୁ ଟଙ୍କା ଚୋରି କରି ଆଣୁଛି।

ଦୁନିଆରେ ସତ୍ ପଥରେ ଚାଲୁଥିବା ଲୋକଙ୍କୁ ମନ୍ଦ ଲୋକମାନେ ଈର୍ଷା କରି ଥାଆନ୍ତି। ଏ ଛାତ୍ରକୁ ମଧ୍ୟ ସେହିପରି ଫସାଇ ଦିଆଗଲା। ତା' ନାଁରେ ଥାନାରେ ଏତଲା ଦିଆଗଲା। ଏହି ମାମଲା ବିଚାରାଳୟକୁ ପଠାଇ ଦିଆଗଲା। ପାଠପଢ଼ାରେ ଆଗ୍ରହ ଥିବା ପିଲା ପାଠ ପାଇଁ ଛିଡ଼ା ହେଲା କାଠଗଡ଼ାରେ। ବିଚାରାଳୟରେ ତା' ବିପକ୍ଷରେ ଥିଲେ ଅନେକ ଈର୍ଷାଳୁ। ସାକ୍ଷୀ ଦେବା ପାଇଁ ଥିଲେ ମାତ୍ର ଦୁଇ ଜଣ। ବିଚାରପତି ପିଲାଟିକୁ ଚୋରି କରି ଟଙ୍କା ଆଣୁଥିବା ବିଷୟରେ ପଚାରିବାରୁ ପିଲାଟି ପ୍ରଥମ ସାକ୍ଷୀଙ୍କୁ ଚିହ୍ନାଇ ଦେଲା।

ଉତ୍ତର ଦେଲା ପ୍ରଥମ ସାକ୍ଷୀ- 'ମୁଁ ଜଣେ ମାଳି। ଏ ପିଲା ପ୍ରତିଦିନ ମୋ ବଗିଚାକୁ ଆସି କୂଅରୁ ପାଣି କାଢ଼େ। ସେଥିପାଇଁ ମୁଁ ତାକୁ କିଛି ମଜୁରି ଦେଇଥାଏ।' ଦ୍ୱିତୀୟ ସାକ୍ଷୀ କହିଲା- 'ମୋ ଘରେ ଅଟା ପେଷିଲାବାଲା ନାହାନ୍ତି। ଏ ବାଳକ ମୋ ଘରେ ଅଟା ପେଷିଥାଏ। ପେଷିବା ବାବଦରେ କିଛି ମଜୁରି ମଧ୍ୟ ନେଇଥାଏ। ଇଏ ଖୁବ୍ ପରିଶ୍ରମୀ ଆଉ ସଚ୍ଚୋଟ ପିଲା।' ଦୁଇ ଜଣଙ୍କଠାରୁ ସାକ୍ଷ ଗ୍ରହଣ କରିବା ପରେ ହାକିମ ପିଲାକୁ ନିର୍ଦ୍ଦୋଷରେ ଛାଡ଼ିଲେ। ତା'ର ପଢ଼ିବା ପାଇଁ ସହାୟତାର ହାତ ବଢ଼ାଇଲେ।

ଏହି ପିଲାଟିର ନାମ ଥିଲା କିଲେସ୍ଥିସ୍, ଯିଏକି ପରବର୍ତ୍ତୀ ସମୟରେ ଜଣେ ଉଚ୍ଚପଦସ୍ଥ ଅଫିସର ହୋଇଥିଲା।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

## ଛୁଟିରେ ବିଦ୍ୟାଳୟ ଆସିବେ ଶିକ୍ଷକ

**ନୟାଗଡ଼,୧୯।୪/ଏନ୍ଏନ୍ଏସ୍:** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା ପ୍ରଶାସନ ଜିଲ୍ଲାର ସମସ୍ତ ପ୍ରକାର ବିଦ୍ୟାଳୟ ଗୁଡ଼ିକୁ ଚଳିତ ମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଚିଠି ଅନୁସାରେ ଜିଲ୍ଲାର ସମସ୍ତ ପ୍ରକାରର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ଛୁଟି ରହିବ। ତେବେ ଏହି ସମୟ ମଧ୍ୟରେ ବିଦ୍ୟାଳୟର ଅଫିସ ଖୋଲା ରହିବା ସହିତ ପିଲାଙ୍କ ନାମଲେଖା, ପରୀକ୍ଷାକାର୍ଯ୍ୟ ତଥା ଜନଗଣନା କାର୍ଯ୍ୟ ଯଥାରୀତି ଚାଲିବା ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ଆସିବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।



# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ନବମ ବାର୍ଷିକୋତ୍ସବ



**ପୁରୀ,୧୯।୪/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକ ମାନେ ଅଲୋଡା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଆଜି ପୂର୍ବାହ୍ନରେ ସର୍ବୋଦୟ ନଗର ଶିରିଡି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକ ମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। ଏହା ଏକ ସୁନ୍ଦର ପଦକ୍ଷେପ। ଏକ ହେ, ତୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଦାବି ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି। ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି। ସେମାନଙ୍କ ବିଭିନ୍ନ ଆବଶ୍ୟକତା କୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଣ୍ଡା, ମୁଖ୍ୟ ପରାମର୍ଶ ଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ,ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଂଜନ ଦାସ,ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଜୀବନ ସଦସ୍ୟ ପ୍ରଫେସର. ପ୍ରଭାତ ରଂଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡା, ହର ପ୍ରସାଦ ମହାରଣା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ କୁମାର ମୁନି, ଜଗବନ୍ଧୁ ରଥ, ବିଭୁତି ଭୂଷଣ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

## ମହାଦେବ ମନ୍ଦିରରୁ ଚୋରି

**ବଲଙ୍ଗୀ,୧୯।୪/ଏନ୍ଏନ୍ଏସ୍:** ଗତକାଲି ବିଳମ୍ବିତ ରାତିରେ ବଲଙ୍ଗୀ ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ବଡନିମିଙ୍ଗା ଗ୍ରାମରେ ଥିବା ବାବା ଉତ୍କେଶ୍ୱର ମନ୍ଦିର ମଣ୍ଡପରେ ଲାଗିଥିବା ବଡ଼ ଘଣ୍ଟି ଓ ଦାନବାକ୍ସରେ ଥିବା ସମସ୍ତ ଟଙ୍କା ପଇସା ଓ ପାଖରେ ପୂଜା ପାଇଁ ଥିବା ଛୋଟ ଘଣ୍ଟି ଓ ବାସନକୁସନ ଚୋରି ହୋଇଥିବା ନେଇ ବଲଙ୍ଗୀ ଥାନାରେ ବଡ଼ନିମିଙ୍ଗା ଗ୍ରାମର ଗ୍ରାମବାସୀ ତଥା ମୁଖ୍ୟ ପୂଜକ ନାରାୟଣ ପଣ୍ଡା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଲଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଅପରାହ୍ନରେ ପୁରୀ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ ବିନ କରିଛି। ସୂଚନା ଅନୁଯାୟୀ ଏହାକୁ ନେଇ ୪ ମାସ ମଧ୍ୟରେ ଅଞ୍ଚଳର ଗ୍ରାମ ତଥା ଅଞ୍ଚଳରେ, ଦକରକୁଦ ବାଙ୍ଗୁଣ ଶାସନ ଓ ପାର୍ବତୀପୁର ଗାଁ ମାନଙ୍କରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଠାରେ ଚୋରି ହୋଇଥିବା ସାମଗ୍ରୀ କିମ୍ବା ଚୋରର ପତ୍ତା ମିଳିନଥିବାରୁ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁରୀ ଏସ୍‌ପି ଏହି ଚୋରି ଘଟଣା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହିଳାଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ବାଲୁଗାଁ,୧୯।୪/ଏନ୍ଏନ୍ଏସ୍:** ଜଣେ ମହିଳା ଏବଂ ତାଙ୍କ ପରିବାରବର୍ଗଙ୍କୁ ଆକ୍ରମଣ ମାମଲାରେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ବିଚାରକରି ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଗତ ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ବାଲୁଗାଁ ଚିଲିକା ବ୍ଲକ ଅଞ୍ଚଳର ମହାଦେବ ମଣ୍ଡଳ(୪୫)। ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୭ଦିନ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଗତ ବର୍ଷ ଜୁଲାଇ ୭ତାରିଖ ଦିନ ବାଲୁଗାଁ ଚିଲିକାକୂଳ ସ୍ଥିତ ବଙ୍ଗୀୟପଟ୍ଟିରେ ରହୁଥିବା ହରିଦାସ ମଣ୍ଡଳ ଗ୍ରାମ ରାସ୍ତାରେ ଜାଳେଣି କାଠ ଶୁଖାଉଥିଲେ। ଏହି ସମୟରେ ଉକ୍ତ ବସ୍ତିର ମଣିଶଙ୍କର ମଣ୍ଡଳ ସାଇକେଲରେ ଯାଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ହରିଦାସଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଉକ୍ତ ଦିନ ରାତ୍ରି ପ୍ରାୟ ୧୧ ଘଟିକା ସମୟରେ ହରିଦାସଙ୍କ ସାନ ଭାଇ ମହାଦେବ ନିଶାସକ୍ତ ଅବସ୍ଥାରେ ମଣିଶଙ୍କର ଘର ସମ୍ମୁଖରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ମଣିଶଙ୍କରଙ୍କ ମା' କଳ୍ପନା ଏହାର ପ୍ରତିବାଦ କରିବାରୁ ସେ ଉତ୍କ୍ଷିପ୍ତ ହୋଇ କଳ୍ପନାଙ୍କୁ ଟଣାଓଟରା କରିବା ସହ ଗ୍ରାମ ରାସ୍ତାରେ ଉଲଗ୍ନ କରି ମାଡ଼ ମାରିଥିଲେ। ଅଭିଯୋଗକୁ ଭିତ୍ତିକରି ବାଲୁଗାଁ ପୁଲିସ ମାମଲା ରୁଜୁ କରିଥିଲା। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

### ହୋଟେଲ୍‌ରୁ ସେକ୍ସ ର୍‍ୟାକେଟ୍ ଠାବ

## କିଙ୍ଗପିନ୍ ସମେତ ୨ ଦେହଜୀବୀ, ୪ ଗ୍ରାହକ ଓ ମ୍ୟାନେଜର ଗିରଫ

**ଖୋର୍ଦ୍ଧା,୧୯।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ ଓଭରବ୍ରିଜ ନିକଟ ଡଲଫିନ୍ ହୋଟେଲରୁ ସେକ୍ସ ରାକେଟ ଠାବ କରିଛି ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍। କିଙ୍ଗପିନ ସମେତ ୪ଜଣ ଗ୍ରାହକ ଓ ୨ଜଣ ଦେହଜୀବୀ ଏବଂ ହୋଟେଲର ମାଲିକ ଓ ମ୍ୟାନେଜରଙ୍କୁ ଧରିଛି ପୁଲିସ। ପୁଲିସ ନିଜ ଆଡୁ ଏକ ମାମଲା ରୁଜୁକରି ତଦନ୍ତ କରୁଛି ବୋଲି କହିଛନ୍ତି ଥାନା ଅଧିକାରୀ ଉମେଶ ସାହୁ। ପ୍ରକାଶ ଯେ, ଏହି ହୋଟେଲଟି ଜଟଣୀ ବାଇପାସ୍ ନିକଟରେ ରହିଛି। ଜନଗହଳୀପୂର୍ଣ୍ଣ ରାସ୍ତା ହୋଇନଥିବାରୁ ଏହାର ସୁଯୋଗ ନେଇ ହୋଟେଲ୍‌ରେ ଚାଲିଥିଲା ସେକ୍ସ ରାକେଟ୍ ଧରା ହୋଇଥିବା କିଙ୍ଗପିନ୍ ହୋଟେଲ ମାଲିକଙ୍କ ସହ ମିଶି ଏଠାରେ ରାକେଟ ଚଳାଇଥିଲେ। ପ୍ରଥମେ କେହି ସନ୍ଦେହ କରିନଥିଲେ। ପରବର୍ତ୍ତୀ ସମୟରେ ସେଠାକୁ ଲୋକଙ୍କ ଯିବା ଆସିବା ଲାଗି ରହିବା ଯୋଗୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ଆରମ୍ଭ କରିଥିଲେ। ଅନ୍ୟପଟେ କିଛି ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ଏ ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲା ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ର୍‍ୟାକେଟ ଧରାପଡିବା ପରେ ଆଗକୁ ବହୁ ଗୁମର ଖୋଲିବ ବୋଲି ଆଲୋଚନା ହେଉଛି।

## ବାଉଁଶ ବୋଝେଇ ଦୁଇ ପିକ୍‌ଅପ୍ ଜବତ

**ଦଶପଲ୍ଲା,୧୯।୪/ଏନ୍ଏନ୍ଏସ୍:** ଦଶପଲ୍ଲା ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୮୬ଟି ବାଉଁଶ ସହ ଦୁଇଟି ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଜବତ ବାଉଁଶର ଦାମ ୨୦ହଜାର ଟଙ୍କା ହେବ ବୋଲି ଦଶପଲ୍ଲା ରେଞ୍ଜର ଶ୍ରୀନିବାଶ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ବିଳମ୍ବିତ ରାତିରେ କଳଶାଖମଣ ଅଞ୍ଚଳର ଜଣେ ଟେଣ୍ଟହାଉସ୍ ମାଲିକ କଣ୍ଟିପଦର କେନ୍ଦ୍ରୀୟ ସଂରକ୍ଷିତ ଜଙ୍ଗଲ ନିକଟ ଏକ ଗ୍ରାମରୁ କିଛି ଗ୍ରାମବାସୀଙ୍କ ଠାରୁ ୮୬ଟି ବାଉଁଶ କିଣି ପିକ୍‌ଅପ୍‌ରେ ଧରି ଆସୁଥିବା ବେଳେ କିଛି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପରେ ବିରୋଧୀ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ମାନେ ଚଢ଼ଉକରି ହନୁମନ୍ତ ଠାରେ ଏହାକୁ ଧରିବାରେ ସଫଳ ହୋଇଥିଲେ। ବନକର୍ମଚାରୀଙ୍କୁ ଦେଖି ଦୁଇ ପିକ୍‌ଅପ୍ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ବାଉଁଶ ବୋଝେଇ ଗାଡ଼ିଦୁଇଟିକୁ ବନ କର୍ମଚାରୀ ଜବତ କରିଥିଲେ। ଏହି ଘଟଣାରେ ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଗାଡିର ମାଲିକ ନାମ ଜାଣିବା ପାଇଁ ନୟାଗଡ଼ ଆରଟିଓଙ୍କୁ ପତ୍ର ବିନିମୟ କରାଯାଇଥିବା ରେଞ୍ଜର ପ୍ରକାଶ କରିବା ସହ ଏହି ବାଉଁଶ ସବୁ କଣ୍ଟିପଦର ସଂରକ୍ଷିତ ଜଙ୍ଗଲରୁ କଟା ହୋଇ ଅଣାଯାଉଥିବା ସେ ପ୍ରକାଶ କରିଛନ୍ତି।

## ବିଜୁବାବୁଙ୍କ ତିରୋଧାନ ଦିବସ

**ଡେଲାଙ୍ଗ,୧୯।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ହାଟ ବଜାରରେ ପ୍ରବାଦପୁରୁଷ ବିଜୁବାବୁଙ୍କ ୨୯ ତମ ତିରୋଧାନ ଦିବସ ପାଳନ କରାଯାଇଛି। ଜିଲ୍ଲାପରିଷଦ ପ୍ରସନ୍ନ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ମହିଳା ନେତ୍ରୀ ବାସନ୍ତୀ ସାହୁ, ଗଡମୋଟରୀ ସମିତିସଭ୍ୟ ଲଲାଟକେଶରୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ବିପିନୀ ବିହାରୀ ନରେନ୍ଦ୍ର, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ରବିନାରାୟଣ ତାଡ, ବିଜେଡି ବ୍ଲକ ସଭାପତି ବିପନ୍ନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳର ସମର୍ଥକ ମାନଙ୍କ ଉପସ୍ଥିତରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପ୍ରଦାନ କରାଯାଇଥିଲା। ବିଜୁବାବୁଙ୍କ ଦେଶ ପ୍ରତି ଥିବା ତ୍ୟାଗ, ନିଷ୍ପାପର ସେବା, ବଳିଦାନକୁ ମନେ ପକାଇ ତାଙ୍କ ନୀତି ଆର୍ଦଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

## ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ଜରୁରୀ ବୈଠକ



**ଚାରିଛକ,୧୯।୪/ଏନ୍ଏନ୍ଏସ୍:** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ବିଭିନ୍ନ ଦାବି ପୂରଣ ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିବା ବେଳେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଶୋଭାଯାତ୍ରା ସହ ଏକ ଛଅ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି। ପୁରୀ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ସଂଘର କର୍ମକର୍ତ୍ତା ମାନଙ୍କୁ ନେଇ ନିମାପଡ଼ା ଠାରେ ଏକ ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସାମ୍ବାଦିକଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବାପା ମାନଙ୍କ ନାମକୁ ସଂଯୋଗ କରିବା, ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପାଞ୍ଚ ଲକ୍ଷରୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ରାଜ୍ୟରେ ସାମ୍ବାଦିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରେସ କାଉସିଲ ଗଠନ ଆଦି ଛଅଦଫା ଦାବି ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବା ସହ ସାମ୍ବାଦିକଙ୍କ ସ୍ୱାର୍ଥ ରକ୍ଷା ଓ ଦାବି ପୂରଣ ଦିଗରେ ସରକାର ଚୁପ୍ ରହିବାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ସାମ୍ବାଦିକ ମାନଙ୍କ ଦାବି ପୂରଣ ପାଇଁ ଆସନ୍ତା ୨୯ ତାରିଖରେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନେ ମିଳିତ ହୋଇ ପୁରୀ ସୁବାସ ବୋଷ ଛକ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୁରୀ ଜିଲ୍ଲା ସଭାପତିଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ସଞ୍ଜୟ ପତି, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର କର, ଜିଲ୍ଲା ସାଧାରଣ ସମ୍ପାଦକ ଆଦିତ୍ୟ ରାଉତ, ଜିଲ୍ଲା ସଂଘ ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ଅକ୍ଷୟ ବେହେରା, ରମାକାନ୍ତ ବେହେରା, ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂଘର ବରିଷ୍ଠ ସଦସ୍ୟ ଭଗବତ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଟ୍‌ଖା ଦୋକାନରେ ଚଢ଼ଉ, ଜୋରିମାନା ଆଦାୟ



**ଓଡ଼ଗାଁ,୧୯।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ଅଞ୍ଚଳରେ ଥିବା ପାନ,ଗୁଟଖା ଦୋକାନରେ ଡ୍ରଗ୍ସ ଅଧିକାରୀ, ଅବକାରୀ, ପୁଲିସ ମିଳିତ ଚଢାଉ କରି ୬ଟି ଦୋକାନରୁ ୩ ହଜାର ଟଙ୍କା ଜୋରିମାନା ଆଦାୟ କରିବା ସହିତ ୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟଖା ଜବତ କରିଛନ୍ତି। ସୂଚନା ଅନୁଯାୟୀ ନୟାଗଡ଼ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଓଡ଼ଗାଁର ବିଭିନ୍ନ ପାନ ଦୋକାନରେ ଚଢାଉ କରାଯାଇଥିଲା। ଗୁଟଖା କାରବାର ଉପରେ ସରକାର କଟକଣା ଜାରି କରିଥିବାବେଳେ କିଛି ଦୋକାନୀ ଏହାକୁ ଉଲ୍ଲଙ୍ଘନ କରି ଖୁଲମଖୁଲା ବିକ୍ରି କରୁଛନ୍ତି। ଫଳରେ ଯୁବକ ଓ କଲେଜ ଛାତ୍ରମାନେ ଏହି ଗୁଟଖାଖାଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ବିଭିନ୍ନ ଦୋକାନ ଖାନତଲାସୀ କରି ଧରପଗଡ଼ କରାଯାଇଛି। ସିନେମାହଲ ଛକ, ଥାନା ଛକ, ଦଲକଛକ ଓ ହନୁମାନ ଛକରେ ଏହି ଟିମ୍ ଚଢଉ କରିଥିଲେ। ଏଥିରେ ଡ୍ରଗ୍ସ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ଅଣସଂକ୍ରମଣ ରୋଗ କାର୍ଯ୍ୟକ୍ରମର ଦୀନବନ୍ଧୁ ସାହୁ, ଅବକାରୀ ବିଭାଗ ଓ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।ଜବତ ହୋଇଥିବା ଗୁଟଖାକୁ ନଷ୍ଟ କରାଯିବ ବୋଲି ସୂଚନା ମିଳିଛି।

## ବାଲିପାଟଣା ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ

**ବାଲିପାଟଣା,୧୯।୪/ଏନ୍ଏନ୍ଏସ୍:** ବାଲିପାଟଣା ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ସଫଳ ଭାବେ ଚାଳନ ପାଇଁ ସର୍ବସାଧାରଣଙ୍କୁ ଏକ ସୂଚନା ଜାରି କରାଯାଇଛି। ବାଲିପାଟଣା ତହସିଲ ପକ୍ଷରୁ ଜାରି ହୋଇଥିବା ଏହି ସୂଚନାରେ ଜନଗଣନା କାର୍ଯ୍ୟର ଗୁରୁତ୍ୱ ଉଲ୍ଲେଖ କରାଯାଇ ସମସ୍ତ ନାଗରିକଙ୍କୁ ସକ୍ରିୟ ସହଯୋଗ ପାଇଁ କୁହାଯାଇଛି। ସୂଚନା ଅନୁସାରେ, ତହସିଲଦାର କଳ୍ପନା ଦାସ ଓ ଆଡସିନାଲ ତହସିଲଦାର ସୌରଭ କୁମାର ବଡୁ ଏହି କାର୍ଯ୍ୟ ପରିଚାଳନା କରିବେ। ଏହି ବ୍ଲକର ୧୭ଟି ଗ୍ରାମ ପଞ୍ଚାୟତରେ ଜନଗଣନା କାର୍ଯ୍ୟ ପାଇଁ ୨୩୭ଜଣ ଜନ ଗଣନାକାରୀ ଓ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ନିଯୁକ୍ତ ଗଣନାକାରୀ କର୍ମଚାରୀମାନେ ଘରେ ଘରେ ପହଞ୍ଚି ପରିବାର ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ସମୟରେ ପ୍ରଥମ ପର୍ଯ୍ୟାୟରେ ଯୌଥ ପରିବାର ଓ ଭିନ୍ନ ହୋଇ ରହୁଥିବା ପରିବାର ପୃଥକ ପୃଥକ ଗୃହକର୍ତ୍ତାଭାବେ ବିବେଚିତ ହେବେ। ଏପରିକି ମଠ, ମନ୍ଦିର, ଫାର୍ମ ହାଉସ, କ୍ଲବ, ସର୍ବସାଧାରଣ ଅନୁଷ୍ଠାନ ଅଲଗା ଅଲଗା ଗୃହଭାବେ ଗଣତି ହେବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତି ପରିବାରର ଜନ ସଂଖ୍ୟା ଗଣତିହେବ। ସମସ୍ତେ ସଠିକ୍ ଓ ପୂର୍ଣ୍ଣ ତଥ୍ୟ ଯୋଗାଇବା ଆବଶ୍ୟକ ବୋଲି ପ୍ରଶାସନ ଜଣାଇଛି। ଏଥିରେ କାହାରି ରାସନ ଠାରୁ ଅନ୍ୟାନ୍ୟ ହିତାଧିକାରୀଙ୍କର କୌଣସି ଅସୁବିଧା ହେବନାହିଁ। କୌଣସି ପ୍ରକାର ଭୁଲ ବା ବିଭ୍ରାନ୍ତିକର ତଥ୍ୟ ଦେଲେ ଗଣନା ପଥଭ୍ରଷ୍ଟ ହେବ। ଗଣନାକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଛି।

## ପ୍ରାଚୀ ଗୁରୁଭକ୍ତ ସମ୍ମିଳନୀରେ ପ୍ରେମାଚାର୍ଯ୍ୟଙ୍କ ଶ୍ରୀ ବିଗ୍ରହ ପରିକ୍ରମା



**ନୟାହାଟ,୧୯।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁ ରୁଭକ୍ତ ସମ୍ମିଳନୀ ର ଆଜି ଅଧିବାସ ରେ ସମସ୍ତ ମନ୍ଦିରମାନଙ୍କରେ ନୂତନ ଧ୍ୱଜା ବନ୍ଧନ, କଳସ ସ୍ଥାପନ କରାଯିବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଗହଣରେ ଗୁରୁଦେବ ପ୍ରେମଚାର୍ଯ୍ୟ ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା ସୁସଜ୍ଜିତ ପୁଷ୍ପ ବିମାନରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାପନ କରାଯାଇ ମହାମନ୍ତ୍ର ନାମ କୀର୍ତ୍ତନ, ହୁଳହୁଳି, ଶଙ୍ଖ ଧ୍ୱନୀ ସହିତ ବିଶାଳ ଧର୍ମ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଦଳ ନୂଆ ପାଟଣା, ମା'ପୁଣ୍ୟେଶ୍ୱରୀ, ନୟାହାଟ ବଜାର, ବାସୁଦେବ ମନ୍ଦିର, ମା' ବିଶ୍ୱେଶ୍ୱରୀ ଧୁମାଳ, ନରସିଂହପୁର ଶାସନ, ନିପାଣିଆଗଡ଼, ଓ ମା' ଚର୍ଚ୍ଚିକା ଠାକୁରାଣୀ ଇତ୍ୟାଦି ସ୍ଥାନ ପରିକ୍ରମା କରିଥିଲେ। ବର୍ଷକରେ ଗୁରୁ ଭକ୍ତ ସମ୍ମିଳନୀ ରେ ସ୍ୱୟଂ ଗୁରୁଦେବ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଭେଟି, ପୁଣ୍ୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଆହ୍ୱାନ କରିଥାନ୍ତି। ଏହି ସ୍ମୃତିକୁ ସାଉଁଟିକରି ସମସ୍ତ ଭକ୍ତ ପ୍ରୟାସ କହିଛନ୍ତି ବୋଲି ପ୍ରଚାର ଓ ପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଧାର୍ମିକ ଶୋଭାଯାତ୍ରାରେ ଡ଼ାକ୍ତର ରତ୍ନାକର ମହାନ୍ତି, ସବିତା ଦାସ, ଶକୁନ୍ତଳା ଦାଶ, ସୁଚେତା ଦାସ, ସୁରେନ୍ଦ୍ର ପାତ୍ର, ଗୁରୁଦତ୍ତ ମହାପାତ୍ର, ଗୋବିନ୍ଦ ରାୟ, ଗୁରୁକୃଷ୍ଣ ଭାଇ, ଲିକୁ ଭାଇ, ବିଜୁ ଭାଇ, ସମ୍ବଲପୁର ର ରମେଶ ଜେନା, ଶ୍ରୀ ଚରଣ ଭାଇ, ରତିକାନ୍ତ ଭାଇ, କାହ୍ନୁ ଭାଇ, ରାଜୁ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀ ଅଟ୍ଟାଳୀ ଜଗନ୍ନାଥଜିଉ ରାମଲୀଳା ଉଦ୍‌ଯାପିତ

**ଆଠଗଡ଼,୧୯।୪/ଏନ୍ଏନ୍ଏସ୍:** ସହରର ପ୍ରାଚୀନ ଶ୍ରୀ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମ ନବମୀଠାରୁ ଆରମ୍ଭ ହୋଇ ୨୩ ଦିନ ଧରି ଚାଲିଥିବା ରାମଲୀଳା ଶନିବାର ରାତିରେ ରାବଣ ବଧ ଓ ରବିବାର ସକାଳେ ଶ୍ରୀରାମ ଅଭିଷେକ ସହିତ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ପାରମ୍ପାରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଥିବା ରାମଲୀଳା ମଞ୍ଚରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ବ୍ରାହ୍ମଣ ନିମାଇଁ ଚରଣ ଦାଶଙ୍କ ପରିଚାଳନାରେ ଅଭିଷେକ ପୂଜା ସମାପନ ହୋଇଥିଲା। ପରେ ଶ୍ରୀରାମ ବେଶଧାରୀ କଳାକାର ଜ୍ୟୋତି ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମଣ ବେଶଧାରୀ କଳାକାର ଜିତେନ୍ଦ୍ର ସ୍ୱାଇଁ, ମାତା ସୀତା ବେଶଧାରୀ କଳାକାର ମାନସରଞ୍ଜନ ଭକ୍ତା, ହନୁମାନ ବେଶଧାରୀ କଳାକାର ଉମା ଶଙ୍କର ସାମନ୍ତ ଓ ଅନ୍ୟାନ୍ୟ କଳାକାର ମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ ଆଠଗଡ଼ ଗଡ଼ଜାତରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଏହି ରାମଲୀଳା ଅନ୍ୟତମ ଗଣପର୍ବ ଭାବେ ପାଳିତ ହୋଇଆସୁଛି। ଶ୍ରୀ ଜଗନ୍ନାଥଜୀଙ୍କୁ ରାମଲୀଳାରେ ଚଳିତବର୍ଷ ଅନେକ ଯୁବ କଳାକାର ଯୋଗଦେଇ ଅତି ନିଖୁଣ ଭାବରେ ରାମଲୀଳା ପରିବେଷଣ କରି ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଦୀର୍ଘଦିନ ଧରି ବ୍ରତ ରଖିବା ସହିତ ଘରୁ ଅଲଗା ରହି ଏହି କଳାକାର ମାନେ ନିଜର ଅଭିନୟ ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କ କଥାମୃତକୁ ସୁନ୍ଦର ଅଭିନୟ ମାଧ୍ୟମରେ ଉପସ୍ଥାପନ କରି ଅନେକ ଲୋକ ଓ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ଅନୁଷ୍ଠାନର ସ୍ଥାୟୀ ସଭାପତି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଗାମୀ ବର୍ଷ ଏହାକୁ ଆହୁରି ସରସ ସୁନ୍ଦର କରାଯିବାକୁ କହିବା ସହିତ ଏଠାରେ ଥିବା ମଞ୍ଚଟିର ଆଧୁନିକୀକରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ରଞ୍ଜନ କୁମାର ଜେନା, ସଦସ୍ୟ ଗଗନ ରଞ୍ଜନ ଦାସ ଓ କିଶୋର କୁମାର ଦାସ ସହିତ ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଏହି ରାମଲୀଳା ନାଟ୍ୟ ଉତ୍ସବ ପରିଚାଳନା କରିଥିଲେ।

## ଉତ୍କଳ କରାଟେ ସ୍କୁଲ୍ ଶାଖାରେ ବେଲ୍ଟ ପରୀକ୍ଷା, ୪୯ ଉତ୍ତୀର୍ଣ୍ଣ

**ବାଲୁଗାଁ,୧୯।୪/ଏନ୍ଏନ୍ଏସ୍:** ରବିବାର ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାରେ ବ୍ଲେଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି କ୍ଷ ବାଲୁଗାଁ ସ୍ଥିତ ମଲ୍ଟି ପର୍ପୋଜ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏହି ପରୀକ୍ଷାରେ ବାଲୁଗାଁ, ବାଣପୁର ଓ ଚାନ୍ଦପୁର ଶାଖାରୁ ପ୍ରାୟ ୪୯ ଜଣ କରାଟେକା ଅଂଶ ଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନସି ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାରେ କ୍ୟୋସି ଖାରବେଳ ମଲ୍ଲିକ, କ୍ୟୋସି ଦୀପକ୍ କୁମାର ସାମନ୍ତରା ଓ ସେନ୍ ସେଇ ସନ୍ତୋଷ ମହାରଣା ଏହି ପରୀକ୍ଷାକୁ ପରିଚାଳନା କରିଥିଲେ। ପରୀକ୍ଷା ପରିଚାଳନାରେ ସେନ୍‌ସେଇ ଏସ.କେଏ. ହକ୍, ରଞ୍ଜନ କୁମାର ସାମନ୍ତରାୟ, ପ୍ରତାପ କେଶରୀ ଜେନା, ସଂଗ୍ରାମ ନାୟକ, ସଲୋନି ପାତ୍ର, ବୈକୁଣ୍ଠନାଥ ପ୍ରଧାନ ଓ ଚାନ୍ଦପୁର ଶାଖାର ସଂଯୋଜକ ଅବିନାଶ ଦାସ ସହଯୋଗ କରିଥିଲେ। ପରୀକ୍ଷାରେ ବ୍ରାଉନ ବେଲ୍ଟରେ ୧୫ଜଣ, ବ୍ଲୁ ବେଲ୍ଟରେ ୮ଜଣ, ଗ୍ରିନ୍ ବେଲ୍ଟରେ ୮ଜଣ, ଅରେଞ୍ଜ ବେଲ୍ଟରେ ୧୦ଜଣ ଓ ଏଲୋ ବେଲ୍ଟରେ ୮ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ସମସ୍ତ ପରୀକ୍ଷାର୍ଥୀଙ୍କୁ ଉତ୍କଳ କରାଟେ ସ୍କୁଲ୍ ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ପ୍ରଶିକ୍ଷକ କ୍ୟୋଷି ଦୀପକ କୁମାର ସାମନ୍ତରା ଶୁଭେଚ୍ଛା ଜଣାଇଥିଲେ।

## ବିଜେପିର ବିଶାଳ ସଂକଳ୍ପ ବାଇକ୍ ଶୋଭାଯାତ୍ରା



**ବୋଲଗଡ଼,୧୯।୪/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟ ସମେତ ବେଗୁନିଆ ବ୍ଲକ ସୀମାନ୍ତ ସାରୁଅ ଠାରୁ ଆରମ୍ଭ ଥାଇ ବିଶାଳ ସଂକଳ୍ପ ବାଇକ ଶୋଭାଯାତ୍ରା ଭାରତୀୟ ଜନତା ପାର୍ଟି ରାଜ୍ୟ ଆଇଟି ସେଲ୍ ଇନ୍‌ଚାର୍ଜ ତଥା ଯୁବ ବିଜେପି ନେତାଙ୍କ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଛି। ସୂଚନା ମୁତାବକ ରାଜ୍ୟରେ ଡବଲ ଇଞ୍ଜିନ ସରକାର ତଥା କେନ୍ଦ୍ରରେ ଜସ୍ୱସୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଳିଷ୍ଠ ନେତୃତ୍ୱରେ ଓଡିଶା ରାଜ୍ୟ ସମୂହ ବିକାଶ ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ-ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ ଏହି ବିକାଶର ରଥ ଯେପରି ସମସ୍ତ ଜନସାଧାରଣ ଓ ମେହନତ ଖଟିଖିଆଙ୍କ ନିକଟରେ ବେଶ ଆଦୃତ ହୋଇପାରିବ ସେହି ବିଚାର ଧାରା ସଠିକ ମାର୍ଗରେ ଯେପରି ରୂପାନ୍ତରିତ ହେବ ତାହା ମୂଳ ଲକ୍ଷ୍ୟ ବୋଲି ଯୁବ ବିଜେପି ନେତା ମାନସ କୁମାର ବେହେରା ଗଣମାଧ୍ୟମ ନିକଟରେ ଦୋହରାଇଛନ୍ତି। ପ୍ରାରମ୍ଭରେ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ବେଗୁନିଆ ବ୍ଲକ ଉପକଣ୍ଠ ସରୁଅ ଠାରୁ ବିଶାଳ ବାଇକ ଶୋଭାଯାତ୍ରା ବାହାରି ଦୀର୍ଘ ୨୭ କି.ମି ରାଜପଥ ଅତିକ୍ରମ ପରେ ବୋଲଗଡ଼ ବ୍ଲକ ସଦରସ୍ଥିତ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବାଇକ ଶୋଭାଯାତ୍ରାକୁ ବିରାମ ଦିଆଯାଇଥିଲା। ଏହି ବିଶାଳ ବାଇକ ଶୋଭାଯାତ୍ରାରେ ଶତାଧିକ ନୂତନ ଯୁବ ଚେହେରା ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପୂର୍ତ୍ତି




**ଚରିଛକ,୧୯।୪/ଏନ୍ଏନ୍ଏସ୍:** ନିମାପଡା ଟାଉନ ହଲ ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶହେ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରକୁ ପରମ ବୈଭବଶାଳୀ କରିବା ଲକ୍ଷ୍ୟ ନେଇ ସୁସଂସ୍କୃତ, ଅନୁଶାସିତ ଓ ରାଷ୍ଟ୍ର ପ୍ରତି ସମର୍ପିତ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ନିରନ୍ତର କରିଚାଲିଛି। ସଂଘ ସଜ୍ଜନ ଶକ୍ତିର ନେତୃତ୍ୱରେ ସଂପୂର୍ଣ୍ଣ ସମାଜକୁ ସାଥୀରେ ନେଇ ବିଶ୍ୱ ଆଗରେ ପ୍ରସ୍ତୁତ କରୁଥିବା ଏକ ସମରସ ଓ ସଂଗଠିତ ରାଷ୍ଟ୍ର ନିର୍ମାଣ ପାଇଁ ସଂକଳ୍ପ ନେଇଛି। ଏ ସଂକଳ୍ପ ପୂର୍ତ୍ତିପାଇଁ ସମାଜର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ମହାନୁଭବଙ୍କୁ ନେଇ ଏକ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ନିମାପଡ଼ା ଟାଉନ୍‌ହଲ୍‌ଠାରେ ପୁରୀ ଜିଲ୍ଲା ସଂଘ ଚାଳକ ରମେଶ ଚନ୍ଦ୍ର ମାଝିଙ୍କ ଆହ୍ୱାନରେ ୧୧ଟି ବ୍ଲକର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ମହାନୁଭବମାନେ ପଞ୍ଚ ପରିବର୍ତ୍ତନ ବିଶେଷକରି ସାମାଜିକ ସମରସତା, ପରିବେଶ ସରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱଆଧାରିତ ଜୀବନ ଶୈଳୀ ଓ ନାଗରିକ କର୍ତ୍ତବ୍ୟ ବୋଧ ଉପରେ ସ୍ୱୟଂ ସେବକ ମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଅତିଥି ମାନେ ଆଲୋଚନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ ସଂଗଠକ ବିଭୁଦତ୍ତ ନାୟକ,ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଂଘର ଓଡ଼ିଶା ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ପୁରୀ ଜିଲ୍ଲା ସଂଘ ମୁଖ୍ୟ ରମେଶ ଚନ୍ଦ୍ର ମାଝି, ପ୍ରଖଣ୍ଡ ପ୍ରମୁଖ ଭାଗିରଥି ଓଝା, ସଂଘ ଚାଳକ ଅମୂଲ୍ୟ ପ୍ରସାଦ ଦାଶ କାର୍ଯ୍ୟଭାର ତୁଲାଇଥିଲେ। ସେବକ ପ୍ରସନ୍ନ କର ମଞ୍ଚ ସଂଯୋଜନା କରିଥିଲେ।

## ବିଶ୍ୱ ଐତିହ୍ୟ ଦିବସରେ ସଚେତନତା କାର୍ଯ୍ୟକ୍ରମ



**ରେଢ଼ାଖୋଲ, ୧୯।୪/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ଅବସରରେ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ଶାଖା ପକ୍ଷରୁ ଏକ ସଚେତନତା ଓ ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ଶାଖାର ଅଧ୍ୟକ୍ଷ ଡଃ ଡି ବି ଗଡ଼ନାୟକ ଓ ତାଙ୍କ ଟିମ୍ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଐତିହ୍ୟ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିଥିଲେ। ଡଃ ଗଡ଼ନାୟକ ଐତିହ୍ୟ ସ୍ଥଳୀର ଗୁରୁତ୍ୱ, ସେଗୁଡ଼ିକର ସଂରକ୍ଷଣର ଆବଶ୍ୟକତା ଏବଂ ଆମ ସଂସ୍କୃତି ଓ ପରମ୍ପରାକୁ ପାଶ୍ଚାତ୍ୟ ପ୍ରଭାବରୁ ସୁରକ୍ଷିତ ରଖିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କରିଡୋର୍‌କୁ ଭାରତର ୪୩ଟି ବିଶ୍ୱ ଐତିହ୍ୟସ୍ଥଳୀର ବ୍ୟାନର୍‌ରେ ସୁସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରତାପ ସ୍ୱାଇଁ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଟିଜିଟି ଇଂରାଜୀ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

## ଆତ୍ମନିର୍ଭର ଭାରତର ...

ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି। ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ୍ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ। ଆଜିର ଶିଳାନ୍ୟାସ ପ୍ରକଳ୍ପରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ। ୩ଡି ଗ୍ଲାସ୍ ସଲ୍ୟୁସନର ଗ୍ଲାସ୍ ସବ୍‌ଷ୍ଟ୍ରେଟ ପ୍ୟାକେଜିଙ୍ଗ ୟୁନିଟ୍‌ର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩ ଡବ୍ଲ୍ୟୁ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ଇନଟେଲ, ଲକହିଡ ମାର୍ଟିନ ଓ ଏପଲାଏଡ ମେଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ ୩ଡି ଗ୍ଲାସ ସଲ୍ୟୁସନ ସହ ଯୋଡ଼ିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ।

ସୂଚନା ଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚଆଇ ମଡ୍ୟୁଲ୍ ଉତ୍ପାଦନ କରିବ। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ପାଞ୍ଚଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ। ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ। ସେମାନେ ନିଜକୁ ଦକ୍ଷ କରି ଏହି ଉଦୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ।ସେ କହିଥିଲେ ଯେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଭୁକ୍ତ ହୋଇଛି। ଆମ ପାଖରେ ସମ୍ବଳ ଅଛି, ପ୍ରତିଭା ଅଛି, ଭିତ୍ତିଭୂମି ଅଛି, ସଂକଳ୍ପ ଅଛି। ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ-'ଓଡ଼ିଶା ଇଜ ଇୟର ଡେଷ୍ଟିନେସନ," ବୋଲି ସେ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିନ୍‌ହା, ୩ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତ ଉପସ୍ଥିତ ଥିଲେ।

## ବାଣ କାରଖାନାରେ ...

ଦୁଃଖ ପ୍ରକାଶ କରିବା ସହିତ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ସାରିଛି। କାହିଁକି ଏହି ବିସ୍ଫୋରଣ ହେଲା ଓ ବାଣ ପ୍ରସ୍ତୁତି ବେଳେ ସମସ୍ତ ପ୍ରକାର ଏସ୍‌ଓପିକୁ ପାଳନ କରାଯାଇଥିଲା ନା ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ଆଲୋଚନା ପାଇଁ ପ୍ରତିନିଧି ...

ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକୀୟ ପ୍ରତିନିଧି ଦଳ ସୋମବାର ଆଲୋଚନା ପାଇଁ ପାକିସ୍ତାନରେ ପହଞ୍ଚିବେ। ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ତାଙ୍କର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜେରେଡ୍ କୁଶନର୍ ଇସଲାମାବାଦ ପହଞ୍ଚିବେ। କେବଳ ଆମେରିକା ନୁହେଁ ବରଂ ସମଗ୍ର ବିଶ୍ୱ ମଧ୍ୟ ଏହା ହିଁ ଚାହୁଁଛି ଯେ, ଇରାନ୍ ନିଜ ଜିଦ୍ ଛାଡି ଆଲୋଚନାରେ ସାମିଲ ହେଉ ଏବଂ ଚୁକ୍ତି ସ୍ୱାକ୍ଷର କରୁ। ଆମେରକା ପକ୍ଷରୁ ଏକକ ପ୍ରୟାସରେ ଏହା ସମ୍ଭବ ନୁହେଁ। ତେବେ ଏଥର ଆଲୋଚନାରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଆଉ ସାମିଲ ହେବେନାହିଁ। ଜେଡି ଭାନ୍ସ, ଏପ୍ରିଲ ୧୧-୧୨ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ଆମେରିକୀୟ ଦଳର ନେତୃତ୍ୱ ନେଇଥିଲେ। ଟ୍ରମ୍ପ ଏହାରି ମଧ୍ୟରେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନ୍, ଚୁକ୍ତିରେ ସ୍ୱାକ୍ଷର କରିନାହିଁ, ଆମେରିକୀୟ ନୌସେନା ପକ୍ଷରୁ ହର୍ମୁଜରେ ଇରାନ୍ ଉପରେ ଅବରୋଧ ଜାରି ରହିବ।

ପ୍ରକାଶ, ଆମେରିକା ବିରୋଧରେ ଯୁଦ୍ଧବିରତି ଉଲ୍ଲଂଘନର ଅଭିଯୋଗ ଆଣିବା ପୂର୍ବକ ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ବନ୍ଦ କରିଦେଇଛି। ଏପରିକି ଭାରତୀୟ ଜାହାଜଙ୍କୁ ମଧ୍ୟ ମାର୍ଗ ଛାଡିବାକୁ ଇରାନ୍‌ର ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ମନା କରିଦେଇଛି। ତେବେ ଇରାନ ଓ ଆମେରିକା ମଧ୍ୟରେ ଏହି ପରିସ୍ଥିତି ଏବେ ବିଶ୍ୱ ରାଜନୀତିକୁ ବେଶ୍ ସରଗରମ କରିଛି। ବିଶେଷ କରି ଟ୍ରମ୍ପଙ୍କ ଏହି 'ଶେଷ ସୁଯୋଗ' ଚେତାବନୀ ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

## ସିଇସିଙ୍କୁ ହଟାଇବା ପାଇଁ ...

ଅତିକମ୍‌ରେ ୨୦୦ ସାଂସଦଙ୍କ ସମର୍ଥନ ବା ସ୍ୱାକ୍ଷର ରଖିବା ପାଇଁ ବିରୋଧୀ ରଣନୀତି ପ୍ରସ୍ତୁତ କରୁଛନ୍ତି। ନିକଟରେ ଲୋକସଭାରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ (୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍) କାଟ୍ ଖାଇବା ପରେ ବିରୋଧୀଙ୍କ ମଧ୍ୟରେ ଏହି ଏକତା ଦେଖିବାକୁ ମିଳୁଛି।

ନିୟମ ଅନୁସାରେ ସିଇସିଙ୍କୁ ହଟାଇବା ପ୍ରସ୍ତାବ ପାଇଁ ଅତିକମ୍‌ରେ ୧୦୦ ସାଂସଦଙ୍କ ସ୍ୱାକ୍ଷର ଆବଶ୍ୟକ। ସେହିପରି ରାଜ୍ୟସଭାରେ ଏଥିପାଇଁ ଅତିକମରେ ୫୦ ସାଂସଦଙ୍କ ସ୍ୱାକ୍ଷର ଜରୁରୀ। ସମ୍ବିଧାନ ଅନୁସାରେ, ମୁଖ୍ୟ ନିର୍ବାଚନ କମିଶନରଙ୍କୁ କେବଳ ସେହି ପ୍ରକ୍ରିୟାରେ ହଟାଯାଇପାରିବ ଯେଉଁ ପ୍ରକ୍ରିୟାରେ କୋର୍ଟର ଜଣେ ବିଚାରପତିଙ୍କୁ ହଟାଯାଇଥାଏ। ଅର୍ଥାତ୍ ସିଇସିଙ୍କ ବିରୋଧରେ ମଧ୍ୟ ସମ୍ବିଧାନର ଅନୁଚ୍ଛେଦ ୩୨୪(୫) ଅନ୍ତର୍ଗତ ପ୍ରସ୍ତାବ ଅଣାଯିବା ପୂର୍ବକ ହିଁ ହଟାଯାଇପାରିବ। ଯଦିଓ ଏହାକୁ ସିଧାସଳଖ ମହାଭିଯୋଗ ବୋଲି ସମ୍ବୋଧିତ କରାଯାଏ ନାହିଁ, କିନ୍ତୁ ସିଇସିଙ୍କୁ ହଟାଇବା ପ୍ରକ୍ରିୟା ମହାଭିଯୋଗ ପ୍ରସ୍ତାବ ଭଳି ହିଁ ହୋଇଥାଏ। ଯଦି ଉଭୟ ସଦନରେ ପ୍ରସ୍ତାବ ଗ୍ରହଣ କରାଯାଏ, ତେବେ 'ଜଜେସ୍ (ଇନକ୍ୱାରୀ) ଆକ୍ଟ ୧୯୬୮' ଅନୁସାରେ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ମିଶି ଏକ ଯୁକ୍ତ ତଦନ୍ତ କମିଟି ଗଠନ କରିବେ। ତଦନ୍ତ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଅବ୍ୟବସ୍ଥା ଘେରରେ କେସିଙ୍ଗା ଡାକ୍ତରଖାନା

### ଲମ୍ବା ଛୁଟିରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ବିଭାଗ ଅଚଳ

**ଭବାନୀପାଟଣା, ୧୯।୪/ଏନ୍‌ଏନ୍‌ଏସ୍‌:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଡାକ୍ତରଖାନାରେ ଦୟନୀୟ ଅବସ୍ଥାରେ ରୋଗୀସେବା ଚାଲୁଥିବା ଦେଖିବାକୁ ମିଳିଛି। ସରକାର ନାମକୁ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଘୋଷଣା କରିଥିବାବେଳେ ଏଠାରେ କୌଣସି ସୁବିଧା ନାହିଁ। ଏଠାରେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଥିବାବେଳେ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ମଧ୍ୟ ଆବଶ୍ୟକ ଅନୁଯାୟୀ ଖୁବ୍ କମ୍ ସଂଖ୍ୟାରେ ନିୟୋଜିତ ଅଛନ୍ତି। ଗୋଟିଏପଟେ କେସିଙ୍ଗା ଡାକ୍ତରଖାନା ଉପରେ କେସିଙ୍ଗା ଏନ୍‌ଏସି ଓ ବ୍ଲକ୍ ଅଞ୍ଚଳର ଲୋକେ ନିର୍ଭର କରୁଥିବାବେଳେ କରଲାମୁଣ୍ଡା, ରାମପୁର, ନର୍ଲା ଓ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ସୀମାନ୍ତ ଅଞ୍ଚଳର ଲୋକେ ସିଧାସଳଖ କେସିଙ୍ଗା ଡାକ୍ତରଖାନା ଉପରେ ନିର୍ଭର କରିଆସୁଛନ୍ତି। ହେଲେ କେସିଙ୍ଗା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଥିବାରୁ ବିଶେଷକରି ଗରିବ ଶ୍ରେଣୀର ରୋଗୀମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ ଜଣ ନୂଆ ଏମ୍‌ବିବିଏସ୍ ଡାକ୍ତର, କର୍ପସ୍ ଫଣ୍ଡରୁ ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ସର୍ଜରୀ ବିଶେଷଜ୍ଞ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ୨ ଜଣ ଦାନ୍ତ ଡାକ୍ତର ଓ ଜଣେ ହୋମିଓପାଥି ଆୟୁଷ ଡାକ୍ତରଙ୍କୁ ନେଇ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ତେବେ ଛୋଟରୁ ଛୋଟ ରୋଗୀଙ୍କୁ ମଧ୍ୟ ଏଠାରୁ ଅନ୍ୟତ୍ର ରେଫର୍ କରାଯାଉଛି। ଫଳରେ ପ୍ରାଥମିକ ଚିକିତ୍ସା ଅଭାବରୁ କିଛି ରୋଗୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ତ କିଛି ମୃତ୍ୟୁମୁଖରେ ପଡୁଛନ୍ତି।



ସେହିପରି ଖରାଦିନେ ବିଦ୍ୟୁତ୍ ଲୁଚକାଳି ଖେଳିବା ସ୍ୱାଭାବିକ କଥା। ହେଲେ ଜେନେରେଟର୍ ଥିଲେ ସୁଦ୍ଧା ବିଦ୍ୟୁତ୍ କାଟ ଯୋଗୁ ଘଣ୍ଟା ଘଣ୍ଟା ରୋଗୀ ଗୁଳୁଗୁଳିରେ ହଇରାଣ ହେଉଛନ୍ତି। ଯାଞ୍ଚ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା ମଧ୍ୟ ନଜିର ରହିଛି। ଠିକାସଂସ୍ଥା ସଫେଇ ଉପକରଣ ଯୋଗାଉନଥିବାରୁ ସଫେଇ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ହେଉନହିଁ। ଡାକ୍ତରଖାନାର ଇଣ୍ଡୋର୍ ବିଭାଗର ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏନେଇ ପୂର୍ବତନ କେସିଙ୍ଗା ସହର କଂଗ୍ରେସ ସଭାପତି ତଥା ଯୁବ ସଂଗଠକ ସୁରେଶ ରାଓ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଶ୍ରୀ ରାଓ ପ୍ରକାଶ କରିଛନ୍ତି। ଅନ୍ୟପଟେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ପ୍ରୟାଗ ପ୍ରତିଶ୍ରୁତି ମାଝୀ ଗତ ୬ ତାରିଖରୁ ପ୍ରସୂତିକାଳୀନ ଲମ୍ବା ଛୁଟିରେ ଯିବା ଦିନଠାରୁ ଉକ୍ତ ବିଭାଗ ଗୋଟିଏ ପ୍ରକାର ଅଚଳ ହୋଇପଡ଼ିଛି। ଦୈନିକ ତାଙ୍କଠାରେ ଚିକିତ୍ସା କରାଇଥିବା ପ୍ରସୂତିମାନେ କେସିଙ୍ଗା ଡାକ୍ତରଖାନାକୁ ଆସି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ହେଲେ ଏହାର ସମାଧାନ ଦିଗରେ ନିର୍ବାଚିତ ପ୍ରତିନିଧି କିମ୍ବା ଜିଲ୍ଲା ପ୍ରଶାସନ କାହାର ନଜର ପଡୁନି। ସମସ୍ତେ ଦେଖିକି ନ ଦେଖିଲା ଭଳି ନିରବ ରହିଥିବା ଅଭିଯୋଗ ହେଉଛି। ତେବେ ଏନେଇ ସିଡିଏମ୍‌ଓ ହରେକୃଷ୍ଣ ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆଗାମୀ ଦୁଇ ଦିନ ମଧ୍ୟରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ସପ୍ତାହରେ ଦିନେ କେସିଙ୍ଗା ଡାକ୍ତରଖାନାକୁ ଦିଆଯିବ ଏବଂ ଅଲଟ୍ରାସାଉଣ୍ଡ ପାଇଁ ୩ ଦିନ ଦେବାର ବ୍ୟବସ୍ଥା କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ତେବେ ରାଜ୍ୟ ସରକାର ପୂର୍ବ ସରକାରଙ୍କୁ ଦୋଷ ଦେଇ କେତେଦିନ ଡେପୁଟେସନ୍‌ରେ ଡାକ୍ତର ଆଣି ଡାକ୍ତରଖାନାକୁ ଚଳେଇବେ ବୋଲି ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସେଥିପାଇଁ କେସିଙ୍ଗା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ଓ ଅନ୍ୟାନ୍ୟ ଡାକ୍ତର ପଦବୀ ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଦେଶୀମଦ ଜବତ, ୨ ଗିରଫ



**ରାୟଗଡ଼ା, ୧୯।୪/ଏନ୍‌ଏନ୍‌ଏସ୍‌:** ରାୟଗଡ଼ା ଜିଲ୍ଲା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମହୁଲ ପୋଚ ଓ ଚୋରା ଦେଶୀମଦ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଓ ଗୁଡ଼ାରୀ ପୁଲିସ୍ ଷ୍ଟେସନ୍ ସହାୟତାରେ ସୁନାରପାଲି, ବସନ୍ତନଗର, କେଲୁଗୁଡ଼ି ଓ ଅନ୍ତରଝୋଲି ଗ୍ରାମରେ ଚଢ଼ଉ କରି ୩୦୦ କେଜି ମହୁଲ ପୋଚ ଓ ୧ ହଜାର୍ ଲିଟର୍ ଚୋରା ଦେଶୀ ରନ୍ଧାମଦ ଜବତ କରିଛି। ଏନେଇ ପୃଥକ୍ ପୃଥକ୍ ଭାବେ ୬ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଜନ ବହଭୁୟାଁ, ଅବକାରୀ ଉପଅଧୀକ୍ଷକ ରଞ୍ଜିତ କୁମାର ବାର୍ଲା, ଗୁଣପୁର ନିରୀକ୍ଷକ ବେଣୁଧର ସାମଲ, ଗୁଡ଼ାରି ଉପନିରୀକ୍ଷକ ବସନ୍ତ କୁମାର ବିସି, ଗୁଣପୁର ଉପନିରୀକ୍ଷକ ପି ବିଶେଶ୍ୱର ରାଓ ଓ ବିଷମକଟକ ନିରୀକ୍ଷକ ଛବିରାଜ ତାଣ୍ଡିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ୍ ଥିଲେ।

## ଶିକ୍ଷାର ବିକାଶ ପାଇଁ ଜିଲ୍ଲାପାଳଙ୍କ ମାଷ୍ଟର୍ ପ୍ଲାନ୍

**ମାଲକାନଗିରି, ୧୯।୪/ଏନ୍‌ଏନ୍‌ଏସ୍‌:** ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ସେଠାକାର ଶିକ୍ଷାଦାନ ପଦ୍ଧତି ଓ ବିଦ୍ୟାଳୟର ସାମଗ୍ରିକ ସ୍ଥିତିର ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ରୂପାନ୍ତରଣ ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ୍ ବା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରତିଟି ବିଭାଗକୁ ବୁଲି ଦେଖିବା ସହ ପିଲାମାନେ କିଭଳି ପାରମ୍ପରିକ ପଦ୍ଧତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ପାଠପଢ଼ାର ମାନକୁ କିଭଳି ଜାତୀୟସ୍ତରର ବିଦ୍ୟାଳୟ ସହ ସମାନ କରାଯାଇପାରିବ ସେନେଇ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ଶିକ୍ଷକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଆବାସିକ ସୁବିଧା, ପାନୀୟ ଜଳ, ପରିମଳ ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ପାଇଁ ଜିଲ୍ଲାପାଳ ପ୍ରକଳ୍ପ ପ୍ରଶାସକଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଦ୍ୟାଳୟର ସମ୍ପ୍ରସାରଣ ଓ ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପିଲାଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳର ଏହି ଶିକ୍ଷାନୁଷ୍ଠାନକୁ ଜିଲ୍ଲାର ଏକ ମଡେଲ୍ ସ୍କୁଲ୍ ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରକାର ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।



## ଟାୱାର୍ ତଳେ ନେଟ୍‌ୱର୍କ ଖୋଜା

**ରାୟଗଡ଼ା, ୧୯।୪/ଏନ୍‌ଏନ୍‌ଏସ୍‌:** ରାୟଗଡ଼ା ଜିଲ୍ଲାର ଅନେକ ଉପାନ୍ତ ଅଞ୍ଚଳ ପାଇଁ ଆଜି ବି ମୋବାଇଲ୍ ନେଟ୍‌ୱର୍କ କାଳ ସାଜିଛି। ଦୁଇ ବର୍ଷ ହେବ ଟେଲିଫୋନ୍ ଟାୱାର୍ ନିର୍ମାଣ ହୋଇଥିଲେ ସୁଦ୍ଧା ନେଟ୍‌ୱର୍କ ନଥିବାରୁ କଲ୍ କରିବାକୁ ୨ କିମିରୁ ଊର୍ଦ୍ଧ୍ୱ ରାସ୍ତା ଯିବାକୁ ପଡୁଛି। ଏଭଳି ସ୍ଥିତି ଜିଲ୍ଲାର ଉପାନ୍ତ ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଢେପାଗୁଡ଼ି ଗାଁରେ ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ଏହି ଅଞ୍ଚଳରେ ଆଦିବାସୀ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଶତାଧିକ ପରିବାର ବସବାସ କରୁଛନ୍ତି। ଖାଲି ଢେପାଗୁଡ଼ି ନୁହଁ ଆଖପାଖରେ ଥିବା ଗ୍ରାମ ଗୁଡ଼ିକରେ ଯୋଗାଯୋଗ ନେଇ ଗତ ଦୁଇ ବର୍ଷ ତଳେ ଢେପାଗୁଡ଼ିରେ ବିଏସ୍‌ଏନ୍‌ଏଲ୍ କମ୍ପାନୀ ପକ୍ଷରୁ ଏକ ଟେଲିଫୋନ୍ ଟାୱାର୍ ନିର୍ମାଣ ହୋଇଛି। ହେଲେ ଆଜିସୁଦ୍ଧା ଉକ୍ତ ଟେଲିଫୋନ୍ ଟାୱାର୍ କାର୍ଯ୍ୟକ୍ଷମ ହୋଇପାରିନି। ଫଳରେ ମୋବାଇଲ୍ ନେଟ୍‌ୱାର୍କ ନଥିବାରୁ ଆମ୍ବୁଲାନ୍ସ ହେଉ ଅଥବା କୌଣସି ଖବର ଦେବାପାଇଁ ଲୋକଙ୍କୁ ଦୁଇ କିମି ନେଟ୍‌ୱର୍କ ଥିବା ଜାଗାକୁ ଯିବାକୁ ପଡୁଛି। ତେବେ ଗାଁ ଲୋକେ ଟାୱାର୍ ତଳେ ନେଟ୍‌ୱର୍କ ଖୋଜୁଥିବାବେଳେ କେବଳ ଟାୱାର୍ ଜଗିକି ରହିଛୁ ବୋଲି ସ୍ଥାନୀୟ ଶିବ ଦୁଣ୍ଡୁକା ଓ ରବୀନ୍ଦ୍ର ବିଭାର ଅଭିଯୋଗ କରିଛନ୍ତି।

ମୁନିଗୁଡ଼ାର ତେଲେଙ୍ଗାପଦର ପଞ୍ଚାୟତ ସହ ରାୟଗଡ଼ା ଜିଲ୍ଲାର ଆଜିସୁଦ୍ଧା ୫୨ଟି ଏଭଳି ପଞ୍ଚାୟତ ଅଛି ଯେଉଁଠିକି ଟେଲିଫୋନ୍ ସେବା ମିଳିପାରିନି। ଆଜି ପିଲାଙ୍କ ପାଠପଢ଼ା ହେଉ ଅଥବା ସରକାରୀ କାର୍ଯ୍ୟ ନେଟ୍‌ୱାର୍କ ନିହାତି ଆବଶ୍ୟକ। ଏହି ଗ୍ରାମର ଲୋକ ହୁଅନ୍ତୁ ଅଥବା ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ବାରମ୍ବାର ଗୁହାରି ସତ୍ତ୍ୱେ ଟେଲିଫୋନ୍ ଟାୱାର୍ ହୋଇପାରି ନଥିବା ଅଭିଯୋଗ କରିଛନ୍ତି। ଏପରିକି ବିଏସ୍‌ଏନ୍‌ଏଲ୍ ଟାୱାର୍ କାର୍ଯ୍ୟକ୍ଷମ କରାଯାଉ ନଚେତ୍ ଅନ୍ୟ କମ୍ପାନୀର ଟାୱାର୍ ବସାଇ ନେଟ୍‌ୱର୍କ ପ୍ରଦାନ କରିବାକୁ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଶିକକା ଓ ସମିତିସଭ୍ୟ ଅନଙ୍ଗ ନାଗ ପ୍ରମୁଖ ଦାବି କରିଛନ୍ତି।



## ରୋଟାରୀ କ୍ଲବ୍ ଜୟପୁର ପ୍ରାଇଡ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ଜୟପୁର, ୧୯।୪/ଏନ୍‌ଏନ୍‌ଏସ୍‌:** ରୋଟାରୀ କ୍ଲବ୍ ଜୟପୁର ପ୍ରାଇଡ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ସୀରାଗୁଡ଼ାସ୍ଥିତ ନମ୍ରତା ଚକ୍ଷୁ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଶାଖାପାଟଣାର ଡାକ୍ତର ରାମାରାଓ ହସ୍ପିଟାଲ୍‌ର ୫ ଜଣ କାନ, ନାକ ଓ ଗଳା ବିଶେଷଜ୍ଞ ଡାକ୍ତର ଅନ୍ନପୂର୍ଣ୍ଣା ରାଓ, ଅସ୍ଥିଶଲ୍ୟ ବିଶେଷଜ୍ଞ ୱାଇ ସୁରେନ୍ଦ୍ର, ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡାକ୍ତର ଶିବ କୁମାର ବୁରା, ମଧୁମେହ ବିଶେଷଜ୍ଞ ଡାକ୍ତର ଚୈତନ୍ୟ ମୁଡି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଆର୍ ଶେଷା କୁମାରି ଉପସ୍ଥିତ ଥିଲେ। ଏଥିରେ ୧୫୧ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା । ଏହି ସ୍ୱାସ୍ଥ୍ୟସେବା ସ୍ଥାନୀୟ ବନ୍ଧନ ବ୍ୟାଙ୍କ ଜୟପୁର ଶାଖାର କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ରୋଟାରୀ କ୍ଲବ୍ ପ୍ରାଇଡ୍ ଜୟପୁରର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରବି ନାରାୟଣ ନନ୍ଦ, ଜୋନାଲ୍ ଚେୟାରମ୍ୟାନ୍ ରାମନାଥ ସାହୁ, ଜି ଭି ରାଓ, ପ୍ରଦୀପ ସାହୁ, ନରେଶ ମହାକୁଲ, କାଲୁରାମ ପଣ୍ଡା, ସଞ୍ଜିବ ମିଶ୍ର, ସ୍ନେହିତ ମିଶ୍ର, ଜ୍ୟୋତି ଭୋଇ, ବିକ୍ରମ ସାହୁ, ମୁରଲିଧର ସାବତ, ରତ୍ନାକର ଚୌଧୁରୀ, ଜୟସ ରାଠୋଡ୍, ରୋଟାରି କ୍ଲବ୍ ଇନରହୁଇଲ୍‌ର କର୍ମକର୍ତ୍ତା ସି ସାବିତ୍ରୀ, କିରଣବାଳା ଶତପଥୀ ଓ ବର୍ଷା ବର୍ଣ୍ଣାଳି ପ୍ରମୁଖ ସହଯୋଗ କରିଥିଲେ। ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



## ଶିବ ମନ୍ଦିରରୁ ଦୁର୍ବୃତ୍ତଙ୍କ ଚୋରି

**ନବରଙ୍ଗପୁର, ୧୯।୪/ଏନ୍‌ଏନ୍‌ଏସ୍‌:** ନବରଙ୍ଗପୁର ସହରର ଏକ ଶିବ ମନ୍ଦିରରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଦୁର୍ବୃତ୍ତ ଚୋରି କରିଥିବା ଜଣାପଡ଼ିଛି। ଏଥିରେ ରୂପା ଛତ୍ର, ତ୍ରିଶୂଳ, ଗ୍ଲାସ୍, ପଞ୍ଚପାତ୍ର, ଆଳତି କରା ୨ଟି, ପିତଳ ଅଭିଷେକ ଶୃଙ୍ଗ ସହ ଅନ୍ୟାନ୍ୟ ପିତଳ ସାମଗ୍ରୀ ଓ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଛନ୍ତି। ଅନ୍ୟପଟେ ଧରାପଡ଼ିଯିବା ଭୟରେ ସିସିଟିଭିର ହାର୍ଡ ଡିସ୍କ ମଧ୍ୟ ଚୋରି କରିଛନ୍ତି। ରବିବାର ସକାଳେ ମନ୍ଦିର ପୂଜକ ଆସି ମନ୍ଦିର ଖୋଲିବାରୁ ଚୋରି ହୋଇଥିବା ଜାଣିପାରି କମିଟି ସଦସ୍ୟ ଏବଂ ଟାଉନ୍ ପୁଲିସ୍‌କୁ ସୂଚନା ଦେଇଥିଲେ। ନବରଙ୍ଗପୁର ପୁଲିସ୍‌କୁ ଖବର ଦେବାପରେ ଏଏସ୍‌ଆଇ ତୁଳସୀ ରାମ ପୂଜାରୀ ପହଞ୍ଚି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଛନ୍ତି।

## ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମାଲକାନଗିରି, ୧୯।୪/ଏନ୍‌ଏନ୍‌ଏସ୍‌:** ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୨୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥୀ ବେହେରା ଉପସ୍ଥିତ ଥିଲେ। ମାଲକାନଗିରି ଭଳି ଏକ ଆକାଂକ୍ଷୀ ଜିଲ୍ଲାର ପିଲାମାନେ ଜାତୀୟସ୍ତରର ପରୀକ୍ଷାରେ ଏଭଳି ଉତ୍କୃଷ୍ଟ ପ୍ରଦର୍ଶନ କରିବା ସମସ୍ତ ଜିଲ୍ଲାବାସୀଙ୍କ ପାଇଁ ଗର୍ବର ବିଷୟ। ଶିକ୍ଷା ହିଁ ପରିବର୍ତ୍ତନର ମୂଳ ଚାବି ବୋଲି ଜିଲ୍ଲାପାଳ ମତପ୍ରକାଶ କରିଥିଲେ। ଏହି ଅବସରରେ ଅଁଳାପଦର ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଲକ୍ଷ୍ମଣ ଦୋରା ୧୭ ବର୍ଷ ବିଭାଗ ଜାତୀୟ ବିଦ୍ୟାଳୟ କ୍ରିକେଟ୍ ପାଇଁ ଚୟନୀତ ହୋଇଥିବାରୁ ଅତିଥିଗଣଙ୍କ ଦ୍ୱାରା ଶୁଭେଚ୍ଛା ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଜବାହର ନବୋଦୟ ବିଦ୍ୟାଳୟରୁ ୧୧ ଜଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୮ଜଣ, କେନ୍ଦ୍ରୀୟ ବିଦ୍ୟାଳୟରୁ ୩ ଜଣ ଓ ଆଇଏମ୍‌ଏସ୍‌ଟି ବିଦ୍ୟାଳୟରୁ ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ ଫଳକ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେମାନଙ୍କ ପିତାମାତା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଯାଇଥିଲା। ପରେ ଜିଲ୍ଲାସ୍ତରୀୟ ଶିକ୍ଷା ବିଭାଗ ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ମୁଖ୍ୟ ନିଜ ନିଜର କାର୍ଯ୍ୟ ନୂତନ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସମସ୍ତ ତଥ୍ୟ ଅବଗତ ହେବାପରେ ଜିଲ୍ଲାପାଳ ବିଦ୍ୟାଳୟ ସୁରକ୍ଷା ଓ ବାଳିକାଙ୍କ ସ୍ୱାସ୍ଥ୍ୟକୁ ନିୟମିତ ପରଖିବା, ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଫେରେଇ ଆଣିବା, ବିଦ୍ୟାଳୟ ପୋଷାକ ଓ ପୁସ୍ତକ ବଣ୍ଟନକୁ ତ୍ୱରାନ୍ୱିତ କରିବା, ଦଶମ ଶ୍ରେଣୀ ପିଲାଙ୍କ ଭଲ ଫଳାଫଳ ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା, ପାଠ୍ୟଖସଡ଼ା ସଠିକ୍ ସମୟରେ ସାରିବା ଓ ବିଚାର ମଞ୍ଚ କିମ୍ବା ଶିକ୍ଷା ଷ୍ଟୁଡିଓ ମାଧ୍ୟମରେ ଉନ୍ନତ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରିବା ଆଦି ବିଷୟକୁ ଅତି ଗୁରୁତର ସହ ନେବାକୁ ନିର୍ଦ୍ଦେଶ ଦେଇଥିଲେ।



## ଆଜିର ଇତିହାସ

- ୧୮୮୮-ଉତ୍ତରପ୍ରଦେଶର ମୁରାଦାବାଦ ଠାରେ କୁଆପଥର ପଡ଼ିବା ଯୋଗୁ ୨୪୬ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୭୧-ଭାରତ ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଜିତିଥିଲା।
- ୧୯୯୭-ଶ୍ରୀ ଇନ୍ଦ୍ର କୁମାର ଗୁଜରାଲ୍ ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ।
- ୨୦୦୬-ଭାରତ ନିଜର ପ୍ରଥମ ବିଦେଶୀ ସୈନ୍ୟ ଆଡ୍ଡା ତାଜିକିସ୍ତାନରେ ସ୍ଥାପିତ କରିବା ପାଇଁ ଘୋଷଣା କରିଥିଲା।
- ୨୦୦୮-ବିଜେପି ନେତା ଗୋପିନାଥ ମୁଣ୍ଡେ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ** - ବୈବାହିକ ଜୀବନ ସୁଖମୟ ରହିବ। ଆର୍ଥିକ ମାମଲାରେ କାହା ଉପରେ ଭରସା କରନ୍ତୁ ନାହିଁ। ଧନହାନି ହୋଇପାରେ। ଷ୍ଟକ୍‌ରେ ନିବେଶ କରିବା ପାଇଁ ଉପଯୁକ୍ତ ସମୟ। ସରଳ ଓ ବିନମ୍ର ରୁହନ୍ତୁ।

**ବୃଷ** - ନୂଆ ଜବ୍ ମିଳିବାର ସମ୍ଭାବନା ବଢ଼ିବ। ଅପ୍ରତ୍ୟାଶିତ ସୋର୍ସରୁ ଧନ ଲାଭ ହେବ। ପରିବାର ସହିତ ସମୟ ଅତିବାହିତ କରିବା କଷ୍ଟକର ହୋଇପଡ଼ିବ। ଆଧାତ୍ମିକ କାର୍ଯ୍ୟରେ ମନ ଲାଗିବ।

**ମିଥୁନ** - ବ୍ୟାପାରରେ ଲାଭ ମିଳିବ। ଅଫିସ୍‌ରେ ଅତିରିକ୍ତ କାମର ଦାୟିତ୍ୱ ମିଳିବ। ଶୈକ୍ଷିକ କାମର ଆହ୍ୱାନଗୁଡ଼ିକୁ ଦୂର କରିବେ। ରୋମାଣ୍ଟିକ ଜୀବନରେ ଖୁସିର ପରିବେଶ ରହିବ।

**କର୍କଟ** - ଛାତ୍ରଛାତ୍ରୀମାନଙ୍କୁ ଖୁବ୍ ଭଲ ପରିଣାମ ମିଳିବ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ସମ୍ଭବ। ପରିଜନଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଘର ବିକ୍ରି କରିବା ବା ଭଡ଼ା ହେଲେ ଲାଭ ପାଇବେ।

**ସିଂହ** - ଧନ ସମ୍ପତ୍ତିରେ ବୃଦ୍ଧି ଯୋଗ ରହିଛି। ଅଟକିଥିବା କାମ ପୁଣି ଥରେ ଆରମ୍ଭ ହେବ। ସୁଖଦ ଯାତ୍ରା ଯୋଗ ରହିଛି। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ହେବ। ଛୋଟ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କନ୍ୟା** - ଚାକିରି-କାରବାରରେ ପ୍ରମୋଶନ ଯୋଗ ରହିଛି। ସ୍ୱାସ୍ଥ୍ୟକୁ ନେଇ ମନ ଚିନ୍ତିତ ରହିବ। ପାରିବାରିକ ଜୀବନ ସୁଖମୟ ରହିବ। ଜୀବନସାଥିର କଥାକୁ ଅଣଦେଖା ନକଲେ ଭଲ।

**ତୁଳା** - କୋର୍ଟ-କଚେରି ମାମଲାରେ ବିଜୟୀ ହେବେ। ବ୍ୟାପାରରେ ବିସ୍ତାର ହେବ। ସ୍ୱାସ୍ଥ୍ୟରେ ଉତ୍ଥାନ-ପତନ ସମ୍ଭବ। ପ୍ରେମ ଜୀବନ ବଢ଼ିଆ ରହିବ। ନୂଆ କାମର ଆରମ୍ଭ ପାଇଁ ଶୁଭଦିନ।

**ବିଛା** - ଭୌତିକ ସୁଖ ସୁବିଧା ସହିତ ଜୀବନ ବିତେଇବେ। କିଛି କାମରେ ଅବରୋଧ ଉତ୍ପନ୍ନ ହେବ। ବିରୋଧୀ ସକ୍ରିୟ ରହିବେ। କ୍ରୋଧ ଉପରେ କାବୁ ରଖନ୍ତୁ। ବ୍ୟର୍ଥ ବାଦ-ବିବାଦ ନକଲେ ଭଲ।

**ଧନୁ** - ବ୍ୟାପାରିକ ସ୍ଥିତି ସୁଦୃଢ଼ ହେବ। କଠିନ ପରିଶ୍ରମର ଫଳ ମିଳିବ। କ୍ୟାରିୟରରେ ମନଇଚ୍ଛା ସଫଳତା ପାଇବେ। ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। ଭାବୁକତାରେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**ମକର** - କ୍ୟାରିୟର୍‌ରେ ପ୍ରମୋଶନର ଅବସର ମିଳିବ। ଜୀବନରେ ସବୁକିଛି ପାଇବେ। ସମାଜରେ ପ୍ରଶଂସା ମିଳିବ। ଧନର ଆଗମନ ହୋଇପାରେ। ଆୟର ନୂଆ ସୋର୍ସ ଖୋଲିବ।

**କୁମ୍ଭ** - ସୁଖଦ ଯାତ୍ରା ଯୋଗ ରହିଛି। ବ୍ୟାପାରରେ ବୃଦ୍ଧି ହେବ। ଜୀବନସାଥି ସହିତ ବୁଝାମଣା ଖରାପ ହୋଇପାରେ। ପ୍ରେମୀ ସହିତ ବିଚାରରେ ତାଳମେଳ ରହିବ ନାହିଁ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବେ।

**ମୀନ** - ଆର୍ଥିକ ସ୍ଥିତି ମଜଭୁତ ହେବ। ପାରିବାରିକ ଜୀବନରେ ଶୁଭ ସମାଚାର ପାଇବେ। କ୍ୟାରିୟର୍ ସହିତ ଜଡ଼ିତ ନିଷ୍ପତ୍ତି ଚିନ୍ତାକରି ନେବେ। ସ୍ୱାସ୍ଥ୍ୟକୁ ଅଣଦେଖା ନକଲେ ଭଲ।

## ଶ୍ରୀମଦ୍ ଭଗବଦ୍‌ଗୀତା



ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ।
ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ। (୧୭/୩)

ହେ ଭାରତ! ସମସ୍ତଙ୍କର ଶ୍ରଦ୍ଧା ନିଜ ନିଜ ସ୍ୱଭାବ ବା ଅନ୍ତଃକରଣ ବୃତ୍ତି ଅନୁରୂପ ହୋଇଥାଏ। ମନୁଷ୍ୟ ଶ୍ରଦ୍ଧାମୟ। ଯିଏ ଯେପରି ଶ୍ରଦ୍ଧାଯୁକ୍ତ, ସେ ସେହିପରି ହୋଇଥାଏ। ଏଠାରେ ସତ୍ତ୍ୱ ଶବ୍ଦର ଅର୍ଥ ପ୍ରକୃତି ବା ସ୍ୱଭାବ। ଏହି ପ୍ରକୃତିରୁ ହିଁ ବୁଦ୍ଧି ଓ ଅନ୍ତଃକରଣ ଉତ୍ପନ୍ନ ହୁଏ। ଯାହାର ଯେପରି ବୁଦ୍ଧି ସେ ସେହିପରି ଫଳ ପାଏ। ବୁଦ୍ଧି ପ୍ରକୃତି ବା ସ୍ୱଭାବର ଅଧୀନ। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଦେହର ଏହି ସ୍ୱଭାବକୁ ପରିବର୍ତ୍ତନ କରାଯାଇପାରେ। ପ୍ରକୃତି ଯେତେବେଳେ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣ ଯୁକ୍ତ, ସେତେବେଳେ ପ୍ରତ୍ୟେକ ମନୁଷ୍ୟ ଠାରେ ଶ୍ରଦ୍ଧା ମଧ୍ୟ ସେହିଭଳି ତିନି ପ୍ରକାର ହୁଏ।

# ହ୍ରାସ ପାଉଛି ଏଆଇର କ୍ରେଜ୍!

ଏଆଇ ଭବିଷ୍ୟତକୁ ଏକ ନୂଆ ରୂପ ଦେଇଛି ବୋଲି ବୋଧହୁଏ ଆମେମାନେ ଭାବୁଛନ୍ତି। କିନ୍ତୁ ଯେଉଁ ପିଢ଼ି ଏହା ସହିତ ବଡ଼ ହେବାର ଆଶା କରୁଛି ସେ ସମ୍ପୂର୍ଣ୍ଣ ଭାବରେ ଏଆଇକୁ ସ୍ୱୀକାର କରିପାରୁନାହିଁ। ବାସ୍ତବରେ ଅନେକ ଯୁବକ ଏକଥାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି କିମ୍ବା ବୋଧହୁଏ ସମ୍ପୂର୍ଣ୍ଣ ଭାବରେ ନିରାଶ ଅନୁଭବ କରୁଛନ୍ତି ଯେ ଏଆଇ କାରଣରୁ ପ୍ରତ୍ୟେକ ଜିନିଷ କେଉଁ ଦିଗ ଆଡ଼କୁ ଯାଉଛି। ଏକ ନୂଆ ରିପୋର୍ଟ ଅନୁସାରେ ଜେନ୍ ଜେଡ୍‌ର ଏଆଇ ସହିତ ଥିବା ସମ୍ପର୍କ ଜଟିଳ ହୋଇ ଚାଲିଛି। ଅନେକ ଏହା ମଧ୍ୟ ଚିନ୍ତା କରୁଛନ୍ତି ଯେ ଏହି ଟେକ୍ନୋଲୋଜି ସେମାନଙ୍କର କ୍ୟାରିୟର୍‌ର ସମ୍ଭାବନାକୁ କ୍ଷତି ପହଞ୍ଚାଇପାରେ। ସେମାନଙ୍କର ଚାକିରି ଅସୁବିଧାରେ ପଡ଼ିପାରେ। ଓ ଶିଖିବାର ପ୍ରକ୍ରିୟାକୁ ସହଜ କରିବା ପରିବର୍ତ୍ତେ ଆହୁରି ଜଟିଳ କରିଦେଇପାରେ। ନିକଟରେ ଏଆଇକୁ ନେଇ ହୋଇଥିବା ଅନୁଭବଗୁଡ଼ିକ ଉପରେ ଅଧ୍ୟୟନ କରାଯାଇଥିଲା ଯେଉଁଥିରେ ଯୁବପିଢ଼ିଙ୍କ ପରିବର୍ତ୍ତନକୁ ଏହା ଅଧିକ ହାଇଲାଇଟ୍ କରୁଛି। ଏକ ପିଢ଼ି ନୂଆ ଇନ୍ନୋଭେସନ୍‌କୁ ଆପଣାଇବାରେ ଅଧିକ ଆଗ୍ରହ ଦେଖଉଥିବା ବେଳେ ସେମାନଙ୍କର ପ୍ରତିକ୍ରିୟା



ଏହାଠାରୁ କେତେ ଅଧିକ ସତର୍କତାଭରା ରହିଛି। ଅନେକ ଯୁବକ ଯୁବତୀ ଏଆଇର ବ୍ୟବହାର ତ କରୁଛନ୍ତି କିନ୍ତୁ ଏହା ଉପରେ ସେମାନଙ୍କର ଭରସା ଲଗାତର ହ୍ରାସ ପାଉଛି। ଅଧ୍ୟୟନରେ ଭାଗ ନେଇଥିବା ୪୮ ପ୍ରତିଶତ ଜେନ୍ ଜେଡ୍‌ଙ୍କ କହିବା ଅନୁସାରେ କାର୍ଯ୍ୟସ୍ଥଳରେ ଏଆଇର ବ୍ୟବହାର ଯୋଗୁ ଲାଭ ଅପେକ୍ଷା କ୍ଷତି ଅଧିକ ହେଉଛି। ଏଥିପାଇଁ ଯୁବ ବର୍ଗଙ୍କ ମଧ୍ୟରେ ବିଗତ ଏକ ବର୍ଷ ହେଲାଣି ଏଆଇକୁ ନେଇ ଥିବା ଉତ୍ସାହ ୧୪ ପ୍ରତିଶତ କମ୍ ହେବାର ଦେଖିବାକୁ ମିଳିଛି। ଆଶାର ସ୍ତର ମଧ୍ୟ ନଅ ଅଙ୍କ ତଳକୁ ରହିଛି। ଏଆଇକୁ ନେଇ ସେମାନଙ୍କ ମଧ୍ୟରେ କ୍ରୋଧର ଭାବନା ଦିନକୁ ଦିନ ବୃଦ୍ଧି ପାଉଛି। ଏହାର ସ୍ତର ୨୨ ପ୍ରତିଶତରୁ ଯାଇ ୩୧ ପ୍ରତିଶତରେ ପହଞ୍ଚିଲାଣି। ଏଆଇ ହେଉଛି ଏପରି ଏକ ଇଣ୍ଡଷ୍ଟ୍ରି ଯାହା ଦୀର୍ଘ ସମୟ ହେଲାଣି ନୂଆ ଟେକ୍ନୋଲୋଜିକୁ ଆଗକୁ ବଢ଼େଇବା ଓ ପ୍ରସିଦ୍ଧ କରିବା ପାଇଁ ଯୁବ ବର୍ଗଙ୍କ ଉପରେ ନିର୍ଭର କରୁଥିବାରୁ ଏହି ପରିବର୍ତ୍ତନୀୟ ମିଜାଜ ଏକ ଚିନ୍ତାଜନକ ସ୍ଥିତି ଉତ୍ପନ୍ନ କରୁଛି।

# ପବିତ୍ର ଅକ୍ଷୟ ତୃତୀୟା

ପ୍ରତିବର୍ଷ ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳନ କରାଯାଏ ଅକ୍ଷୟ ତୃତୀୟା ପର୍ବ। ଔପଚାରିକ ଭାବରେ ସରକାରୀ ସ୍ତରରେ ଲୋକମାନେ କୃଷକ ଦିବସ ଭାବରେ ଦିନଟିକୁ ପାଳନ କରନ୍ତି। କୃଷକମାନେ ଏହି ଦିନଟିକୁ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରନ୍ତି। ଅକ୍ଷୟ ତୃତୀୟା ଦିନ ଅମୃତ ବେଳାରେ ଅକ୍ଷିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି। ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂରବୋଳା ଧାନ, ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ, ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଓ ଅନ୍ୟ ଏକ ନୂଆ ଟୋକେଇରେ ପିଠାନେଇ ହଳ, ଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ



ନୈବେଦ୍ୟକୁ ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରିରେ ବୁଣେ। ଏହାକୁ ଅକ୍ଷିମୁଠି କୁହାଯାଏ। ସଧବା ସ୍ତ୍ରୀମାନେ ଏହିଦିନ ଷଠିଦେବୀଙ୍କ ପୂଜା କରିଥାନ୍ତି। ସେପଟେ ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ରଥନିର୍ମାଣ କାମ ଆରମ୍ଭ ହୋଇଥାଏ। ଆଜି ଦ୍ୱାଦଶ ଶତାବ୍ଦୀର କବି ଜୟଦେବଙ୍କ ପବିତ୍ର ଜନ୍ମତିଥି। ମହାକାବ୍ୟ 'ଗୀତ ଗୋବିନ୍ଦ' ଓ 'ରତିମଞ୍ଜରୀ' ପାଇଁ ସେ ବେଶ୍ ଜଣାଶୁଣା। ଏଥିରେ ସେ ରାଧା-କୃଷ୍ଣଙ୍କର ଦିବ୍ୟ ପ୍ରେମର ବର୍ଣ୍ଣନା କରିଛନ୍ତି ଯାହା ଭାରତୀୟ ସଂସ୍କୃତି, ଓଡ଼ିଶୀ ନୃତ୍ୟ ଓ ଭକ୍ତି ସାହିତ୍ୟର ଅଭିନ୍ନ ଅଙ୍ଗ ଅଟେ। ସେ ବଙ୍ଗର ରାଜା ଲକ୍ଷ୍ମଣ ସେନ୍‌ଙ୍କ ଦରବାରୀ କବି (ପଞ୍ଚରତ୍ନଙ୍କ ମଧ୍ୟରୁ ଅନ୍ୟତମ) ଥିଲେ।

## ଜ୍ୟୋତିଷ ଶାସ୍ତ୍ରରେ ଅକ୍ଷୟ ସଂଯୋଗ

**ଚଳିତ ବର୍ଷ ଏହି ପର୍ବ ଅକ୍ଷୟ ସଂଯୋଗ ନେଇ ଆସିଛି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ଦିନ ସୂର୍ଯ୍ୟ ଏବଂ ଚନ୍ଦ୍ର ଉଭୟେ ଉଚ୍ଚ ରାଶିରେ ଅବସ୍ଥାନ କରୁଥିବାରୁ ଏହି ଶୁଭ ଯୋଗର ପ୍ରଭାବ ଦ୍ୱିଗୁଣିତ ହେବ। ଏଭଳି ସ୍ଥିତି ଯୋଗୁ କିଛି ରାଶି ପ୍ରଗତି, ଆର୍ଥିକ ଲାଭ ଓ ଖୁସିର ସୁଯୋଗ ପାଇବେ। ସକାରାତ୍ମକ ଶକ୍ତି ଓ ଶୁଭ ଫଳ ମିଳିବ। ଏହି ନିର୍ଦ୍ଦିଷ୍ଟ ଯୋଗ ବିଶେଷ ଭାବରେ କ୍ୟାରିୟର୍ ଏବଂ ପାରିବାରିକ ଜୀବନ ଉପରେ ବିଶେଷ ସକାରାତ୍ମକ ପ୍ରଭାବ ପକାଇବ। ବିଶେଷ କରି ତିନୋଟି ରାଶି ଉପରେ ଏହି ଦିନଟି ପରିବର୍ତ୍ତନ ଆଣିବ।**

**ମେଷ**-ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଦିନଟି ସକାରାତ୍ମକ ପରିବର୍ତ୍ତନ ଆଣିବ। ବୃତ୍ତିଗତ କ୍ଷେତ୍ରରେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରାଯିବ। ସହକର୍ମୀଙ୍କ ଠାରୁ ସମର୍ଥନ ପାଇବେ। ଆପଣଙ୍କର ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ କିନ୍ତୁ ଆର୍ଥିକ ସ୍ତରରେ ଆହ୍ୱାନର ସମ୍ମୁଖୀନ ହେବେ। କିନ୍ତୁ ସାଥିଙ୍କ ସହିତ ମିଶି ପରିସ୍ଥିତିକୁ ସମ୍ଭାଳିନେବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖିବା ମଧ୍ୟ ଜରୁରୀ।

**ତୁଳା**-ତୁଳା ରାଶିର ବ୍ୟକ୍ତିମାନଙ୍କୁ ଦିନଟି ଆଶ୍ୱସ୍ତି ଏବଂ ଖୁସିରେ ଭରିଦେବ। ଦୀର୍ଘ ସମୟରୁ ଚାଲିଥିବା ସମସ୍ୟା ହ୍ରାସ ପାଇବ। କାମ ସହଜରେ ପୂରା ହେବ। ସଫଳତାର ସ୍ପଷ୍ଟ ସଂକେତ ମିଳୁଛି। ପରିବାର ସହିତ ଜଡ଼ିତ କିଛି ଭଲ ଖବର ମିଳିପାରେ। ଆପଣ ନିଜ ଲୋକଙ୍କ ସହ ସମୟ ବିତେଇବେ। ପ୍ରିୟଜନଙ୍କ ସହିତ ବୁଲିବା ପାଇଁ ଯୋଜନା କରିପାରନ୍ତି।

**ଧନୁ**-ଏହି ରାଶିର ଲୋକଙ୍କ ପାଇଁ ସମୟ ଅନୁକୂଳ। ଅଳ୍ପ ପରିଶ୍ରମରେ ବି ସଫଳତା ପାଇବେ। ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥିଙ୍କ ଠାରୁ ସମର୍ଥନ ପାଇବେ ଯାହା ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବ। ଆର୍ଥିକ କ୍ଷେତ୍ରରେ ପ୍ରଗତି ସମ୍ଭବ ଓ ନୂଆ କାମ ଆରମ୍ଭ କରିବାର ଉତ୍ତମ ସମୟ।

**କାହିଁକି ଦିନଟି ଖାସ୍**-ସନାତମ ଧର୍ମରେ ଅକ୍ଷୟ ତୃତୀୟା ଦିନଟିକୁ ଶୁଭ ବୋଲି ବିବେଚନା କରାଯାଏ। ଅକ୍ଷୟ ଶବ୍ଦଟିର ଅର୍ଥ ଅକ୍ଷୁଣ୍ଣ ବା କେବେ ଶେଷ ହୁଏ ନାହିଁ। ଏହି ଦିନ କରାଯାଇଥିବା ଦାନ, ପୂଜା ଏବଂ ଶୁଭ କାର୍ଯ୍ୟରୁ ପ୍ରାପ୍ତ ପୁଣ୍ୟ ଅନନ୍ତ ଏବଂ ଏହା କେବେ କ୍ଷୟ ହୁଏ ନାହିଁ ବୋଲି ବିଶ୍ୱାସ କରାଯାଏ। ଏହି କାରଣରୁ ଏହି ଦିନ ଅନେକ ଶୁଭ କାମ କରାଯାଏ।

**କ'ଣ କରିବା ଉଚିତ**-ଅକ୍ଷୟ ତୃତୀୟା ଦିନ ଦାନ କର୍ମରେ ଲିପ୍ତ ରହିବା, ଧାର୍ମିକ ରୀତିନୀତିର ପାଳନ କରିବା, ପୂଜା ଅନୁଷ୍ଠାନାଦିର ଆୟୋଜନ କରିବା ଏବଂ ନୂତନ ପ୍ରୟାସ ଆରମ୍ଭ କରିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଏହି ଦିନ ଲୋକମାନେ ସୁନା, ରୁପା ଆଦି କିଣିଥାନ୍ତି, ନିବେଶ କରନ୍ତି ଏବଂ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ବିଶେଷ ଫଳପ୍ରଦ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହା ବ୍ୟତୀତ ନୂଆ ଲୁଣ, ଗୋଟା ଧଣିଆ କିମ୍ବା ତମ୍ବା ପାତ୍ର କିଣିଲେ ଘରକୁ ସକାରାତ୍ମକ ଶକ୍ତିର ଆଗମନ ହୁଏ।

**ପୌରାଣିକ ମାନ୍ୟତା**-ଅକ୍ଷୟ ତୃତୀୟା ଦିନ ସତ୍ୟଯୁଗର ଆରମ୍ଭ ହୋଇଥିଲା ଓ ଭଗବାନ ବିଷ୍ଣୁ ନର-ନାରାୟଣ, ହୟଗ୍ରୀବ ଓ ପର୍ଶୁରାମ ଅବତାର ଗ୍ରହଣ କରିଥିବାର ମାନ୍ୟତା ମଧ୍ୟ ରହିଛି।

# ଐତିହାସିକ ଚନ୍ଦନ ଯାତ୍ରା

ଉତ୍ସବପ୍ରିୟ କାଳିଆ ଠାକୁରଙ୍କ ପାଇଁ ଶ୍ରୀମନ୍ଦିରରେ ବର୍ଷସାରା ପାଳନ କରାଯାଏ ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରା। ଏଥିମଧ୍ୟରୁ ସ୍ନାନଯାତ୍ରା, ଗୁଣ୍ଡିଚା ଯାତ୍ରା, ମକର ସଂକ୍ରାନ୍ତି, ଦୋଳ ଉତ୍ସବ, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଅନ୍ୟତମ। ଦେଶର ହଜାର ହଜାର ମନ୍ଦିରରେ ଗରମ ଦିନେ ଆଲଟ ପଡୁଥିବା ବେଳେ ଶ୍ରୀମନ୍ଦିରରେ ଠାକୁର ଚନ୍ଦନ ଲାଗି ହୁଅନ୍ତି ଯାହା ଦୈବପର୍ବ ଭାବରେ ଓଡ଼ିଶାରେ ପ୍ରସିଦ୍ଧ। ତେବେ ଅଧିକ ଦିନ ଧରି ଶ୍ରୀମନ୍ଦିରରେ ପାଳନ ହେଉଥିବା ଯାତ୍ରା ହେଉଛି ଚନ୍ଦନ ଯାତ୍ରା। ପୁରୀ ଠାରେ ଏହି ପର୍ବକୁ ମହାଆଡ଼ମ୍ବରରେ ପାଳନ କରାଯାଏ। ପୁରୀ ବ୍ୟତୀତ ଅନ୍ୟ ବୈଷ୍ଣବ ପୀଠଗୁଡ଼ିକରେ ବିଶେଷ କରି ରାଜା, ମହାରାଜାମାନଙ୍କ ଗଡ଼ରେ ଥିବା ପୋଖରୀଗୁଡ଼ିକରେ ଅନୁଷ୍ଠିତ ହୁଏ ଚନ୍ଦନ ଯାତ୍ରା। କେତେକ ସ୍ଥାନରେ ଚନ୍ଦନ ଯାତ୍ରା ସମାପ୍ତ ହେବା ପରେ ପୁଣି ଥରେ ଏହି ଯାତ୍ରା ଆରମ୍ଭ ହେବାର ଦେଖିବାକୁ ମିଳେ ଯାହାକୁ ଓଲଟ ଚନ୍ଦନ ଯାତ୍ରା ବୋଲି କୁହାଯାଏ। ଚନ୍ଦନ ଯାତ୍ରା ସମୟରେ କେତେକ ସ୍ଥାନରେ ପାଲା, ଲୋକନୃତ୍ୟ, ଯାତ୍ରା ଆଦି ପରିବେଷଣ ହେବାର ଦେଖିବାକୁ ମିଳେ।



ଚନ୍ଦନ ଯାତ୍ରାର ଆରମ୍ଭ- ଏହି ଯାତ୍ରାର ପରମ୍ପରା ପୁରୀ ଠାରେ କେବେ ଆରମ୍ଭ ହୋଇଥିଲା ତାହାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। କିନ୍ତୁ କବିରାଜ ଜୟଦେବଙ୍କ 'ଗୀତଗୋବିନ୍ଦ' ରଚନା ସମୟରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିବାର ଅନୁମାନ କରାଯାଏ। ତେବେ ଶ୍ରୀମଦ୍ ଭଗବଦ୍ ଗୀତା ଓ ଏହି କାବ୍ୟରେ ବର୍ଣ୍ଣିତ ଶ୍ରୀରାଧା-କୃଷ୍ଣଙ୍କର ରାସଲୀଳା ଓ ଜଳକେଳି ଲୀଳା ହେଉଛି ଚନ୍ଦନ ଯାତ୍ରାର ମୂଳ କାରଣ। ବାହାର ଚନ୍ଦନ ଯାତ୍ରା-ଶ୍ରୀମନ୍ଦିରର ଦକ୍ଷିଣଘରୁ ଅଷ୍ଟଧାତୁରେ ନିର୍ମିତ ମଦନମୋହନ, କୃଷ୍ଣ ଓ ରାମ (ବଳରାମ)ଙ୍କ ଚଳନ୍ତି ପ୍ରତିମା ଓ ରତ୍ନସିଂହାସନ ଉପରୁ ଦୁଇଟି ଚଳନ୍ତି ପ୍ରତିମା ମା' ଲକ୍ଷ୍ମୀଙ୍କର ସୁବର୍ଣ୍ଣ ପ୍ରତିମା ଓ ଦେବୀ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା ବାହାର ଚନ୍ଦନ ଯାତ୍ରାରେ ଭାଗ ନିଅନ୍ତି। ଏହି ଯାତ୍ରାର ପଟୁଆରରେ ସମୁଦାୟ ଦଶଟି ଚଳନ୍ତି ପ୍ରତିମା ଯଥାକ୍ରମେ ବିମାନ ଓ ପାଲିଙ୍କିରେ ବସି ବିଜେ କରନ୍ତି। ପ୍ରଥମ ବିମାନରେ ବିଜେ କରନ୍ତି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବା ସରସ୍ୱତୀ। ପଛ ପାଲିଙ୍କିରେ ବିଜେ କରନ୍ତି ବଳରାମ ଓ କୃଷ୍ଣ। ଅନ୍ୟ ପାଞ୍ଚଟି ବିମାନରେ ବିଜେ କରନ୍ତି ପଞ୍ଚୁପାଣ୍ଡବ- ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଓ ଶ୍ରୀକପାଳମୋଚନ। ନରେନ୍ଦ୍ର ପୁଷ୍କରିଣୀରେ ଦୁଇଟି ନୌକା ଯୋଡ଼ାଯାଇ ଦୁଇଟି ଚାପ ପ୍ରସ୍ତୁତ ହୋଇ ରହିଥାଏ। ଏହି ଚାପ ଦୁଇଟି ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ବୁଲିଆସନ୍ତି। ଏହାପରେ ପ୍ରସ୍ତୁତ ତିନି କୁଣ୍ଡରେ ଚନ୍ଦନ, କର୍ପୂର ଓ ବିଭିନ୍ନ ଫୁଲରେ ସୁବାସିତ ଜଳ ପ୍ରସ୍ତୁତ ହୋଇ ରହିଥାଏ ଯେଉଁଥିରେ ଚଳନ୍ତି ପ୍ରତିମାମାନେ ବୁଡ଼ ପକାଇବାର ପରମ୍ପରା ରହିଛି। ବାହାର ଚନ୍ଦନ ଯାତ୍ରା ପରେ ମନ୍ଦିର ଭିତରେ ୨୧ ଦିନ ଧରି ଭିତର ଚନ୍ଦନ ଯାତ୍ରାରେ ଆଲଟ ଲାଗି ଓ ଚନ୍ଦନ ଲାଗି ନୀତି ସମ୍ପନ୍ନ ହୁଏ।

# ପୁରୁଣା ରହସ୍ୟର ସମାଧାନ

ପଶ୍ଚିମୀ ପୋଲାଣ୍ଡର ଗ୍ରିଫିନୋ ସହର ପାର୍ଶ୍ୱରେ ସ୍ଥିତ ନୋୱେ ଜାରନୋୱ୍‌ରେ ରହିଛି ପାଖାପାଖି ୪୦୦ ଚିଡ୍ ଗଛ ଯେଉଁଗୁଡ଼ିକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚିତ। ଏହି ଗଛଗୁଡ଼ିକ ଭୂମିରୁ ୯୦ ଡିଗ୍ରୀ ମୋଡ଼ିହୋଇ ଇଂରାଜୀ 'ଜେ' ଆକାରରେ ବୃଦ୍ଧି ପାଇଛନ୍ତି। ୧୯୩୦ ପାଖାପାଖି ଏହି ଗଛଗୁଡ଼ିକୁ ଲଗାଯାଇଥିଲା କିନ୍ତୁ ଏଗୁଡ଼ିକର ଗଠନ ଏତେ ଅଜବ ପ୍ରକାରର ଯେ ଏହା ଆଜି ବି ରହସ୍ୟ ହୋଇ ରହିଛି ବୈଜ୍ଞାନିକମାନଙ୍କ ପାଇଁ। ଲୋକମାନେ କିନ୍ତୁ ଏହାକୁ ମାନବୀୟ ଶିଳ୍ପକାରୀର ଫଳାଫଳ ବୋଲି କହନ୍ତି। କିନ୍ତୁ ବୈଜ୍ଞାନିକମାନେ ଏହା ପଛରେ ଥିବା ତର୍କ ବାହାର କରିଛନ୍ତି। ସେମାନଙ୍କ ଅନୁସାରେ ଗଛଗୁଡ଼ିକ ଛୋଟ ଥିବାବେଳେ ଜାଣିଶୁଣି ଏଗୁଡ଼ିକୁ ଆକାର ଦିଆଯାଇଛି। ବନପାଳକମାନେ ଗଛଗୁଡ଼ିକୁ ତଳେ ଦବି ହୋଇ ରହିବା ପାଇଁ ଖୁଣ୍ଟି, ଭାର କିମ୍ବା ଫ୍ରେମ୍‌ର ବ୍ୟବହାର କରିଥିବେ ଯେଉଁ କାରଣରୁ ଗଛଗୁଡ଼ିକ ଏହି ଆକାର ନେଇ ପ୍ରାକୃତିକ ଭାବରେ ଆକାଶ ଆଡ଼କୁ ମୋଡ଼ି ହୋଇ ରହିଛନ୍ତି। ଅଧ୍ୟୟନକାରୀମାନେ ଜଙ୍ଗଲର ଆକାରକୁ ହିମପାତ ବା ଯୁଦ୍ଧକାଳୀନ ଟ୍ୟାଙ୍କଗୁଡ଼ିକ ସହିତ ଯୋଡ଼ିବାର ସିଦ୍ଧାନ୍ତଗୁଡ଼ିକୁ ଖାରଜ କରିଛନ୍ତି। ପ୍ରାକୃତିକ ଶକ୍ତିଗୁଡ଼ିକ ସାଧାରଣତଃ ଅନିୟମିତ ଗଛ ସୃଷ୍ଟି କରିଥାନ୍ତି କିନ୍ତୁ କ୍ରୁକେଡ୍ ଫରେଷ୍ଟର ଗଛଗୁଡ଼ିକ ପୂରା କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଭାବରେ ଗୋଟିଏ ଦିଗକୁ ମୋଡ଼ି ହୋଇ ରହିଛନ୍ତି।



ଚିଡ୍ ଗଛର ପ୍ରମୁଖ ବିଶେଷତା

- ବର୍ଷସାରା ଗଛଗୁଡ଼ିକ ସବୁଜ ହୋଇ ରହିଥାନ୍ତି ଓ ଏହାର ଆକାର ଶଙ୍କ୍ୱାକାର ପରି ହୋଇଥାଏ।
- ଏହାର ପତ୍ରଗୁଡ଼ିକ ପତଳା ଛୁଞ୍ଚି ସମାନ ହୋଇଥାନ୍ତି ଯେଉଁ କାରଣରୁ ଥଣ୍ଡା ଓ ଶୁଷ୍କ ଜଳବାୟୁରେ ଆର୍ଦ୍ରତା ବଜାୟ ରଖିବାରେ ଏମାନଙ୍କୁ ସାହାଯ୍ୟ ମିଳିଯାଏ।
- ମୁଖ୍ୟତଃ ଉତ୍ତର ଗୋଲାର୍ଦ୍ଧ, ହିମାଳୟର ଥଣ୍ଡା ଅଞ୍ଚଳ, ଉତ୍ତର ଆମେରିକା ଓ ୟୁରୋପ୍‌ରେ ଏହି ଗଛଗୁଡ଼ିକ ଦେଖିବାକୁ ମିଳନ୍ତି।
- ଚିଡ୍ ଗଛ ୧୦୦-୧୦୦୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। ଏହାର କାଠଗୁଡ଼ିକ ହାଲୁକା ଓ ନରମ ଯେଉଁଗୁଡ଼ିକୁ ଫର୍ଣ୍ଣିଚର, କାଗଜ ଓ ନିର୍ମାଣ କାମ ପାଇଁ ଉପଯୋଗ କରାଯାଏ।

# ଦମ୍‌ଦାର ସ୍ୱର ପାଇଁ ଚର୍ଚ୍ଚାରେ ଶିଖା

ଏ ସମୟରେ ସୋସିଆଲ୍ ମିଡିଆରେ କମେଡିଆନ୍ ସୁଦେଶ ଲେହରୀଙ୍କ ଝିଅ ଶିଖା ଲେହରୀ ଖୁବ୍ ଚର୍ଚ୍ଚା ସାଉଁଟୁଛନ୍ତି। ଗତ ବର୍ଷର ଶୋ' 'ଲାଫ୍ଟର ଶେଫ୍ସ'ରେ ସୁଦେଶଙ୍କ ଝିଅ ଶିଖା ଓ ପୁଅ ନଜର ଆସିଥିଲେ ଯେଉଁମାନଙ୍କର ଏକ ଭିଡିଓ ଖୁବ୍ ଭାଇରାଲ୍ ହେଉଛି। ଦୁଇ ଜଣ ପିଲାଙ୍କ ସହିତ ଖୁବ୍ ମସ୍ତି କରୁଛନ୍ତି ସୁଦେଶ। ଶୋ'ରେ ଭାରତୀ ସିଂହ ତାଙ୍କ ପିଲାମାନଙ୍କୁ ନେଇ ଆସିଥିବା କଥା କହିବା ବେଳେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସୁଦେଶ। ଏହି ଶୋ'ରେ ଶିଖାଙ୍କର ସ୍ୱର ଶୁଣିବା ପରେ ସମସ୍ତଙ୍କର ଯେପରି ହୋସ୍ ଉଡ଼ିଯାଇଥିଲା। ଶିଖା ତାଙ୍କର ସୁନ୍ଦର ସ୍ୱରରେ 'କମଲୀ' ଗୀତ ଗାଇ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ତେବେ ଏହି ଭାଇରାଲ୍ ଭିଡିଓ ଉପରେ ତାଙ୍କର ପ୍ରଶଂସକମାନେ ପ୍ରଶଂସା କରିବା ସହିତ ବିଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ଏହା ବ୍ୟତୀତ ତାଙ୍କୁ ନିଜର ଆଲବମ୍ ବାହାର କରିବା ନେଇ ପରାମର୍ଶ ଦିଆଯାଉଛି। ଶିଖାଙ୍କ ପିତା ସୁଦେଶ ଲେହରୀ ଜଣେ ପ୍ରସିଦ୍ଧ କମେଡିଆନ୍ ଓ ଆକ୍ଟର ହେବା ସହିତ ଜଣେ ଗାୟକ। ଅନେକ ଶୋ'ରେ ତାଙ୍କର ସ୍ୱରର ଯାଦୁ ଦେଖିବାକୁ ମିଳିଛି। 'ଦି ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' ଶୋ'ରୁ ସୁଦେଶ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ ମଧ୍ୟ 'କମେଡି ସର୍କସ୍' ଓ 'କମେଡି କ୍ଲାସେସ୍'ରୁ ତାଙ୍କୁ ପରିଚୟ ମିଳିଥିଲା। ଏହା ବ୍ୟତୀତ ଟୋଟାଲ୍ ଧମାଲ୍, ମୁନ୍ନା ମାଇକେଲ୍, ଗ୍ରେଟ୍ ଗ୍ରାଣ୍ଡ ମସ୍ତି ପରି ଫିଲ୍ମଗୁଡ଼ିକରେ ସେ ନଜର ଆସିଥିଲେ। ଶିଖା ଲେହରୀ- ଶିଖା ଜଣେ ଗାୟିକା ଓ ମ୍ୟୁଜିସିଆନ୍। ସେ ହିନ୍ଦୀ ଗୀତଗୁଡ଼ିକର କଭର୍‌କୁ ନିଜ ସ୍ୱରରେ ଗାଆନ୍ତି। ଶିଖାଙ୍କ ସ୍ୱରରେ ରହିଛି ଖାସ୍ ସୋଲଫୁଲ୍ ବା ଭାବପୂର୍ଣ୍ଣ କ୍ୱାଲିଟି। ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି ଯେଉଁଥିରେ ଗୀତଗୁଡ଼ିକର ଭିଡିଓ୍ ସେ ଅପ୍‌ଲୋଡ୍ କରନ୍ତି। ଏହା ସହିତ ଡେଲି ବ୍ଲଗ୍ ବି ସେୟାର୍ କରନ୍ତି। ଇନ୍‌ଷ୍ଟାଗ୍ରାମରେ ଖୁବ୍ ସକ୍ରିୟ ରହୁଥିବା ଶିଖାଙ୍କର ନିକଟରେ ୧୦୦କେ ଫଲୋଅର୍ସ ହୋଇଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ତାଙ୍କର ୨୨୯କେ ସବ୍ସକ୍ରାଇବର୍ସ ଅଛନ୍ତି।







**ଆଜିର ମ୍ୟାଚ୍**

ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଅହମଦାବାଦ

### ରିଙ୍କୁ ସିଂହଙ୍କ ଅପରାଜିତ ଅର୍ଦ୍ଧଶତକ, ବରୁଣ-କାର୍ତ୍ତିକଙ୍କୁ ୩-୩ ୱିକେଟ୍

# ସିଜନ୍‌ରେ କୋଲ୍‌କାତାର ପ୍ରଥମ ବିଜୟ

**କୋଲ୍‌କାତା,୧୯।୪/ଏଜେନ୍ସି:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଚଳିତ ଆଇପିଏଲ୍ ସିଜନ୍‌ରେ ପ୍ରଥମ ବିଜୟ ହାସଲ କରିଛନ୍ତି। ରବିବାର ଅପରାହ୍ଣ ସାଢ଼େ ତିନିଟା ବେଳେ ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ରାଜସ୍ଥାନ ରୟାଲ୍ସକୁ ୪ ୱିକେଟ୍‌ରେ ହରାଇ ଦେଇଛି। ଇଡେନ୍ ଗାର୍ଡେନ୍ସରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ୯ ୱିକେଟ୍ ହରାଇ ୧୫୫

### ରାଜସ୍ଥାନ ରୟାଲ୍ସକୁ ୪ ୱିକେଟ୍‌ରେ ହରାଇଲା



ରନ୍ କରିଥିଲା। ଜବାବରେ ୧୯,୪ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି। ଟିମ୍‌ର ବିଜୟରେ ରିଙ୍କୁ ସିଂହ ଅପରାଜିତ ୫୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଛନ୍ତି। ରାଜସ୍ଥାନ ରୟାଲ୍ସର ଏହା ଲଗାତାର ଦ୍ୱିତୀୟ ପରାଜୟ ଏବଂ ଟିମ୍ ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କୋଲ୍‌କାତା ପ୍ରଥମ ବିଜୟ ସହ ନବମ ସ୍ଥାନରେ ପହଞ୍ଚିଛି। ୩ଟି ୱିକେଟ୍ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

ଲକ୍ଷ୍ୟର ପିଛା କରୁଥିବା କୋଲ୍‌କାତାର ଆରମ୍ଭ ବହୁ ଖରାପ ଥିଲା। ଦୁଇ ଓପ୍ନର୍ ଟିମ୍ ଶେଫର୍ଡ ଏବଂ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ଜୋଫ୍ରା ଆର୍ଚର୍ ଓ ନାନ୍ଦ୍ରେ ବର୍ଗର୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏପରିକି ଟିମ୍ ୮୫ ରନ୍‌ରେ ୬ ୱିକେଟ୍ ହରାଇଥିଲା। ଅଙ୍ଗକୃଷ ରଘୁବଂଶୀ ୧୦, କାମେରନ୍ ଗ୍ରୀନ୍ ୨୭, ରୋଭ୍‌ମାନ୍ ପାଓ୍ୱେଲ୍ ୨୩ ଏବଂ ରମଣଦୀପ୍ ସିଂହ ୧୦ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଏହାପରେ ରିଙ୍କୁ ସିଂହ ଇନିଂସ୍ ସମ୍ଭାଳି ଅନୁକୂଳ ରାୟଙ୍କ ସହ ଅବିଭାଜିତ ୬ଷ୍ଠ ୱିକେଟ୍ ପାଇଁ ୭୬ ରନ୍ ଯୋଡ଼ି ଟିମ୍‌କୁ ପ୍ରଥମ ବିଜୟ ଦେଇଥିଲେ। ରିଙ୍କୁ ୩୪ ବଲ୍‌ରେ ୫ ଚୌକା ଓ ଦୁଇ ଛକା ସହାୟତାରେ ୫୩ ଏବଂ ଅନୁକୂଳ ୧୬ ବଲ୍‌ରେ ଗୋଟିଏ ଚୌକା ଏବଂ ଦୁଇଟି ଛକା ବଳରେ ୨୯ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ରାଜସ୍ଥାନୟ ରୟାଲ୍ସ ପକ୍ଷରୁ ଇନିଂସ୍ ଓପନ୍ କରି ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ୍ ପ୍ରଥମ ୱିକେଟ୍ ପାଇଁ ୮୧ ରନ୍ ଯୋଡ଼ିଥିଲେ। ବୈଭବ ୨୮ ବଲ୍‌ରେ ୬ ଚୌକା ଓ ଦୁଇ ଛକା ସହାୟତାରେ ସର୍ବାଧିକ ୪୬ ରନ୍ କରି ଆଉଟ୍ ହୋଇଥିଲେ। ଯଶସ୍ୱୀ ୨୯ ବଲ୍‌ରେ ୪ ଚୌକା ଓ ଦୁଇ ଛକା ବଳରେ ୩୯ ରନ୍ କରିଥିଲେ। ଦୁହିଁଙ୍କ ଆଉଟ୍ ପରେ ଟିମ୍‌ର ରନ୍ ସଂଗ୍ରହ ଗତି ହ୍ରାସ ପାଇଥିଲା। ଶିମ୍‌ରୋନ୍ ହେଟ୍‌ମାୟର୍ ୧୫ ଏବଂ କ୍ୟାପ୍‌ଟେନ୍ ରିୟାନ୍ ପରାଗ ୧୨ ରନ୍ କରିଥିଲେ। ବାକି ପାଞ୍ଚ ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। କୋଲ୍‌କାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ କାର୍ତ୍ତିକ ତ୍ୟାଗୀ ୩-୩ ୱିକେଟ୍ ଅକ୍ତିଆର କରିଥିବା ବେଳେ ସୁନିଲ୍ ନାରାୟଣଙ୍କୁ ଦୁଇଟି ସଫଳତା ମିଳିଥିଲା।

# ପଞ୍ଚମ ବିଜୟ ସହ ଶୀର୍ଷରେ ପଞ୍ଜାବ

**ନ୍ୟୁ ଚଣ୍ଡିଗଡ଼,୧୯।୪/ଏଜେନ୍ସି:** ପଞ୍ଜାବ କିଙ୍ଗ୍‌ସ ଚଳିତ ଆଇପିଏଲ୍ ସିଜନ୍‌ରେ ପଞ୍ଚମ ବିଜୟ ହାସଲ କରିଛି। ରବିବାର ଟିମ୍ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ୫୪ ରନ୍‌ରେ ହରାଇ ଦେଇଛି। ମୁଲ୍ଲାନପୁରର ମହାରାଜା ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ ପ୍ରଥମେ ବ୍ୟାଟିଂ ନେଇ ୭ ୱିକେଟ୍ ହରାଇ ସିଜନ୍‌ର ସର୍ବଶ୍ରେଷ୍ଠ ସ୍କୋର୍ ୨୫୪ ରନ୍ କରିଥିଲା। ଏହା ସହ ପଞ୍ଜାବ ୬ ମ୍ୟାଚରୁ ୧୧ ପଏଣ୍ଟ ନେଇ ଟେବଲ୍ ଶୀର୍ଷକୁ ଉଠିଛି। କେକେଆର୍ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଥିଲା।

### ଲକ୍ଷ୍ନୌକୁ ୫ ୱିକେଟ୍‌ରେ ହରାଇଲା

### ପ୍ରିୟାଂଶଙ୍କ ୯୩, ମାର୍ଶଙ୍କ ୮୭ ରନ୍



୨୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ୧ ୱିକେଟ୍ ବିନିମୟରେ ୧୦ ଓଭର୍‌ରେ ୧୦୦ ରନ୍ କରିଥିଲା। ତେବେ ଏହାପରେ ଲଗାତାର ୱିକେଟ୍ ହରାଇଥିଲା। କୌଣସି ବ୍ୟାଟର୍ ଅର୍ଦ୍ଧଶତକ ମଧ୍ୟ କରିପାରି ନଥିଲେ। କ୍ୟାପ୍‌ଟେନ୍ ଋଷଭ ପନ୍ତ ସର୍ବାଧିକ ୪୩ ରନ୍ କରିଥିଲେ। ଏଡେନ୍ ମାର୍କରମ୍ ୪୨ ଏବଂ ମିଚେଲ୍ ମାର୍ଶ ୪୦ ରନ୍‌ର ଯୋଗଦାନ ଦେଇଥିଲେ। ଆୟୁଷ ବଡ଼ୋନୀ ୩୫ ରନ୍ କରିଥିଲେ। ମୁକୁଲ୍ ଚୌଧୁରୀ ୨୧ ରନ୍‌ରେ ଅପରାଜିତ ଫେରିଥିଲେ। ପଞ୍ଜାବ ପକ୍ଷରୁ ମାର୍କୋ ଜାନ୍‌ସେନ୍ ୨ଟି ୱିକେଟ୍ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ୩ ରନ୍‌ର ସ୍କୋର୍‌ରେ ପ୍ରଭସିମ୍‌ରନ୍ ସିଂହ (୦)ଙ୍କୁ ହରାଇଥିଲା। ତେବେ ଏହାପରେ ପ୍ରିୟାଂଶ ଆର୍ଯ୍ୟ ଓ କୁପର୍ କୋନୋଲି ଛକା-ଚୌକା ବର୍ଷା କରି ୮୦ ବଲ୍‌ରେ ୧୮୨ ରନ୍‌ର ପାର୍ଟନରଶିପ୍ କରିଥିଲେ। କୋନୋଲି ୪୬ ବଲ୍‌ରେ ୮ ଚୌକା ଓ ୭ ଛକା ବଳରେ ୮୭ କରିଥିଲେ। ପ୍ରିୟାଂଶ ୩୭ ବଲ୍‌ରେ ୪ ଚୌକା ଓ ୯ ଛକା ସହାୟତାରେ ୯୩ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ମାର୍କସ୍ ଷ୍ଟୋଇନିସ୍‌ଙ୍କ ୨୯, ନେହାଲ୍ ୱାଧେରାଙ୍କ ୧୩ ଓ ଶଶାଙ୍କ ସିଂହଙ୍କ ୧୭ ରନ୍ ଦମ୍‌ରେ ପଞ୍ଜାବ ୭ ୱିକେଟ୍ ହରାଇ ୨୫୪ ରନ୍ କରିଥିଲା। ଲକ୍ଷ୍ନୌ ପକ୍ଷରୁ ପ୍ରିନ୍ସ ଯାଦବ ଓ ମଣିମାରାନ୍ ସିଦ୍ଧାର୍ଥ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

# ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି

### ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିବେ ମୁଖ୍ୟ ଚୟନକର୍ତ୍ତା

**ମୁମ୍ବାଇ,୧୯।୪/ଏଜେନ୍ସି:** ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛି। ଏବେ ସେ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ପଦରେ ରହିବେ। ବୋର୍ଡର ଜଣେ ଅଧିକାରୀ ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇକୁ କହିଛନ୍ତି, ଅଗରକରଙ୍କ କାର୍ଯ୍ୟକାଳ ଆଗକୁ ବଢ଼ାଯାଇଛି, ସମ୍ପ୍ରସାରଣ ନୁହେଁ। ସେ ନିଜ ପ୍ରଦର୍ଶନ ଆଧାରରେ ଚତୁର୍ଥ ବର୍ଷ ପାଇଁ ପଦରେ ବାଜୟ ରହିବେ। ଏହା ପୂର୍ବରୁ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ଅଗକର ନିଜ କାର୍ଯ୍ୟକାଳ ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ବିସିସିଆଇ ନିକଟରେ ଦାବି କରିଥିଲେ।



ବୋର୍ଡ ୨୦୨୩ରେ ଅଗକରଙ୍କୁ ଦୁଇବର୍ଷ ପାଇଁ ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତ କରିଥିଲା। ୨୦୨୫ରେ ତାଙ୍କୁ ପ୍ରଥମେ ଏକବର୍ଷର ସମ୍ପ୍ରସାର ମିଳିଥିଲା। ଏବେ ତାଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ନବୀକରଣ କରାଯାଇଛି। ଫଳରେ ଅଗରକର ମୋଟ ଚାରିବର୍ଷ ପାଇଁ ମୁଖ୍ୟ ଚୟନକର୍ତ୍ତା ରହିବେ। ଅଜିତ ଅଗକରଙ୍କ କାର୍ଯ୍ୟକାଳ ବହୁ ସଫଳ ରହିଛି। ୨୦୨୩ ଅକ୍ଟୋବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ତାଙ୍କ ଦ୍ୱାରା ଚୟନ କରାଯାଇଥିବା ଭାରତୀୟ ଟିମ୍ ଚାରି ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏହା ମଧ୍ୟରୁ ଭାରତ ତିନିଟି ଟାଇଟଲ୍ ନିଜ ନାମରେ କରିଛି। ୨୦୨୪ ଏବଂ ୨୦୨୬ରେ ଦୁଇଟି ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି। ଏହା ବ୍ୟତୀତ ଟିମ୍ ଇଣ୍ଡିଆ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଥିଲା, ତେବେ ଟିମ୍‌କୁ ଅଷ୍ଟ୍ରେଲିଆ ଠାରୁ ପରାଜିତ ହେବାକୁ ପଡ଼ିଥିଲା। ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି କେତେକ କଠୋର ଏବଂ ବଡ଼ ନିଷ୍ପତ୍ତି ମଧ୍ୟ ନେଇଛି। ଏଥିରେ ସବୁଠୁ ପ୍ରମୁଖ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ପ୍ରକ୍ରିୟାକୁ ସମ୍ଭାଳିବା ଏବଂ ସିନିୟର୍ ଫାଷ୍ଟ ବୋଲର୍ ମହମ୍ମଦ ଶାମୀଙ୍କୁ ଧୀରେ ଧୀରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବାହାର କରିବା ଥିଲା। ସେହିପରି ୨୦୨୬ ଟି-୨୦ ବିଶ୍ୱକପ୍ ଟିମ୍‌ର ଟେଷ୍ଟ କ୍ୟାପ୍‌ଟେନ୍ ଶୁଭମନ ଗିଲ୍‌ଙ୍କୁ ବାହାର କରି ତାଙ୍କ ସ୍ଥାନରେ ଈଶାନ୍ କିଶନ୍‌ଙ୍କ ପରି ଇନ୍-ଫର୍ମ ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ବଡ଼ ନିଷ୍ପତ୍ତି ମଧ୍ୟ ନେଇଛି।

### ଉତ୍ପୀଡ଼ନ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ

# କୋଚ୍ ନଭଲ୍ ସିଂହଙ୍କୁ ବରଖାସ୍ତ କଲା ପିସିଆଇ

**ନୂଆଦିଲ୍ଲୀ,୧୯।୪/ଏଜେନ୍ସି:** ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ଉତ୍ପୀଡ଼ନ ଅଭିଯୋଗ ପରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା କୋଚ୍ ନଭଲ୍ ସିଂହଙ୍କୁ ପଦରୁ ବରଖାସ୍ତ କରିଛି। ପିସିଆଇ ଅଧ୍ୟକ୍ଷ ଦେବେନ୍ଦ୍ର ଝାଝାରିଆ ରବିବାର ଏହି ନିଷ୍ପତ୍ତି ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଦୁଇ ଥରର ପାରାଲିମ୍ପିକ୍ ପଦକ ବିଜେତା ସୁମିତ୍ ଅନ୍ତିଲ୍ କୋଚ୍ ନଭଲ୍ ସିଂହଙ୍କ ବିରୋଧରେ ମାନସିକ ଉତ୍ପୀଡ଼ନ ଏବଂ ଅଭଦ୍ର ଭାଷା ପ୍ରୟୋଗର ଅଭିଯୋଗ ଆଣିଥିଲେ। ଏହି ମାମଲାରେ ସେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ନିକଟରେ ଔପଚାରିକ ଅଭିଯୋଗ ମଧ୍ୟ କରିଥିଲେ। ଏହି ପ୍ରସଙ୍ଗରେ ସୁମିତ୍‌ଙ୍କୁ ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରାଙ୍କ ସମର୍ଥ ମଧ୍ୟ ମିଳିଥିଲା। ଅଭିଯୋଗ ପତ୍ରରେ ଦେଶର କେତେକ ଶୀର୍ଷ ଆଥ୍‌ଲେଟ୍ ମଧ୍ୟ ହସ୍ତାକ୍ଷର କରିଥିଲେ।



ଏଥିରେ କୋଚ୍‌ଙ୍କ ବିରୋଧରେ ବାରମ୍ବାର ଅପମାନଜନକ ଭାଷା ଏବଂ ମାନସିକ ଚାପ ସୃଷ୍ଟିର ଆରୋପ ଲଗାଇଥିଲେ। ଏପ୍ରିଲ୍ ୧୦ ତାରିଖରେ ସାଇକୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ସେ ପ୍ରଥମେ ଏହି ପ୍ରସଙ୍ଗରେ ସାଇ ଅଧିକାରୀଙ୍କ ସହିତ ସୁମିତ ଆଲୋଚନା କରିଥିଲେ, ଯେଉଁଠି ଦୁଇ ପକ୍ଷଙ୍କ ମଧ୍ୟରେ ବୁଝାମଣା ପାଇଁ ଉଦ୍ୟମ ମଧ୍ୟ କରାଯାଇଥିଲା। କିନ୍ତୁ ସୁମିତ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅଲିମ୍ପିକ୍ ପଦକ ବିଜେତା ପହେଲମାନ ବଜରଙ୍ଗ ପୁନିଆ ମଧ୍ୟ ନଓ୍ୱଲ୍ ସିଂହଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ତୁରନ୍ତ ଏବଂ ନିରପେକ୍ଷ ଯାଞ୍ଚର ଦାବି କରିଥିଲେ।ନଭଲ୍ ସିଂହଙ୍କୁ ଗତବର୍ଷ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ଭାରତୀୟ ଜାଭେଲିନ୍ ଥ୍ରୋ ଆଥ୍‌ଲେଟ୍‌ଙ୍କୁ ଟ୍ରେନିଂ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାତ୍ର ଲଗାତାର ଅଭିଯୋଗ ପରେ ପିସିଆଇ ବୋର୍ଡ ତାଙ୍କୁ ତତ୍କାଳ ପ୍ରଭାବରେ ବରଖାସ୍ତ କରିବାକୁ ନିର୍ଣ୍ଣୟ ନେଇଛି।

# ଶହେ ଟି-୨୦ ଅନ୍ତର୍ଜାତୀୟରେ ଶେଫାଳୀ ସର୍ବକନିଷ୍ଠ ଭାରତୀୟ

**ଡର୍ବାନ୍,୧୯।୪/ଏଜେନ୍ସି:** ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଷ୍ଟାର୍ ଓପ୍ନର୍ ଶେଫାଳୀ ବର୍ମା ଇତିହାସ ରଚିଛନ୍ତି। ୨୨ ବର୍ଷ ୮୧ ଦିନ ବୟସରେ ୧୦୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ଶେଫାଳୀ ସର୍ବକନିଷ୍ଠ ଭାରତୀୟ ହୋଇଛନ୍ତି। ଡର୍ବାନ୍‌ରେ ରବିବାର ଖେଳାଯାଇଥିବା ସାଉଥ୍ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି।



ଏହି କୀର୍ତ୍ତିମାନ ସହ ଶେଫାଳୀ ଜେମିମା ରୋଡ୍ରିଗ୍ସଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଜେମିମା ୨୦୨୪ ମହିଳା ଏସିଆ କପ୍ ଅବସରରେ ୨୩ ବର୍ଷ ଏବଂ ୩୨୭ ଦିନ ବୟରେ ୧୦୦ ଟି-୨୦ ଅନ୍ତର୍ଜାତୀୟ ପୂରଣ କରିଥିଲେ। ଏହି ମାଇଲଷ୍ଟୋନ୍ ହାସଲ କରିବାରେ ଶେଫାଳୀ ବିଶ୍ୱର ତୃତୀୟ ଯୁବ ଖେଳାଳି ହୋଇଛନ୍ତି। ତାଙ୍କ ଆଗରେ କେବଳ ରୁଆଣ୍ଡାର ଜିସେଲ ଇଶିମ୍‌ଓ୍ୱେ ଏବଂ ହେନରିଟେ ଇଶିମ୍‌ଓ୍ୱେ ରହିଛନ୍ତି। ୧୦୦ ଟି-୨୦ ଅନ୍ତର୍ଜାତୀୟ ଖେଳିବାରେ ସେ ଭାରତର ପଞ୍ଚମ ମହିଳା ଖେଳାଳି ହୋଇଛନ୍ତି। ଏହି କ୍ଲବ୍‌ରେ ପୂର୍ବରୁ ହରମନପ୍ରୀତ୍ କୌର୍, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା ଏବଂ ଜେମିମା ରୋଡ୍ରିଗ୍ସ ସାମିଲ ଅଛନ୍ତି। ୨୦୧୯ରେ ମାତ୍ର ୧୫ ବର୍ଷ ୨୩୯ ଦିନ ବୟସୟରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ଶେଫାଳୀ ନିଜର ଆକ୍ରାମଣାତ୍ମକ ଏବଂ ନିର୍ଭୀକ ଖେଳ ପାଇଁ ପ୍ରାରମ୍ଭରୁ ହିଁ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିଥିଲେ। ୨୦୨୪ରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସେ ସାଉଥ୍ ଆଫ୍ରିକା ବିପକ୍ଷରେ ଚମତ୍କାର ଶତକ ହାସଲ କରିଥିଲେ। ଏହା ସେ ସମୟରେ ମହିଳା ଟେଷ୍ଟ ଇତିହାସରେ ଦ୍ରୁତତମ ଶତକ ଥିଲା। ଗତବର୍ଷ ଭାରତର ମହିଳା ବିଶ୍ୱକପ୍ ବିଜୟରେ ସେ ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ବିପକ୍ଷରେ ୮୭ ରନ୍ କରିଥିବା ବେଳେ ଗୋଟିଏ ୱିକେଟ୍ ମଧ୍ୟ ନେଇଥିଲେ।




### ଦେଶ ବିଦେଶ

# ଇଟାଲୀରେ ଦୁଇ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା

### ହତ୍ୟାକାରୀ ମଧ୍ୟ ଜଣେ ଭାରତୀୟ ବୋଲି ଅନୁମାନ କରାଯାଉଛି

**ନୂଆଦିଲ୍ଲୀ,୧୯।୪/ଏଜେନ୍ସି:** ଇଟାଲୀରେ ୨ ଭାରତୀୟ ବଂଶୋଦ୍ଭବ (ଶିଖ୍ ସମ୍ପ୍ରଦାୟର)ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଉତ୍ତର ଇଟାଲୀର ବର୍ଗାମୋ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଏହା ଏକ ଶିଳ୍ପ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଏକ ମାତା ସାହିବ କୌର ଜୀଙ୍କ ଗୁରୁଦ୍ୱାରା ରହିଛି। ତେବେ ବିଳମ୍ବିତ ରାତିରେ ଯେତେବେଳେ ମୃତକ ଦ୍ୱୟ ଗୁରୁଦ୍ୱାରରୁ ବାହାରକୁ ଆସୁଥିଲେ, ସେତେବେଳେ ସେମାନଙ୍କ ଉପରେ ହଠାତ୍ ଗୁଳିଚାଳନା କରାଯାଇଥିଲା। ଜଣେ ସନ୍ଦିଗ୍ଧ ଯୁବକ ଏମାନଙ୍କ ଉପରେ ଅତର୍କିତ ଭାବେ ଗୁଳିମାଡ଼ କରିଥିଲା ଏବଂ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ତେବେ ଅଭିଯୁକ୍ତ ଜଣେ ଭାରତୀୟ ବୋଲି ବିଶ୍ୱାସ କରାଯାଉଛି। ଇଟାଲୀ ପୁଲିସ୍, ମୃତକଙ୍କ ସହ କାହାର କୌଣସି ବିବାଦ ଥିଲା କି ନାହିଁ ସେନେଇ ଯାଞ୍ଚ କରୁଛି। ଇଟାଲୀ ପୁଲିସ୍ ଦର୍ଶାଇଛି ଯେ, ଘଟଣା ଘଟିବାର କିଛି ମିନିଟ୍ ମଧ୍ୟରେ ସହରକୁ ସିଲ୍ କରାଯାଇଛି, ଏବଂ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି। ହଠାତ୍ ଗୁଳି ଚାଳନା ଯୋଗୁଁ ସହରରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ମୃତକଦ୍ୱୟ ହେଲେ ୪୮ ବର୍ଷୀୟ ରାଜିନ୍ଦର ସିଂହ ଏବଂ ୪୮ ବର୍ଷୀୟ ଗୁରମୀତ ସିଂହ୍। ରାଜିନ୍ଦର ସିଂହ କୋଭୋରେ ରହୁଥିଲେ, ଯେତେବେଳେ ଗୁରମୀତ ସିଂହ ନିକଟବର୍ତ୍ତୀ ଆଗ୍ନାଡେଲିଓ ଅଞ୍ଚଳର ବାସିନ୍ଦା ଥିଲେ। ପୁଲିସ୍ ଘଟଣାସ୍ଥଳରୁ ପ୍ରାୟ ୧୦ଟି ବ୍ୟବହୃତ କାର୍ଟ୍ରିଜ୍ ଜବତ କରିଛି। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣ ପୂର୍ବ ଯୋଜନାବଦ୍ଧ ଥିଲା। ପ୍ରାଥମିକ ପୋଲିସ ତଦନ୍ତରୁ ଜଣାପଡିଛି ଯେ ଏହା ଏକ ଝଗଡ଼ା ନୁହେଁ ବରଂ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କରାଯାଇଥିବା ଏକ ଲକ୍ଷ୍ୟଭେଦୀ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଆକ୍ରମଣକାରୀ ମଧ୍ୟ ଭାରତୀୟ ବଂଶୋଦ୍ଭବ ଏବଂ ସ୍ଥାନୀୟ ଶିଖ ସମ୍ପ୍ରଦାୟର ଜଣେ ଜଣାଶୁଣା ବ୍ୟକ୍ତି ଥିଲେ; ସେ ପ୍ରାୟତଃ ଗୁରୁଦ୍ୱାରକୁ ଆସୁଥିଲେ।

# ଭାରତ-ରୁଷ୍ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ମସ୍କୋ, ୧୯।୪/ଏଜେନ୍ସି:** ଭାରତ ଏବଂ ରୁଷ ମଧ୍ୟରେ 'ରେସିପ୍ରୋକାଲ୍ ଏକ୍ସଚେଞ୍ଜ୍ ଅଫ୍ ଲଜିଷ୍ଟିକ୍ ସପୋର୍ଟ' (ରେଲୋସ୍) ପ୍ରତିରକ୍ଷା ଚୁକ୍ତି ଏବେ ଲାଗୁ ହୋଇଛି। ଏହି ଚୁକ୍ତି ଅଧୀନରେ ଉଭୟ ଭାରତ ଏବଂ ରୁଷ୍ ଏବେ ପରସ୍ପରର ଭୌଗୋଳିକ ସୀମାଞ୍ଚଳରେ ପ୍ରାୟ ୩୦୦୦ ସୈନିକଙ୍କୁ ମୁତୟନ କରିପାରିବେ। ଉଭୟ ଦେଶ ସେମାନଙ୍କର ୫ଟି ଲେଖାଏ ଯୁଦ୍ଧ ଜାହାଜ ଏବଂ ୧୦ଟି ଲେଖାଏ ସାମରିକ ବିମାନ ମୁତୟନ କରିବାକୁ ମଧ୍ୟ ଚୁକ୍ତିନାମା ହୋଇଛି। ଏହି ଚୁକ୍ତିର ବିଶେଷତା ହେଉଛି ଯେ, ଦୁଇ ଦେଶର ସେନା ଏଣିକି ପରସ୍ପରର ମିଲିଟାରୀ ବେସ୍, ଏୟାରବେସ୍ ଏବଂ ବନ୍ଦର ବ୍ୟବହାର କରିପାରିବେ, ଯାହା ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସାମରିକ ମୁତୟନ ଏବଂ ଅପରେସନ୍ ସହଜ ହେବ। ଏହି ଚୁକ୍ତିରେ ଇନ୍ଧନ, ପାଣି, ମରାମତି, ବୈଷୟିକ ସମ୍ବଳ ଏବଂ ଅନ୍ୟାନ୍ୟ ଜରୁରୀ ଯୋଗାଣ ସୁବିଧାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ବିମାନଗୁଡ଼ିକ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଏବଂ ବିମାନ ଚଳାଚଳ ସମ୍ବନ୍ଧୀୟ ସେବା ମଧ୍ୟ ଉପଲବ୍ଧ ହେବ। ବାସ୍ତବରେ ଏହି ଚୁକ୍ତି ଫେବୃଆରୀ ୨୦୨୫ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଡିସେମ୍ବର ୨୦୨୫ରେ ରୁଷ ଏହାକୁ ମଞ୍ଜୁରୀ ଦେଇଥିଲା। ଏହା ୫ ବର୍ଷ ପାଇଁ ଲାଗୁ ରହିବ।

# କୋଲକାତା ଡିସିପିଙ୍କ ଘରେ ଇଡି ଚଢ଼ଉ

**କୋଲକାତା, ୧୯।୪/ଏଜେନ୍ସି:** ପଶ୍ଚିମବଙ୍ଗରେ ଜଣେ ଅଭିଯୁକ୍ତ ଅପରାଧୀ ଓ ତାଙ୍କ ସିଣ୍ଡିକେଟ୍ ବିରୋଧରେ ମନିଲଣ୍ଡରିଂ ତଦନ୍ତର ଏକ ଅଂଶ ଭାବରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରବିବାର କୋଲକାତା ପୁଲିସର ଡେପୁଟି କମିସନର ଶାନ୍ତନୁ ସିହ୍ନା ବିଶ୍ୱାସ ଓ ଜୟ କାମଦାର ନାମକ ଜଣେ କମ୍ପାନୀ ମାଲିକଙ୍କ ଘର ତଥା ଅନ୍ୟ ଠିକଣାଗୁଡ଼ିକ ଉପରେ ଚଢ଼ାଉ କରିଛି। ମନିଲଣ୍ଡରିଂ ନିବାରଣ ଆଇନ୍ (ପିଏମ୍‌ଏଲ୍‌ଏ) ଅନୁଯାୟୀ ବିଶ୍ୱାସଙ୍କ ବାସଭବନ ସମେତ ଦୁଇଟି ସ୍ଥାନ ଓ ସନ୍ ଏଣ୍ଟରପ୍ରାଇଜ୍ ନାମକ ଏକ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଜୟ କାମଦାରଙ୍କ ସହ ଜଡିତ ଗୋଟିଏ ସ୍ଥାନରେ ଚଢ଼ାଉ କରାଯାଇଥିଲା। ହତ୍ୟା ଉଦ୍ୟମ ଓ ଚୋରା ଚାଲାଣ ଅଭିଯୋଗରେ ଏକାଧିକ ମାମଲାରେ ବିଶ୍ୱଜିତ ପୋଦ୍ଦାର ଓରଫ ସୋନା ପପ୍ପୁ ବିରୋଧରେ ଥିବା ମନିଲଣ୍ଡରିଂ ମାମଲା ସହ ଏହି କାର୍ଯ୍ୟାନୁଷ୍ଠାନ ଜଡିତ। ଦଙ୍ଗା, ହତ୍ୟା ଉଦ୍ୟମ, ଆପରାଧିକ ଷଡଯନ୍ତ୍ର ଓ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଅଭିଯୋଗରେ ପୋଦ୍ଦାର ବିରୋଧରେ କୋଲକାତା ପୁଲିସ ଏଫ୍‌ଆଇଆର୍ ରୁଜୁ କରିଛି। ଏପ୍ରିଲ ୯ ତାରିଖରେ ଇଡି ଏକ ବିବୃତିରେ କହିଛି ଯେ ପୋଦ୍ଦାରଙ୍କ ସମେତ ଅଭିଯୁକ୍ତମାନେ ପଶ୍ଚିମବଙ୍ଗରେ ସଂଗଠିତ ଆପରାଧିକ ସିଣ୍ଡିକେଟ୍ କାର୍ଯ୍ୟକଳାପରେ ଲିପ୍ତ ଥିଲେ ଏବଂ ଏହିପରି ଅପରେସନ ମାଧ୍ୟମରେ ବେଆଇନ ଭାବରେ ପାଣ୍ଠି ସଂଗ୍ରହ କରୁଥିଲେ। କୋଲକାତାର ଗୋଲପାର୍କ ନିକଟ କାଙ୍କୁଲିଆ ରୋଡ୍‌ରେ ହୋଇଥିବା ହିଂସା ମାମଲାରେ ମଧ୍ୟ ପୋଦ୍ଦାର ଜଡ଼ିତ। ବର୍ତ୍ତମାନ ସେ ଫେରାର ଅଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra